

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୫ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 FEBRUARY 2021
Vol.No. 31 ■ No. 44 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କଂଗ୍ରେସର ଓଡିଶା ବନ୍ଦ ଆଜି

## ସକାଳ ୭ଟାରୁ ଦିନ ୧ଟା ଅଖଚକ ସବୁ ବନ୍ଦ



ଭୁବନେଶ୍ୱର,୧୪।୦୨ (ନି.ପ୍ର): ଆସନ୍ତାକାଲି ଓଡିଶା ବନ୍ଦ । ପେଟ୍ରୋଲ, ଡିଜେଲ ଓ ଏଲପିଜି ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଫେବୃଆରୀ ୧୫ରେ ୬ ଘଣ୍ଟିଆ ବନ୍ଦ ଡାକରା ଦେଇଛି ରାଜ୍ୟ କଂଗ୍ରେସ । ଏହିଦିନ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ରାଜ୍ୟରେ ବନ୍ଦ ପାଳନ ହେବ । ତେବେ କଂଗ୍ରେସ କର୍ମୀମାନେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଦ ପାଳନ କରିବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇସାରିଛନ୍ତି । ସାଧାରଣ ଲୋକ ଯେପରି ଏହାଦ୍ୱାରା ଅସୁବିଧାର ସମ୍ମୁଖୀନ ହେବେନି ତା ଉପରେ ଧ୍ୟାନ ଦିଆଯିବ ବୋଲି କୁହାଯାଇଛି । ଆସନ୍ତାକାଲି କଂଗ୍ରେସର ବନ୍ଦ ଡାକରାକୁ ଆଖି ଆଗରେ ରଖି ରାଜ୍ୟରେ ଘରୋଇ ବସ ଚଳାଚଳ ମଧ୍ୟ ବନ୍ଦ ରହିବ । ଏନେଇ ରାଜ୍ୟ ଘରୋଇ ବସ ମାଲିକ ସଂଘର ସମ୍ପାଦକ ମଧ୍ୟ ସୂଚନା ଦେଇସାରିଛନ୍ତି । ତେବେ ଜରୁରୀକାଳୀନ ସେବା ଓ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଜରୁରୀ ଯିବା ଆସିବାରେ କୌଣସି ଅସୁବିଧା ରହିବ ନାହିଁ । ବନ୍ଦ ପାଳନ ବେଳେ ବାହାଘର ଗାଡି ଓ ଅନ୍ତିମ ସଂସ୍କାର ଗାଡିଗୁଡିକ ମଧ୍ୟ ▶▶ପୃଷ୍ଠା ୭

## ବନ୍ଦ ପାଇଁ ସକାଳ ସାଢେ ୯ଟା ସୁଦ୍ଧା ଅଫିସ୍‌ରେ ପହଂଚିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ସୋମବାର ରାଜ୍ୟ କଂଗ୍ରେସ ପକ୍ଷରୁ ୬ ଘଂଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଥିବାରୁ ଉକ୍ତ ଦିନ ସରକାରୀ କର୍ମଚାରୀଙ୍କୁ ସକାଳ ସାଢେ ୯ଟା ସୁଦ୍ଧା କାର୍ଯ୍ୟାଳୟରେ ପହଂଚିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଲ୍ଲେଖନୀୟ ଯେ ଓ ସମ୍ପର୍କରେ ଗତ ଶୁକ୍ରବାର ଦିନ ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଡ. ସନ୍ତୋଷ ବାଲା ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ , ପ୍ରମୁଖ ଶାସନ ସଚିବ , କମିଶନର ତଥା ସ୍ୱତନ୍ତ୍ର ସଚିବ ମାନଙ୍କ ଚିଠି ଲେଖି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଜଣାଇଥିଲେ । ବନ୍ଦ ବେଳେ ଯାନ ବାହାନ ଓ ରେଳ ଚଳାଚଳ, ବ୍ୟାବସାୟିକ ପ୍ରତିଷ୍ଠାନ , ସରକାରୀ କାର୍ଯ୍ୟାଳୟ, ମାର୍କେଟ୍ , ପେଟ୍ରୋଲ ପମ୍ପ୍ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ , ମୁଖ୍ୟ ଦପ୍ତର ଇତ୍ୟାଦି ସରକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କୁ ସକାଳ ସାଢେ ୯ଟା ସୁଦ୍ଧା ପହଂଚିବାକୁ କୁହାଯାଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉକ୍ତ ଦିନ ସାଢେ ୧୦ଟା ସୁଦ୍ଧା ଲୋକସେବା ▶▶ପୃଷ୍ଠା ୭

# କେରଳରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

## କେରଳ ଓ ଦକ୍ଷିଣ ଭାରତର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବ : ପ୍ରଧାନମନ୍ତ୍ରୀ



କେରଳ/ଭୁବନେଶ୍ୱର,୧୪।୦୨ (ନି.ପ୍ର): କେରଳର କୋଚି ଠାରେ ରବିବାର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ସମେତ ଏକବିଂଶ ଶତାବ୍ଦୀର ଏକାଧିକ ଭିତିଭୂମି ପ୍ରକଳ୍ପ ଗୁଡିକ କେରଳ ତଥା ଦକ୍ଷିଣ ଭାରତର ସାମଗ୍ରିକ ଶିଳ୍ପ ଏବଂ ଅର୍ଥନୀତି ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ସେହିପରି ଲୋକାର୍ପିତ ହୋଇଯାଇଥିବା ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼(ବିପିସିଏଲ)ର ୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଚି ବିଶୋଧନାଗାରର ଅତ୍ୟାଧୁନିକ ପ୍ରୋପିଲିନ ଡେରିଭେଟିଭ ପେଟ୍ରୋକେମିକାଲ ପ୍ରୋଜେକ୍ଟ (ପିଡ଼ିପିପି) ପ୍ଲାଂଟ୍‌ରେ ବିଦେଶରୁ ଆମଦାନୀ ହେଉଥିବା ସର୍ବୋତ୍କୃଷ୍ଟ ମାନର ପେଟ୍ରୋକେମିକାଲ ଉତ୍ପାଦ ଉତ୍ପାଦନ କରାଯିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଏକ ବିଶାଳ ସମାରୋହରେ ▶▶ପୃଷ୍ଠା ୭

## ଆସନ୍ତା କାଲି ଠାରୁ ବିଧାୟକଙ୍କର ହେବ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ବିଧାନସଭା ବଜେଟ୍ ଅଧିବେଶନ ପୂର୍ବରୁ ସୋମବାର ଠାରୁ ବିଧାୟକ ମାନଙ୍କର କୋବିଡ ଟେଷ୍ଟ ହେବ । ଆଗାମୀ ୧୭ ତାରିଖ ପର୍ଯ୍ୟନ୍ତ ବିଧାନସଭା ପରିସରରେ କୋଭିଡ୍ ଟେଷ୍ଟ ହେବ । ବିଧାୟକମାନଙ୍କ ସହିତ ସେମାନଙ୍କର ସୁରକ୍ଷାକର୍ମୀ, ଡ୍ରାଇଭରମାନଙ୍କର ମଧ୍ୟ କୋଭିଡ୍ ପରୀକ୍ଷା କରାଯିବ । ଉଲ୍ଲେଖନୀୟ ଯେ ଆଗାମୀ ୧୮ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି ।

## କାଲି ୭ ଘଣ୍ଟା ପାଇଁ ବନ୍ଦ ରହିବ 'ମୋ ବସ୍' ସେବା

ଭୁବନେଶ୍ୱର,୧୪।୦୨ (ନି.ପ୍ର): ବସ ଯାତ୍ରୀଙ୍କ ପାଇଁ ବଡ ଖବର । କାଲି ୭ ଘଣ୍ଟା ପାଇଁ ବନ୍ଦ ରହିବ ମୋ ବସ ସେବା । କଂଗ୍ରେସର ଓଡିଶା ବନ୍ଦ ଡାକରା ନେଇ କ୍ରୁଟ ପକ୍ଷରୁ ସୂଚନା । କାଲି ସକାଳୁ ଦିନ ୨ଟା ଯାଏଁ ବନ୍ଦ ରହିବ ମୋ ବସ ସେବା । ଦିନ ୨ଟା ପରେ ସ୍ୱାଭାବିକ ହେବ ବସ ଚଳାଚଳ । ସେହିପରି ବନ୍ଦ ପାଳନ ଯୋଗୁଁ ଘରୋଇ ବସ ସେବା ମଧ୍ୟ ବନ୍ଦ ରହିବ । ଆସନ୍ତାକାଲି ଦିନ ୧ଟା ଯାଏଁ ଘରୋଇ ବସ ଚଳାଚଳ ବନ୍ଦ ରହିବ । ସକାଳ ୬ଟାରୁ ଦିନ ଗୋଟାଏ ଯାଏଁ ୭ ଘଣ୍ଟା ଧରି ରାଜ୍ୟରେ ବସ ଚଳାଚଳ ବନ୍ଦ ରହିବ ବୋଲି ସୂଚନା ମିଳିଛି । ସେହିପରି ବନ୍ଦ ପାଳନ ଯୋଗୁଁ ରାଜ୍ୟରେ ସ୍କୁଲ, କଲେଜ ମଧ୍ୟ କାଲି ବନ୍ଦ ରହିବ । ସୂଚନାଯୋଗ୍ୟ, ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଓଡ଼ିଶା ବନ୍ଦ ଡାକରା ଦେଇଛି । କାଲି ସକାଳ ୭ଟାରୁ ଦିନ ୧ଟା ଯାଏଁ ଏହି ବନ୍ଦ ପାଳନ ହେବ । ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ କଂଗ୍ରେସ ଏହି ବନ୍ଦ ପାଳନ କରିବ ବୋଲି ପୂର୍ବରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇସାରିଛନ୍ତି । ତେବେ ଏହି ସମୟରେ ଔଷଧ ଦୋକାନ ଓ ଜରୁରୀକାଳୀନ ସେବାକୁ ବାଦ୍ ଦିଆଯାଇଛି ।

### ଆନ୍ଧ୍ର ଓ ପଡ଼ୋଶୀ ରାଜ୍ୟ ସହ ସୀମା ବିବାଦ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୪।୦୨ (ନି.ପ୍ର): ଆନ୍ଧ୍ରପ୍ରଦେଶ ହେଉ ଅଥବା ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ମାନଙ୍କ ସହ ଆମର ସୀମା ବିବାଦ ଅନେକ ସମୟରେ ତିକ୍ତତା ସୃଷ୍ଟି କରୁଛି । ସମୟ ଥାଉ ଥାଉ ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନ ନେଲେ ହୁଏତ ଆମକୁ ଆହୁରି ଖରାପ ସମୟର ସାମ୍ନା କରିବାକୁ ପଡ଼ିପାରେ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆନ୍ଧ୍ରପ୍ରଦେଶ ହେଉ ଅଥବା ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ମାନଙ୍କ ସହ ସୀମା ବିବାଦ ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଆମ ରାଜ୍ୟର ଭୌଗଳିକ ସୀମାକୁ ସୁରକ୍ଷିତ କରିବା ଏବଂ ସୀମାନ୍ତ ଅଂଚଳରେ ରହୁଥିବା ଆମର ଭାଇ ଭଉଣୀ ମାନଙ୍କୁ ଓଡ଼ିଶା ସହ ଯୋଡ଼ି ରଖିବା ଆମ ସମସ୍ତଙ୍କର ଦାୟିତ୍ୱ । ତେବେ ଗତକାଲି ଆନ୍ଧ୍ର ଓଡ଼ିଶା ଭୌଗଳିକ ସୀମାରେ ପଶି କୋରାପୁଟ ▶▶ପୃଷ୍ଠା ୭

## କାର୍‌କୁ ଟାର୍ଗେଟ କରି ବୋମା ମାଡ଼

ଭୁବନେଶ୍ୱର,୧୪।୦୨ (ନି.ପ୍ର): ରାଜଧାନୀର ଜନଗହଳିପୂର୍ଣ୍ଣ ରାସ୍ତାରେ କାର୍‌କୁ ଟାର୍ଗେଟ କରି ବୋମାମାଡ଼ । ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଅଭିଯୁକ୍ତ ଖସି ଯିବାରେ ସଫଳ ହୋଇଛି । ଗତ ରାତି ପ୍ରାୟ ୯ଟାରେ କଟକ ରୋଡ୍‌ରେ ଯାଉଥିବା ଏକ କାର୍‌କୁ ଟାର୍ଗେଟ କରି ବୋମାମାଡ଼ ହୋଇଛି । ବାଇକ୍‌ରେ ଆସି ୨ ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି । ବୋମାମାଡ଼ରେ କାର୍‌ଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ କେହି ଆହତ ହୋଇନାହାନ୍ତି । ତେବେ ଘଟଣାସ୍ଥଳରୁ ଗୋଟିଏ ବୋମା ଜବତ ହୋଇଛି । ଆଉ ଏକ ବୋମାକୁ ପୁଲିସ୍ ନିଷ୍କ୍ରିୟ କରିଛି ।

## ଆଜିଠାରୁ ଫାସ୍‌ଟ୍ୟାଗ୍ ବାଧ୍ୟତାମୂଳକ : ନଥିଲେ ଦୁଇଗୁଣା ଗଣିବେ ଟୋଲ୍ ଫି




ଭୁବନେଶ୍ୱର,୧୪।୦୨ (ନି.ପ୍ର): ନିଷ୍ପତ୍ତିକୁ ପ୍ରାୟ ଦେଢ଼ମାସ ଗଡ଼ାଇବା ପରେ ଆସନ୍ତାକାଲି ମଧ୍ୟରାତ୍ରିରୁ ବାଧ୍ୟତାମୂଳକ ହେବ ଫାସ୍‌ଟ୍ୟାଗ୍ । ରାଜ୍ୟର ଟୋଲଗେଟ୍ ଗୁଡ଼ିକରେ ମଧ୍ୟରାତ୍ରିରୁ ଏହି ନିୟମକୁ କଡ଼ାକଡ଼ି କରାଯିବ । ଫାସଟ୍ୟାଗ୍ ନଥିଲେ ଗାଡ଼ି ଚାଳକ ପୂର୍ବ ନିଷ୍ପତ୍ତି ମୁତାବକ ଦୁଇ ଗୁଣା ଟୋଲ୍ ଫି ଗଣିବେ । କେନ୍ଦ୍ର ପରିବହନ ମନ୍ତ୍ରାଳୟ ପକ୍ଷରୁ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଚଳିତ ବର୍ଷ ଆରମ୍ଭରୁ ଚାରି ଚକିଆ ସମେତ ଭାରିଯାନ ଗୁଡ଼ିକ ପାଇଁ ଫାସ୍‌ଟ୍ୟାଗ୍ ନିୟମ ଲାଗୁ କରିବାକୁ ଯୋଜନା କରିଥିଲେ କେନ୍ଦ୍ର ସରକାର । ପରବର୍ତ୍ତୀ ସମୟରେ ଏହାର ଅବଧି ବଢ଼ାଇଦେଇଥିଲେ । ଏହାପୂର୍ବରୁ ପଞ୍ଜିକରଣ ସମୟ ସୀମାକୁ ଏକାଧିକ ଥର ବୃଦ୍ଧି କରାଯାଇଥିଲା । ଏଣିକି ଅର୍ଥାତ ଆସନ୍ତାକାଲି ମଧ୍ୟରାତ୍ରିରୁ ଟୋଲଗେଟ୍ ଗୁଡ଼ିକରେ ଫାସଟ୍ୟାଗ୍ ବାଧ୍ୟତାମୂଳକ ବୋଲି କହିଛି କେନ୍ଦ୍ର ପରିବହନ ମନ୍ତ୍ରାଳୟ । ଗାଡ଼ିରେ ଫାସଟ୍ୟାଗ୍ ଲଗାଇଥିଲେ ଏବଂ ସକ୍ରିୟ ଥିଲେ ଅଧିକ ଟଙ୍କା ଗଣିବାକୁ ପଡ଼ିବନି କି ଟୋଲ୍ ଗେଟ୍ ଗୁଡ଼ିକରେ ଲମ୍ବାଲାଇନ୍‌ରେ ରହିବାକୁ ପଡ଼ିବନି । ଫାସଟ୍ୟାଗ ଲାଗିଥିବା ହାଲୁକା କିମ୍ବା ଭାରିଯାନ ଗୁଡ଼ିକୁ ଅଟକାଉଥିବା ଇଣ୍ଟରସେପ୍ଟର ତୁରନ୍ତ ଉଠିଯିବ ।

## ରାଜ୍ୟର ସମସ୍ତ ବିଦ୍ୟାଳୟ ଆସନ୍ତା ୨ ଦିନ ବନ୍ଦ ରହିବ




ଭୁବନେଶ୍ୱର,୧୪।୦୨ (ନି.ପ୍ର): କଂଗ୍ରେସ ପକ୍ଷରୁ ଆସନ୍ତା କାଲି ବନ୍ଦ ପାଳନ କରା ଯାଉଥିବାରୁ ଓ ତା ପର ଦିନ ସରସ୍ୱତୀ ପୂଜା ଥିବାରୁ ଆଗାମୀ ଦୁଇ ଦିନ ଧରି ସ୍କୁଲ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି । ସେ କହିଛନ୍ତି ବନ୍ଦ ପାଳନ ଦୃଷ୍ଟିରୁ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି ବୋଲି ସେ କହିଛନ୍ତି । ସେହିପରି ୧୬ ତାରିଖ ଦିନ ସରସ୍ୱତୀ ପୂଜାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ଉଲ୍ଲେଖନୀୟ ଯେ ଆସନ୍ତାକାଲି ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଓଡ଼ିଶା ବନ୍ଦ ଡାକରା ଦେଇଛି ।

## ନ୍ୟୁଜିଲାଣ୍ଡର ସବୁଠୁ ବଡ ସହର ଅକଲାଣ୍ଡରେ ଲକଡାଉନ୍



ନୂଆଦିଲ୍ଲୀ,୧୪।୦୨ : ନ୍ୟୁଜିଲାଣ୍ଡର ସବୁଠୁ ବଡ ସହରରେ ପୁଣି ଫେରିଲା ଲକଡାଉନ୍ । କରୋନା ସଂକ୍ରମଣ ବ୍ୟାପୁଥିବା ଦେଖି ନ୍ୟୁଜିଲାଣ୍ଡ ସରକାର ଅକଲାଣ୍ଡ ସହରରେ ୩ ଦିନ ପାଇଁ ଲକଡାଉନ୍ ଘୋଷଣା କରିଛନ୍ତି । ଏହି ଲକଡାଉନ୍ ରବିବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇ ତିନି ଦିନ ଯାଏଁ ବଳବତ୍ତର ରହିବ । ଏନେଇ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଅର୍ଡନଙ୍କ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅକଲାଣ୍ଡରେ ତିନିଦିନିଆ ଲକଡାଉନ୍ ଘୋଷଣା କରାଯାଇଛି । ଭୂତାଣୁ ଯେଭଳି ଅନ୍ୟ ସହରକୁ ନବ୍ୟାପିବ ସେଥିପାଇଁ ଏଭଳି କଠୋର ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଅକଲାଣ୍ଡ ସହରର କିଛି ଲୋକଙ୍କ ପାଖରେ କରୋନା ଭୂତାଣୁ ଚିହ୍ନଟ ହୋଇଛନ୍ତି । ହେଲେ ଏହା ପୂର୍ବ ଭାଇରସ ତୁଳନାରେ ଭିନ୍ନ ବୋଲି ଜଣାପଡିଛି । ତେଣୁ ଏହା କେତେ ମାରାତ୍ମକ ତା ଏଯାଏଁ ଜଣାପଡିନି । ତେଣୁ ସଂକ୍ରମଣ ବୃଦ୍ଧିକୁ ରୋକିବା ପାଇଁ ନ୍ୟୁଜିଲାଣ୍ଡ ସରକାର ଅକଲାଣ୍ଡ ସହରରେ ତିନିଦିନିଆ ଲକଡାଉନ୍ ଘୋଷଣା କରିଛନ୍ତି ।

## ଦୁଇଦିନିଆ ଜିଲ୍ଲାସ୍ତରୀୟ କୃଷିମେଳାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

### 'ମୃତ୍ତିକାକୁ ଜୀବନ୍ତ ରଖନ୍ତୁ, ଜୈବବିବିଧତାକୁ ସୁରକ୍ଷା ଦିଅନ୍ତୁ' : ପ୍ରତାପ ଷଡଙ୍ଗୀ



ବାଲେଶ୍ୱର,୧୪।୦୨ (ନି.ପ୍ର): ମୃତିକାର ସ୍ୱାସ୍ଥ୍ୟ ପରିଚାଳନା ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ । ଭବିଷ୍ୟତ ବଂଶଧରଙ୍କ ଖାଦ୍ୟ ସୁରକ୍ଷା ଓ ଜୀବଜଗତର ସୁରକ୍ଷା ନିମନ୍ତେ ମୃତିକା ସୁରକ୍ଷାର ଅତ୍ୟନ୍ତ ଆବଶ୍ୟକତା ରହିଛି । ଏଥି ନିମନ୍ତେ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା କରାଯାଇ ମୃତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ, ଜୈବିକ କୃଷି, ଜୈବିକ ଖତସାର, ମାଟିର ଆବଶ୍ୟକତା ଅନୁସାରେ ଅନୁମୋଦିତ ସାର ପ୍ରୟୋଗ, ଫସଲର ବିବିଧିକରଣ ଓ ସଠିକ୍ ଜଳ ପରିଚାଳନା ଆଦି ଦିଗରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ନୀଳଗିରି ଠାରେ ଆୟୋଜିତ ଦୁଇଦିନିଆ ଜିଲ୍ଲା ସ୍ତରୀୟ କୃଷିମେଳାରେ ଯୋଗ ଦେଇ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏହା କହିଛନ୍ତି । ସେ କହିଛନ୍ତି ଯେ ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ନିମନ୍ତେ ଖାଦ୍ୟର ଚାହିଦା ମେଂଟାଇବା ପାଇଁ ଅଧିକରୁ ଅଧିକ ଫସଲ ଉତ୍ପାଦନ ନିମନ୍ତେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବ୍ୟବହାର, ଜଙ୍ଗଲ କ୍ଷୟ, ଶିଳ୍ପ ଓ ବାସଗୃହର ବର୍ଜ୍ୟବସ୍ତୁ ମାଟିରେ ମିଶିବା ଆଦି ଅନେକ କାରଣରୁ ମାଟିର ଉର୍ବରତା ନଷ୍ଟ ହୋଇଚାଲିଛି । ସେ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ହେବା ଆବଶ୍ୟକ । ନୀଳଗିରି ଠାରେ ଆୟୋଜିତ ଦୁଇଦିନିଆ ଜିଲ୍ଲା ସ୍ତରୀୟ କୃଷିମେଳାରେ ଶ୍ରୀ ଷଡଙ୍ଗୀ ଭ୍ରାମ୍ୟମାଣ ମୃତିକା ପରୀକ୍ଷାଗାର ଉଦ୍ଘାଟନ କରିଥିଲେ । ମାଟି ପରୀକ୍ଷାକୁ ବ୍ୟାପକ କରିବା ତଥା ଗ୍ରାମାଂଚଳରେ କୃଷକ ମାନଙ୍କୁ ମାଟିର ମାନ ନିର୍ଦ୍ଧାରଣ ସହିତ ମୃତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ବନ୍ଧରେ ସଚେତନାତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ । ▶▶ପୃଷ୍ଠା ୭

## ଆସାମରେ ରାହୁଲ ଗାନ୍ଧୀଙ୍କ ରାଲି

### ସରକାରକୁ ଆସିଲେ ସିଏଏ ଲାଗୁ ନକରିବାକୁ ଦେଲେ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୧୪।୦୨ (ନି.ପ୍ର): ଆସାମରେ ବିଜେପିକୁ ଜୋରଦାର ଟାର୍ଗେଟ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ରବିବାର ଶିବସାଗରରେ ଆୟୋଜିତ ଏକ ଜନସଭାରେ ଉଦବୋଧନ ଦେଇ ରାହୁଲ ସିଏଏ ବିରୋଧରେ ଗର୍ଜିବା ସହିତ ମୋଦୀ ସରକାରକୁ ନିନ୍ଦା କରିଛନ୍ତି । ରାହୁଲ କହିଛନ୍ତି, ଆସାମରେ ଯଦି କଂଗ୍ରେସ ସରକାର ଆସିବ ତେବେ ସେଠାରେ ସିଏଏ କଦାପି ଲାଗୁ କରାଯିବ ନାହିଁ । ଆପଣଙ୍କୁ ଦେଶର ଯେତିକି ଆବଶ୍ୟକତା ଅଛି, ଦେଶକୁ ମଧ୍ୟ ଆସାମର ସେତିକି ଆବଶ୍ୟକତା ଅଛି ବୋଲି ରାହୁଲ ଆସାମବାସୀଙ୍କୁ ଉଦବୋଧନ ଦେଇ କହିଛନ୍ତି । ଏହାସହ ଆସାମକୁ କ୍ଷତି ପହଞ୍ଚାଇବାକୁ ସେ କେବେ ବି ଦେବେନି ବୋଲି କହିଥିଲେ । ଏହାସହ ରାହୁଲ କହିଛନ୍ତି ଯେ, ଆସାମରୁ ସବୁଠୁ ବଡ ମୁଦ୍ଦା ହେଉଛି ବେରୋଜଗାରୀ । ଆସାମର ଯୁବଶକ୍ତି ଜାଣିଛନ୍ତି ଯେ, ବିଜେପି ସରକାରରେ ସେମାନଙ୍କୁ ରୋଜଗାର ମିଳିପାରିବନି । ତେଣୁ ସେମାନେ କଂଗ୍ରେସକୁ ଭୋଟ୍ ଦେବାକୁ ଇଚ୍ଛା ରଖିଛନ୍ତି । ଅନ୍ୟପଟେ ସରକାର ନୂଆ କୃଷି ଆଇନ୍ ଆଣି ଚାଷୀଙ୍କ ଚାଷ ▶▶ପୃଷ୍ଠା ୭

ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# ଭଣ୍ଡାରିପୋଖରୀ ବିଧାୟକଙ୍କ ବାସଭବନ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟିର ଧାରଣା

ଭଦ୍ରକ,୧୪।୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଆଜି ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଭଦ୍ରକ ଜିଲାର ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଫୁଲ୍ଲ ସମାଲଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ । ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଏ ସଂପର୍କରେ ତାଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା । ଦୁଇ ଦିନ ପୂର୍ବେ କମିଟି ତରଫରୁ ବିରୋଧ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ବାଭବନ ସାମନାରେ ଧାରଣା ଦିଆଯାଇଥିଲା । ଏବଂ ଗତକାଲି ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ବାସଗୃହ ଆଗରେ ଧାରଣାରେ ବସିଥିଲେ । ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ଦୃଷ୍ଟିରୁ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ଭଦ୍ରକବାସୀ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବୀ କରି ଆସୁଥିଲେ ମଧ୍ୟ, ସରକାର ଏହାକୁ ଅଣଦେଖା କରି ଆସୁଛନ୍ତି । ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ରାଜ୍ୟରେ ମେଡିକାଲ ପ୍ରତିଷ୍ଠା ସଂପର୍କରେ ଘୋଷଣା ହୋଇଥିଲେ ମଧ୍ୟ ଭଦ୍ରକ ସେଥିରୁ ବାଦ ପଡିଛି । ଭଦ୍ରକ ଆଖପାଖ ପଡୋଶୀ ଜିଲାର ବହୁ ଜନସଂଖ୍ୟା ସ୍ୱାସ୍ଥ୍ୟ ସେବା ନିମନ୍ତେ ଭଦ୍ରକ ଉପରେ ନିର୍ଭର କରୁଥିଲେ ହେଁ,ଏହା କହିବା ବାହୁଲ୍ୟ, ଭଦ୍ରକରେ ସ୍ୱାସ୍ଥ୍ୟ ସେବା ବର୍ତ୍ତମାନ ବିପର୍ଯ୍ୟସ୍ତ ସ୍ଥିତିରେ ପହଞ୍ଚିଛି । ଶିକ୍ଷା ଭଳି ସ୍ୱାସ୍ଥ୍ୟ ସେବା ଏକ ମୌଳିକ ଆବଶ୍ୟକତା । କିନ୍ତୁ ଭଦ୍ରକର ରୋଗୀମାନଙ୍କୁ ବାରମ୍ବାର କଟକ ମେଡିକାଲ ପଠାଯାଉଥିବାରୁ , ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଅଧାରୁ ଅଧିକ ଜନସଂଖ୍ୟା ଏଥି ନିମନ୍ତେ ହନ୍ତସନ୍ତ ହେଉଛନ୍ତି । ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭଦ୍ରକରେ ସମସ୍ତ ଭିତ୍ତିଭୂମି ଉପଲବ୍ଧ ରହିଛି । ୨୦୨୦ ମସିହା ଫେବୃୟାରୀ ମାସ ପତ୍ରରେ




କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟ ସରକାରଙ୍କୁ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ସଂପର୍କରେ ଏକ ପତ୍ର ଆସିଥିଲା । ଏହି ପତ୍ରରେ ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସଂଖ୍ୟା ଲଘୁ ମନ୍ତ୍ରାଳୟକୁ ପ୍ରସ୍ତାବ ପଠାନ୍ତୁ ବୋଲି ଅନୁରୋଧ କରାଯାଇଥିଲା । ଫଳରେ 'ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ' ଆଧାରରେ ଏହା କାର୍ଯ୍ୟକାରୀ ହୋଇପାରିବ । ଏହି ପତ୍ରରେ କେନ୍ଦ୍ର ସରକାରଙ୍କ ତରଫରୁ ସମୁଦାୟ ଅଂଶଧନର ୬୦% ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ, ରାଜ୍ୟ ସରକାର ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କାହିଁକି ପ୍ରସ୍ତାବ ଦେଉନାହାନ୍ତି, ଏହା ଭଦ୍ରକବାସୀଙ୍କ ପାଇଁ ରହସ୍ୟର କାରଣ ହୋଇ ରହିଛି । କ୍ରିୟାନୁଷ୍ଠାନ କମିଟି ତରଫରୁ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯାଇଛି । ଆଗାମୀ ଦିନରେ ଭଦ୍ରକର ସାଂସଦ ଏବଂ ଚାନ୍ଦବାଲି ବିଧାୟକ ଓ ବାସୁଦେବପୁର ବିଧାୟକଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବାର ଯୋଜନା ରହିଛି । ଆବଶ୍ୟକ ହେଲେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଚାଲିଥିବା ସମୟରେ କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱରରେ ଧାରଣାରେ ବସିବ । ଏହି ଆନ୍ଦୋଳନ ସହିତ ଭଦ୍ରକବାସୀଙ୍କର ସ୍ୱାଭିମାନ ଓ ଭାବାବେଗ ଜଡିତ ରହିଥିବାରୁ ଦାବୀ ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ପଷ୍ଟ ଶବ୍ଦରେ ଘୋଷଣା କରାଯାଇଛି ।

## ଗୁପ୍ତେଶ୍ୱରକୁ ଓ ଦେଓମାଳି ପର୍ବତ ଶୃଙ୍ଖଳାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳି ରୁପେ ବିଶ୍ୱସ୍ତରୀୟ ମାନ୍ୟତା ଦିଆଯାଉ : ଭାଜପା ରାଜ୍ୟ ସଭାପତି

ଜୟପୁର,୧୪।୨ (ନି.ପ୍ର): ଭାରାତୀୟ ଜନତା ପାର୍ଟିର ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ଦଳ ଆସି କୋଟିଆ ଗ୍ରାମ ଯେଉଁଠି ଆନ୍ଧ୍ର ନିଜର ବୋଲି ଦାବୀ କରିଛି ସେଠାକୁ ଯାଇ ସେଠାକାର ପରିସ୍ଥିତିକୁ ଅନୁଧ୍ୟାନ କରି ଓଡିଶା ଓ ଆନ୍ଧ୍ର ସୀମାରେ ଥିବା ପାଟୁସିନେରି ଗ୍ରାମକୁ ଯାଇ ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ସମସ୍ୟା ଓ ରାଜ୍ୟ ସରକାରଙ୍କ ଅବହେଳାରେ କିପରି ଆନ୍ଧ୍ର ପ୍ରଦେଶ ସୀମା ଅତିକ୍ରମ କରି ଓଡିଶାର କୋଟିଆ ପଂଚାୟତକୁ ନିଜ ସୀମା ସହ ମିଶାଇବାକୁ ଯୋଜନା କରୁଥିଲା ସେ ବିଷୟରେ ବୁଝିଥିଲେ । ପ୍ରଥମେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୋଟିଆ ଗସ୍ତ ପରେ ଓଡିଶା ସରକାରଙ୍କ ନିଦ ଭାଙ୍ଗିଲା । ପରିପୂର୍ଣ୍ଣ ତତ୍ପରତା ଅଭାବ କାରଣରୁ ସେଠାରେ ନିର୍ବାଚନ ହୋଇଛି । ଯାହକି ବିଗତ ଦିନରେ ସେଠାକୁ ରାଜ୍ୟ ସଭାପତି ସମିର ମହାନ୍ତିଙ୍କ ନେତୃତ୍ୱରେ ୧୦ ଜଣିଆ ଟିମରେ କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ସହ ଜିଲା ସାଂଗଠନିକ ସଦସ୍ୟ ମାନେ ସେଠାକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଫେରିଥିଲେ । ଏହି ନିର୍ବାଚନକୁ ଭାଜପା ଘୋର ବିରୋଧ କରିଛି । ରାଜ୍ୟ ସଭାପତି ସମିର ମହାନ୍ତି ଓ ତାଙ୍କ ନେତୃତ୍ୱରେ ଆସିଥିବା ୧୦ ଜଣିଆ କମିଟି ଏବଂ କୋରାପୁଟ ଜିଲା ସଭାପତି, ଜିଲା ସଙ୍ଗଠନ ପଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଂଚାୟତ ଯାଇ ସେଠାକର ପ୍ରାକୃତିକ ଦୃଶ୍ୟ ଦେଖି ମୁଗ୍ଧ ଦେବା ସହ ରାଜ୍ୟ ସରକାରଙ୍କ ଅପରଗତା ତଥା ଅବହେଳା ସକାଶେ ଏହି ଅଂଚଳରେ କୌଣସି ବିକାଶ ହୋଇ ନଥିବା ଉଲ୍ଲେଖ କରିଛନ୍ତି । ରାଜ୍ୟସଭାପତି, ଓ ବିରୋଧି ଦଳ ନେତା ପ୍ରଦୀପ୍ତ ନାୟକଙ୍କ କୁନ୍ଦୁରା, ଲିମା, କୁସୁମି, ବୈପାରିଗୁଡା, ଗୁପ୍ତେଶ୍ୱର ଗସ୍ତ ହୋଇଥିବା ସମୟରେ ସେଠାକାର ଲୋକଙ୍କ ସହ ମିଶି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଯାହାକି ରାଜ୍ୟ ସରକାରଙ୍କ ଅପରଗତା ପ୍ରମାଣିତ କରିଥିଲା । ଗଣ ମାଧ୍ୟମ ଦ୍ୱାରା ରାଜ୍ୟ ସରକାରଙ୍କୁ ଓଡିଶା ସରକାର ମୁକୁଟ କୁହାଯାଉଥିବା ଦେଓମାଳି ପର୍ବତକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳି ରୁପେ ଘୋଷଣା କରାଯାଉ । ଗୁପ୍ତେଶ୍ୱରକୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଥିବା ବେଳେ ଏଠାରେ ବସବାସ କରୁଥିବା ଆଦିବାସୀ ଦୁରୁଆ ସମାଜକୁ ଅନ୍ୟ ଜିଲାରେ ଏବଂ ସୀମାନ୍ତ ରାଜ୍ୟରେ ଆଦିବାସୀ ମାନ୍ୟତା ପାଇବା ବେଳେ ଏହି ଜିଲାରେ ଅବହେଳିତ ହୋଇ ରହିଛନ୍ତି । ରାଜ୍ୟ ସରକାରଙ୍କ ଇଛା ଶକ୍ତିର ଅଭାବ ଯୋଗୁଁ ଏହି ସମାଜ ଆଦିବାସୀ ମାନ୍ୟତା ପାଇବାରେ ବଂଚିତ ହୋଇଛି । ରାଜ୍ୟ ରୁ ଆସିଥିବା କମିଟି ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ସମସ୍ତ ଆଲୋଚନା ପରେ ରାଜ୍ୟ ସରକାରଙ୍କ ନିକଟରେ ଅତି ଶିଘ୍ର ଗୁପ୍ତେଶ୍ୱରକୁ ବିଶ୍ୱ ସ୍ତରୀୟ ମାନତ୍ୟ ଓ ଦୁରୁଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତି ଦିଆଯାଉ ବୋଲି ସରକାରଙ୍କ ନିକଟରେ ଦାବି କରିଥିବା ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଜିଲା ସଭାପତି ସୁମନ୍ତ ପ୍ରଧାନ ଜଣାଇଛନ୍ତି ।

## ରୋଟାରୀ ତରଫରୁ 'ପରିଚୟ ଏକ ସାକ୍ଷାତକାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ଭୁବନେଶ୍ୱର ,୧୪।୨ (ନି.ପ୍ର): ରୋଟାରୀ କ୍ଲବ ଭୁବନେଶ୍ୱର ସେଂଟିନିଆଲ ତରଫରୁ ରୋଟାରୀ ଡ଼ିଷ୍ଟ୍ରିକ୍ଟ୍ ୩୨୬୨ର ୨୦୨୧-୨୨ ବର୍ଷ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିଜ ନିଜ ମଧରେ 'ପରିଚୟ ଏକ ସାକ୍ଷାତକାର' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ରୋଟାରୀ ଡ଼ିଷ୍ଟ୍ରିକ୍ଟ୍ ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ରୋଟାରୀୟାନମାନେ ନିଜ ନିଜର କର୍ତବ୍ୟ ସଠିକ୍ ରୂପେ ସମ୍ପାଦନ କରିପାରିଲେ ଆମ୍ଭର ଏହି ଡିଷ୍ଟ୍ରିକ୍ଟ୍ ୩୨୬୨ ଅଧିକରୁ ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଡିଷ୍ଟ୍ରିକ୍ଟ୍ ଟ୍ରେନର ପିଡ଼ିଜି ରୋଟାରିୟାନ ଶିବବ୍ରତ ଦାସ, ଡ଼ିଷ୍ଟ୍ରିକ୍ଟ୍ ଓରିଏଂଟେସନ ଚେୟାର ପିଡ଼ିଜି ରୋଟାରିୟାନ ଭବାନୀ ଚୌଧୁରୀ, ଡ଼ିଷ୍ଟ୍ରିକ୍ଟ୍ ଏକଜ୍ୟୁଟିଭ ସେକ୍ରେଟାରୀ ରୋଟାରିୟାନ ଶ୍ରୀନିବାସ ପୃଷ୍ଟି, ଫାଷ୍ଟ ଲେଡି ରୋଟାରିୟାନ ଝରଣା ଦାସ, ପରିଚୟ ଏକ ସାକ୍ଷାତକାରର ଚେୟାରମ୍ୟାନ ରୋଟାରିୟାନ ଶୁଭକାନ୍ତ ସାମନ୍ତସିଂହାର, କ୍ଲବ ସଭାପତି ରୋଟାରିୟାନ କେ.ସି. ଦାସ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ସହିତ ଡିଷ୍ଟ୍ରିକ୍ଟ୍ ୩୨୬୨କୁ ଅଧିକ ସକ୍ରିୟ ଓ ଲୋକାଭିମୁଖୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୩୩ଟି କ୍ଲବର ନିର୍ବାଚିତ ସଭାପତି ଓ ସମ୍ପାଦକମାନେ ଯୋଗଦାନ କରିଥିଲେ ।

## ଅଦାଲତ ଆଦେଶ ଅମାନ୍ୟ କରି ପୋଖରୀ ଖନନ

### ବିରୋଧ କରିବାକରୁ ମରଣାନ୍ତକ ଆକ୍ରମଣ : ଥାନାରୁ ମିଳୁନାହିଁ ନ୍ୟାୟ

ଜଳେଶ୍ୱର,୧୪।୨ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗାଁରେ ଘରୋଇ ସମ୍ପତ୍ତି ନେଇ ଦୀର୍ଘଦିନ ଗଣ୍ଡଗୋଳ ଚାଲିବା ପରେ କୋର୍ଟରେ ମାମଲା ହେବାରୁ କୋର୍ଟ ନିର୍ଦ୍ଦେଶକ୍ରମେ ଭାଗବଣ୍ଟନାରା ହୋଇଥିଲା । କିନ୍ତୁ ଜଣେ ଏହି ଆଦେଶକୁ ଅମାନ୍ୟ କରି ଏକ ଚାଷଜମିରେ ପୋଖରୀ ଖୋଳିବାରୁ ବିରୋଧ କରାଯାଇଥିଲା । ଫଳରେ ଗଣ୍ଡଗୋଳ, ବାଡିଆପିଟା ହୋଇଥିଲା । ଏବେ ପୁଣି ପୋଖରୀ ଖୋଳା ହେଉଥିବାବେଳେ ମାନ୍ୟବର କୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୋଖରୀ ଖୋଳା ଚାଲିଛି । ଏଥିନେଇ ରାଇବଣିଆ ପୁଲିସ୍‌କୁ ଜଣାଇ ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାର ଜଣାଯାଇଛି । ଘଟଣାରୁ ପ୍ରକାଶ ଦକ୍ଷିଣ ପ୍ରହରାଜପୁର ଗାଁର ମାର୍କଣ୍ଡ ଘୋଷଙ୍କର ତିନି ପୁଅ ଗଂଗାଧର, ସୃଷ୍ଟିଧର ଓ ନିରଞ୍ଜନଙ୍କ ମଧ୍ୟରେ ଜମି ଗଣ୍ଡଗୋଳ ହୋଇଥିଲା । ଫଳରେ ଜଳେଶ୍ୱର ସିଭିଲ ଜଜ୍ ଜୁନିଅର ଡିଭିଜନ୍ ଅଦାଲତରେ ୩୫୦/୧୭ ମାମଲା ଯୋଗେ ଜମିବାଡି ବଣ୍ଟନର ଫଇସଲା ହୋଇଥିଲା ଓ ପଟ୍ଟା ପାଉତି ହାସଲ ହୋଇଥିଲା । କିନ୍ତୁ ନିରଞ୍ଜନ ଘୋଷ ଗଂଗାଧରଙ୍କ ପୁଅ ଅଶୋକଙ୍କ ଜମିରେ ପୋଖରୀ ଖୋଳି ଆସୁଛନ୍ତି । ଅଶୋକ ବିରୋଧ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏବେ ଗତ ଫେବୃଆରୀ ୬ ତାରିଖରେ ନିରଞ୍ଜନ ଏକ ଜେସିବି ଦ୍ୱାରା ପୋଖରୀ ଖୋଲୁଥିବାରୁ ଗଣ୍ଡଗୋଳ ଉପୁଜିଥିଲା । ଏଥିରେ ନିରଞ୍ଜନଙ୍କ ସ୍ତ୍ରୀ ସ୍ନେହଲତା, ପୁଅ ଶିଶିର, ସୁନୀଲ, ସୁଧୀର ପ୍ରମୁଖ ଆକ୍ରମଣକରିଥିବାର ଅଭିଯୋଗ ହୋଇଛି । ଏଥିନେଇ ଅଶୋକ ଜଳେଶ୍ୱର ସିନିୟର ସିଭିଲ ଜଜ୍‌ଙ୍କ କୋର୍ଟରେ ଅନ୍ୟଏକ ମାମଲା ରୁଜୁ କରିଥିଲେ । ମାନ୍ୟବର କୋର୍ଟ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ଏବଂ ଥାନାରେ ଏହା ଜଣାଇଥିଲେ ମଧ୍ୟ ପୋଖରୀ ଖୋଳା ବନ୍ଦ ହୋଇନଥିବାର ଅଶୋକ କୁମାର ଘୋଷ ପ୍ରକାଶ କରିଛନ୍ତି ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ମାଲକାନଗିରି,୧୪।୨ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଛି ସଡକ ସୁରକ୍ଷା ସଚେତନତା ସୃଷ୍ଟି ଅଭିଯାନ । ଆଜିର କାର୍ଯ୍ୟକ୍ରମରେ ଓର୍କେଲ ଥାନାଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ,କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ସଡକ ସୁରକ୍ଷା ଅନ୍ତର୍ଗତ ବିଭିନ୍ନ ନିୟମାବଳୀ ଉପରେ ଆଲୋକପାତ କରିଥିଲେ । ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ କହିଥିଲେ ଯେ ବର୍ତମାନ ଆବେଦନ ପ୍ରକ୍ରିୟା ଆହୁରି ସରଳ ହେବା ଅନଲାଇନରେ କିପରି ଡି.ଏଲ ଆବେଦନ କରିପାରିବେ ଏ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ସମସ୍ତ ଛାତ୍ର ଛାତ୍ରୀ ମାନେ ପୋଷ୍ଟର ବ୍ୟାନର ମାଧମରେ ବିଭିନ୍ନ ସଚେତନତା ବାର୍ତା ବହନ କରୁଥିବା ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ ! ଅଭିଯାନ ସମୟରେ ଯେଉଁ ଚାଳକ ମାନେ ହେଲମେଟ ଓ ସିଟବେଲ୍ଟ ପିନ୍ଧି ଗାଡ଼ି ଚଳାଇଛନ୍ତି ସେମାନଙ୍କୁ ପୋଲିସ ତରଫରୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକାଙ୍କ ସହ ପ୍ରଭାକର ସୁନା,ଗଣେଶ ପଟ୍ଟନାୟକ,ବାଳକୃଷ୍ଣ ପ୍ରଧାନ,ଦିବାକର ସୁନା, ଭଗବାନ ସାହୁ, ହୃଷୀକେଶ ସେଠୀ, ବାପୁଜୀ ସ୍ୱାଇଁ,ଜ୍ୟୋତି ରସ୍ମଜନ ବେହେରା ଓ ଅଶୋକ ଆଡ୍ୟ ପ୍ରମୁଖ ଉପସ୍ଥିତ ରହି ଅଭିଯାନଟିକୁ ପରିଚାଳନା କରାଇଥିଲେ ।

## କୁଲାଡ଼ି ଗ୍ରାମରେ ପହଂଚିଲେ ପ୍ରଶାସନିକ ଅଧିକାରୀ

ଗଞ୍ଜାମ,୧୪।୨ (ନି.ପ୍ର): ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାତ୍ରପୁର ବ୍ଲକ୍ ଅନ୍ତର୍ଗତ କୁଲାଡ଼ି ଗ୍ରାମରେ ପହଂଚିଛନ୍ତି ପ୍ରଶାସନିକ ଅଧିକାରୀ । ବ୍ରହ୍ମପୁର ଉପଜିଲ୍ଲାପାଳ ଓ ପାତ୍ରପୁର ବିଡ଼ିଓ ଘଟଣାସ୍ଥଳରେ ପହଂଚି ସ୍ଥିତିର ଅନୁଧାନ କରୁଛନ୍ତି । ଗାଁ ଲୋକଙ୍କ ସୁବିଧା ଅସୁବିଧା ବାବଦରେ ପଚାରି ବୁଝୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଆଜି ସେହି ଅଂଚଳରେ ଆନ୍ଧ୍ରପ୍ରଦେଶର ପଚାଂୟତ ନିର୍ବାଚନ ନିମନ୍ତେ ଭୋଟ୍ ଗ୍ରହଣ ହୋଇଥିବାରୁ ପ୍ରଶାସନିକ ଅଧିକାରୀଙ୍କ ଗସ୍ତ ରହିଥିବା ଜଣାପଡିଛି । ଆନ୍ଧ୍ର ସରକାର ସମ୍ପୃକ୍ତ ଅଂଚଳକୁ ନିଜର ଅଂଚଳ ବୋଲି ଦର୍ଶାଉଥିବାରୁ ଏବଂ ନିର୍ବାଚନ କରାଉଥିବାରୁ ସ୍ଥିତି ଅନୁଧାନ ପାଇଁ ଜିଲ୍ଲା ପ୍ରଶାସନ ସେଠାରେ ପହଂଚି ସ୍ଥିତି ଅନୁଧାନ କରିଛନ୍ତି । ଅନ୍ୟପକ୍ଷରେ କୁଲାଡ଼ି ଗାଁରେ କିଛି ଆନ୍ଧ୍ର ଭୋଟର ଥିବାରୁ ବିବାଦ ଲାଗିରହିଛି ।

## ସକ୍ଷମର ଦୁଇଦିବସୀୟ ଅଖିଳ ଭାରତୀୟ ପ୍ରଦେଶ ସଚିବ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର ,୧୪।୨ (ନି.ପ୍ର): ଦିବ୍ୟାଙ୍ଗମାନଙ୍କ ପାଇଁ କାର୍ଯ୍ୟରତ ସକ୍ଷମ ସଂଗଠନର ଅଖିଳ ଭାରତୀୟ ୨ଦିନିଆ ପ୍ରଦେଶ ସଚିବ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇ ଯାଇଛି । ଭୁବନେଶ୍ୱର ମଂଚେଶ୍ୱର ସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିର ସେବାଭବନରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ଗିରି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି । ସକ୍ଷମର ଅଖିଳ ଭାରତୀୟ ଅଧକ୍ଷ ଡ. ଦୟାଲ ସିଂହ ପନୱାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେଇ ମାର୍ଗ ଦର୍ଶନ କରିଥିଲେ । ଏ ହ ି ସମ୍ମିଳନୀରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରୀୟ ପରାମର୍ଶଦାତା ଡ. ସୁକୁମାରଜୀ, ସକ୍ଷମର ରାଷ୍ଟ୍ରୀୟ ପରିଷଦ ଅଧକ୍ଷ ଉମେଶ ଅନ୍ଧାରେ, ରାଷ୍ଟ୍ରୀୟ ସଂପାଦକ କମଳକାନ୍ତ ପାଣ୍ଡେ,ଆରଏସ୍ଏସ୍‌ର ଅଖିଳ ଭାରତୀୟ ସହସେବା ପ୍ରମୁଖ ରାଜକୁମାର ମଟାଲେ, ସକ୍ଷମର ସମସ୍ତ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ,ଦେଶର ସମସ୍ତ ରାଜ୍ୟରୁ ସଂଗଠନର ପ୍ରଦେଶ ଅଧକ୍ଷ, ସଂପାଦକମାନେ ଯୋଗ ଦେଇଛନ୍ତି । ପ୍ରାୟତଃ ୧୪୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀରେ ଭାଗ ନେଇଛନ୍ତି । ଏହି ଦୁଇ ଦିନିଆ ସମ୍ମିଳନୀରେ ଦିବ୍ୟାଙ୍ଗମାନଙ୍କ ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ସଂପର୍କରେ ଆଲୋଚନା,ସେମାନେ କିପରି ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ, ଭାରତ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନାରୁ ସେମାନେ କିପରି ଉପକୃତ ହୋଇ ପାରିବେ, ଦିବ୍ୟାଙ୍ଗମାନଙ୍କ ପୂର୍ନବାସର ଯୋଜନା ଆଦି ବିଷୟରେ ଏହି ସମ୍ମିଳନୀରେ ମାନସ ମନ୍ଥନ କରାଯାଉଛି । ଏହି ସମ୍ମିଳନୀରେ ଦିବ୍ୟାଙ୍କମାନଙ୍କ ବିକାଶ ପାଇଁ ଯେଉଁ ନିର୍ଯ୍ୟାସ ବାହାରିବ ତାହାକୁ ଭାରତ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ । ଏତଦ୍ ବ୍ୟତୀତ ହରିଦ୍ୱାର ନେତ୍ରକୁମ୍ଭ, ସୁରଦାଶ ଜୟନ୍ତୀ, କୋଭିଡ ସମୟରେ ସେବାକାର୍ଯ୍ୟ, ପ୍ରଶିକ୍ଷଣ ବର୍ଗ, ନେତ୍ରଦାନ ଆଦି ବିଷୟରେ ମଧ ଚର୍ଚ୍ଚା ଆଲୋଚନା ହେଉଅଛି । ଏହି ସମ୍ମିଳନୀ ୧୪ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବ । ଉଦ୍‌ଯାପନୀ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଆଣ୍ଡାମାନ, ପଶ୍ଚିମବଙ୍ଗ ଓ ଓଡିଶାର କ୍ଷେତ୍ର କାର୍ଯ୍ୟବାହ ଅଧାପକ ଗୋପାଳ ପ୍ରସାଦ ମହାପାତ୍ର ଓ ଅଖିଳ ଭାରତୀୟ ସହସେବା ପ୍ରମୁଖ ରାଜକୁମାର ମଟାଲେ ଉପସ୍ଥିତ ରହି ମାର୍ଗଦର୍ଶନ କରିବେ ।

## ଅଭିଭାବକ ଓ ଶିକ୍ଷକ, ଶିକ୍ଷୟତ୍ରୀ ବୈଠକ

ଜୟପୁର,୧୪।୨ (ନି.ପ୍ର): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅଭିଭାବକ ଓ ଶିକ୍ଷକ, ଶିକ୍ଷୟତ୍ରିଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୦ମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଅଭିଭାବକ ବୃନ୍ଦ ଯୋଗ ଦାନ କରିଥିଲେ । ଏହି ବୈଠକରେ ବାର୍ଷିକ ହାଇସ୍କୁଲ ପରୀକ୍ଷା ପାଇଁ ଛାତ୍ର ଛାତ୍ରୀଙ୍କ ପ୍ରାକ୍ ପ୍ରସ୍ତୁତି ନିମନ୍ତେ ସରକାର ତଥା ବିଦ୍ୟାଳୟ ତରଫରୁ ନିଆଯାଇଥିବା ଅଭିନବ ପ୍ରୟାସ ଉପରେ ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ । ଅଭିଭାବକ ମାନେ ମଧ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଶିକ୍ଷା ଦାନ ଓ କାର୍ଯ୍ୟଶୈଳୀ ଉପରେ ସନ୍ତୋଷ ବ୍ୟକ୍ତ କରି ଉଚ୍ଚ ପ୍ରଶଂସା କରିଥିଲେ । ଅଭିଭାବକ ମାନେ ସଚେତନ ହେଲେ ଏବଂ ନିୟମିତି ପିଲା ମାନଙ୍କୁ ବିଦ୍ୟାଳୟକୁ ପଠାଇବା ସହ ଗୃହ କର୍ମ ନିମନ୍ତେ ପିଲା ମାନଙ୍କୁ ଦିଆଯାଇଥିବା ପାଠକୁ ତଦାରଖ କଲେ ଛାତ୍ର ଛାତ୍ରୀ ମାନେ ଭଲ କରିବେ ବୋଲି ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ । ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଜିଲା ଶିକ୍ଷକ ଓ ଶିକ୍ଷାପ୍ରଶିକ୍ଷଣ ପ୍ରଚେଷ୍ଟାରେ ଶିକ୍ଷକ ପ୍ରଶିକ୍ଷକ ନିରସିଂହ ମୁର୍ମୁ ଏବଂ ସୁଶାନ୍ତ କୁମାର ମହାରଣା ଯୋଗ ଦାନ କରିଥିଲେ ।

## ଅବକାରି ବିଭାଗର ଅତର୍କିତ ଚଢାଉ

ଜୟପୁର,୧୪।୨ (ନି.ପ୍ର): ଜୟପୁର ବ୍ଲକର ବିଭିନ୍ନ ଅଂଚଳରେ ଦେଶୀ ମଦ ବ୍ରହ୍ମପୁରରୁ ଆସିଥିବା ଅବକାରୀ ତଦନ୍ତ ଟିମ ଓ ଜୟପୁର ଅବକାରୀ ବିଭାଗ ଅତର୍କିତ ଭାବେ ଚଢାଉ କରି ମଦ ଭାଟି ଭାଙ୍ଗିଛି । ଥାନା ପକ୍ଷରୁ ମିଳିତ ଭାବେ ଚଢାଉ କରିଛି । ଜୟପୁର ବ୍ଲକ ଗଡପଦର ପଂଚାୟତ ନିଳାଗୁଡାରେ ମଦ ଧରପଗଡ କରିଛି । ଗାଁ ପାଖ ଜଙ୍ଗଲିଆ ସ୍ଥାନରେ ମଦ ରନ୍ଧା ଯାଉଥିବା ଖବର ପାଇ ଅବକାରୀ ବିଭାଗ ଚଢାଉ କରିଥିଲା । ଟିମକୁ ଦେଖି ମଦ ରାନ୍ଧୁଥିବା ବ୍ୟକ୍ତି ମାନେ ଚମ୍ପଟ ମାରିଥିଲେ । ଏହି ଟିମ୍ ୧୧ ଟି ମଦ ଭାଟି ଭାଙ୍ଗିବା ସହ ୨ ହଜାର ୭ ଶହ ଲିଟର ପୋଚ ଏବଂ ୨୭୦ ଲିଟର ମଦ ସହ ରନ୍ଧା ସାମଗ୍ରୀ ନଷ୍ଟ କରିଥିଲା । ମଦ ରନ୍ଧାରେ ବ୍ୟବହୃତ ଡ୍ରମ, ହଣ୍ଡା ସହ ଅନ୍ୟ ସାମଗ୍ରୀ ଜବତ କରିଛି ।

## ୧୪ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଉଦ୍‌ଘାଟିତ

### ଓଡ଼ିଶୀ ନୃତ୍ୟ ଡ୍ରାମା , ଅନୁପ ଜଲୋଟାଙ୍କ ସୁମଧୁର ଭଜନ ଓ ଗଜଲରେ ମନ୍ତ୍ରମୁଗ୍ଧ ଦର୍ଶକ

ଭୁବନେଶ୍ୱର ,୧୪।୨ (ନି.ପ୍ର): ତ୍ରିଧାରା ଅନୁଷ୍ଠାନ ଦ୍ୱାରା ୧୪ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଶନିବାର ଉଦଘାଟିତ ହୋଇଯାଇଛି । ପ୍ରାରମ୍ଭରେ ସମ୍ମାନିତ ଅତିଥି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଜୀବନ ଅବଦାନ ପାଇଁ ଭଜନ ସମ୍ରାଟ ପଦ୍ମଶ୍ରୀ ପଣ୍ଡିତ ଅନୁପ ଜଲୋଟାଙ୍କୁ ଆଜୀବନ ଆଚିଭମେଂଟ ଆୱାର୍ଡ ପ୍ରଦାନ କରାଯାଇଥିଲା । ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ଡ୍ୟାନ୍ସ ଡ୍ରାମା 'ସଂକ୍ଷିପ୍ତ ରାମାୟଣ' । ଏହି ନୃତ୍ୟ ନାଟିକାକୁ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଏବଂ ଏହାର ସଂଗୀତ ସଂଯୋଜନା କରିଥିଲେ ଗୁରୁ ପଣ୍ଡିତ ହରମୋହନ ଖୁଂଟିଆ । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ଭଜନ ସମ୍ରାଟ ପଦ୍ମଶ୍ରୀ ପଣ୍ଡିତ ଅନୁପ ଜଲୋଟାଙ୍କ ଦ୍ୱାରା ଭଜନ ଏବଂ ଗଜଲ ପରିବେଶଣ । ସେ ତାଙ୍କର କିଛି ଲୋକପ୍ରିୟ ଭଜନ ଯଥା ଐସି ଲାଗି ଲଗନ୍, ମେନ୍ ନାହି ମାଖନ୍ ଖାୟୋ, ରଙ୍ଗ ଦେ ଚୁନରିୟା, ଜାଗ୍ ମେ ସୁନ୍ଦର ହେ ଦୋ ନାମ ଇତ୍ୟାଦି ପରିବେଶଣ କରିଥିଲେ । ସନ୍ଧ୍ୟାର ସଂଗୀତ କାର୍ଯ୍ୟକ୍ରମର ଉତ୍କୃଷ୍ଟ ଉପସ୍ଥାପନା ଦ୍ୱାରା କଳା ସଂଯୋଜକମାନେ ଆକର୍ଷିତ ହୋଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ପଣ୍ଡିତ ଅନୁପ ଜଲଟାଙ୍କ ଭଜନ ଓ ଗଜଲକୁ ମନଭରି ଉପଭୋଗ କରିଥିଲେ । ତାଙ୍କୁ ତବଲାରେ ପଣ୍ଡିତ ପ୍ରଶନଜିତ୍ ପୋଦାର, ବଂଶିରେ ପ୍ରଫେସର ଜବାହାର ମିଶ୍ର, ସାରଙ୍ଗିରେ ପଣ୍ଡିତ ରାମଲାଲ ମିଶ୍ର, କିବୋଡ଼ରେ କୌଶିକ୍ ମୁଖାର୍ଜୀ ଓ ଗିଟାରରେ ଅରିନ୍ଦମ୍ ଘୋଷ ସହଯୋଗ କରିଥିଲେ । ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା; ପ୍ରମୁଖ ଆୟକର କମିଶନର ଧୀରେନ୍ଦ୍ର କୁମାର ମିଶ୍ର; ଲୋକ ସେବକ ମଣ୍ଡଳର ସଚିବ ତଥା ସମାଜ ଖବର କାଗଜର ପ୍ରକାଶକ ନିରଞ୍ଜନ ରଥ; ଟିମ୍ ଆର୍ଡ଼ ମାର୍କର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର; କାଦମ୍ବିନୀ ପତ୍ରିକାର ସମ୍ପାଦକ ଡ଼. ଇତି ସାମନ୍ତ; ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଂଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଇ. ଶ୍ରୀନିବାସ ଘଟୁଆରୀ । ଏହି ଉତ୍ସବ ୧୩ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ରବିନ୍ଦ୍ର ମଣ୍ଡପରେ ଆୟୋଜିତ ହେବ ।

## ଜିଲାପାଳ ଓ ଏସପିଙ୍କୁ ଘେରିଲା ବିଜେପି ଟିମ୍

କୋରାପୁଟ,୧୪।୨ (ନି.ପ୍ର): ଓଡ଼ିଶାରେ ଆନ୍ଧ୍ରର ବେଆଇନ ନିର୍ବାଚନକୁ ବିରୋଧ କରିଛି ବିଜେପି । ଏନେଇ ବିଜେପି ନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଜିଲାପାଳ ଓ ଏସପିଙ୍କୁ ଘେରିଛି ବିଜେପି ଟିମ୍ । ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଆନ୍ଧ୍ର ନିର୍ବାଚନ କରିଥିବା, ଏରିକି ନିର୍ବାଚନ ବେଳେ ଓଡ଼ିଶାର କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନଥିବା ବିଜେପି ପକ୍ଷରୁ ଅଭିଯୋଗ ହୋଇଛି ।

## ରାମ କୃଷ୍ଣ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ଏକ୍ସପୋଜର୍ ଭିଜିଟ୍ କାର୍ଯ୍ୟକ୍ରମ

ବୌଦ୍ଧ,୧୪।୨ (ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବିରନରସିଂହପୁର ଠାରେ ଥିବା ରାମ କୃଷ୍ଣ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ର ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ଏକ୍ସପୋଜର ଭିଜିଟ୍ କାର୍ଯ୍ୟକ୍ରମ ସମ୍ପାଦକ ନବୀନ ବଘାର ନେତୃତ୍ୱରେ ସମ୍ପାଦିତ ହୋଇଯାଇଛି । ଶିଶୁମାନେ ନବୋଦୟ ବିଦ୍ୟାଳୟ, ଶିଳ୍ପତାଲିମ କେନ୍ଦ୍ର, ଜିଲ୍ଲା ସଂଗ୍ରହାଳୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ କଲ୍ୟାଣ ସମିତି ପରିଦର୍ଶନ କରିଥିଲେ। ପ୍ରଥମେ ଜବାହାର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ବିଜ୍ଞାନ ପ୍ରୟୋଗଶାଳା, ଚିତ୍ରାଙ୍କନ କକ୍ଷ, ସଙ୍ଗୀତ କକ୍ଷ, କମ୍ପ୍ୟୁଟର୍ କକ୍ଷ, ଭୋଜନ କକ୍ଷ, ସମସ୍ତ ଶ୍ରେଣୀ କକ୍ଷ ଏବଂ ବିଦ୍ୟାଳୟ କ୍ୟାମ୍ପସ୍ ପରିଦର୍ଶନ କରି ଥିଲେ । ଶିଶୁମାନଙ୍କୁ ବିଜ୍ଞାନ ପ୍ରୟୋଗ ଶାଳାରେ ଭୌତିକ ଏବଂ ରସାୟନ ପ୍ରଣାଳୀରେ ପରିକ୍ଷଣ କରିବା ପାଇଁ ସୁଯୋଗ ପ୍ରଦାନ କରିଶିକ୍ଷା ଦିଆ ଯାଇଥିଲା । ପ୍ରିନ୍ସପାଲ୍ ଜୋଲି ଟୋମୀଙ୍କ ଦ୍ୱାରା ଏକ ସମ୍ବୋଧନା ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସଭାରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ଲକ୍ଷ ହାସଲ କରିବା ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ ଏବଂ ଆଗାମୀ ଦିନରେ କେମିତି ଶିଶୁମାନେ ଜବାହାର ନବୋଦୟ ବିଦ୍ୟାଳୟ ସୁଯୋଗ ପାଇ ପାଠ ପଢି ପାରିବେ ତାହାମତ ବ୍ୟକ୍ତ କରିଥିଲେ । ପରେ ଜିଲ୍ଲା ଶିଳ୍ପ ତାଲିମ୍ କେନ୍ଦ୍ର ଠାରେ ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ ଏବଂ ଅନୁଷ୍ଠାନ ଅଧକ୍ଷ ,ସମସ୍ତ ବିଭାଗ ବିଷୟରେ ସମ୍ୟକ ଧାରଣା ବକ୍ତ୍ୟବ ରଖିଥିଲେ । ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ । ଐତିହାସିକ ବୌଦ୍ଧ ଜିଲ୍ଲା ସଂଗ୍ରାହଳୟ ଭ୍ରମଣକରି ଶିଶୁମାନେ ନିଜର ଜ୍ଞାନ ଏବଂ ଖୁସି ବ୍ୟକ୍ତକଲେ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ କଲ୍ୟାଣ ସମିତି ଭ୍ରମଣକର ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## ସନ୍ଥ ପ୍ରଣାମୀ ଉତ୍ସବ : ମହର୍ଷି ବ୍ୟାସଦେବଙ୍କ ପାଇଁ ସଂସ୍କୃତ ଭାଷା ଓ ଭାରତବର୍ଷର ସଂସ୍କୃତି ବଂଚିଛି

ଭୁବନେଶ୍ୱର ,୧୪।୨ (ନି.ପ୍ର): ମହର୍ଷି ବ୍ୟାସଦେବଙ୍କ ପାଇଁ ସଂସ୍କୃତ ଭାଷା ଓ ସଂସ୍କୃତି ବଂଚିରହିଛି ବୋଲି ଶନିବାର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ସନ୍ଥ ପ୍ରଣାମୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ସନ୍ଥ ପ୍ରଣାମୀ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ସନ୍ଥ ଦିବ୍ୟଜୀବନ ସଂଘର ରାଷ୍ଟ୍ରୀୟ ଉପାଧକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ଭାରତୀୟ ଋଷି ପରମ୍ପରାର ଆମେ ଜଣେ ଜଣେ ଦାୟାଦ । ଆମ ଭାଷା ଓ ସଂସ୍କୃତି ବିଶ୍ୱରେ ଅଦ୍ୱିତୀୟ । ଆମ ସଂସ୍କୃତି ହେଉଛି ଅଗ୍ନିର ସଂସ୍କୃତି । ଆମକୁ ଯିଏ ଯାହା ଦିଏ ଆମେ ତାକୁ ହଜାର ଗୁଣରେ ଫେରାଇଥାଉ । ସ୍ୱାମିଜୀ ଯଜ୍ଞରେ ଘୃତ ଆହୂତିର ଉଦାହରଣ ଦେବା ସହ ପୁରାଣରେ ଜଗନ୍ନାଥ ମହାତ୍ମ୍ୟ କଥାର ବାଖ୍ୟା କରିଥିଲେ । ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ଭାରତବର୍ଷରେ ବ୍ୟାସଦେବଙ୍କ ଭଳି ଅନନ୍ୟ ପ୍ରତିଭାମାନେ ଜନ୍ମ ନେଉଥିବାରୁ ଆମେ ଗର୍ବିତ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ପରେ ପୂର୍ବତନ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି, ପୂର୍ବ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର ତାଙ୍କର ଜନ୍ମଦିନ ଉପଲକ୍ଷେ ୭୦ ହଜାର ଟଙ୍କାର ଏକ ଚେକ୍ ଜଣେ ଏକାଦଶ ଶ୍ରେଣୀ ଛାତ୍ରର ଦୁଇବର୍ଷର ଖାଦ୍ୟ ଖର୍ଚ୍ଚ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀଙ୍କୁ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ବାବା ଅଭିରାମ ସରସ୍ୱତୀ, ବାବା ବାଳକାନନ୍ଦ ଦାସ ପ୍ରମୁଖ ଏହି ମହାନ କାର୍ଯ୍ୟର ପ୍ରଶଂସା କରିଥିଲେ । ଶେଷରେ ଜ୍ୟୋତିପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଲିବାକୁ ଯାଆନ୍ତୁ ଶାଶୂ-ବୋହୂ ମନ୍ଦିର



ଭାରତବର୍ଷରେ ବହୁ ପ୍ରାଚୀନ ମନ୍ଦିର ରହିଛି । ଏହି ମନ୍ଦିରଗୁଡ଼ିକ ସମ୍ପର୍କରେ କିଛି ଜଣା ଅଜଣା ତଥ୍ୟ ମଧ୍ୟ ରହିଛି । ସେହିପରି ଏକ ମନ୍ଦିର ମଧ୍ୟପ୍ରଦେଶର ଗ୍ୱାଲିଅର୍‌ରେ ରହିଛି, ଯାହା ଶାଶୂ-ବୋହୂ ମନ୍ଦିର ନାଁରେ ଜଣାଶୁଣା । ଏହି ମନ୍ଦିରଟି ଶାଶୂ-ବୋହୂ ସମ୍ପର୍କର ପ୍ରତୀକ ବୋଲି କୁହାଯାଏ । ତେବେ ଏହି ମନ୍ଦିରର ନାଁ ଶାଶୂ-ବୋହୂ ମନ୍ଦିର କିପରି ହେଲା, ଇତିହାସରେ ସେନେଇ ରୋଚକ ତଥ୍ୟ ସବୁ ରହିଛି ।୧୧୦୦ ଶତାବ୍ଦୀରେ ମଧ୍ୟପ୍ରଦେଶର ଗ୍ୱାଲିଅର୍‌ରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଖୁବ୍ ଆକର୍ଷଣୀୟ । ଏବେ ମନ୍ଦିରଟି ଭଗ୍ନ ଅବସ୍ଥାରେ ରହିଛି । ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ପରିମାଣ ସ୍ୱରୂପ ଏହି ମନ୍ଦିରର ଅନେକ ଅଂଶ ଭାଙ୍ଗି ଯାଇଥିବା କୁହାଯାଉଛି । ତେବେ ଭଗ୍ନାବସ୍ଥା ସତ୍ତ୍ୱେ ଶିଳ୍ପୀଙ୍କ ଦ୍ୱାରା ମନ୍ଦିରରେ ହୋଇଥିବା ନିଖୁଣ କାରୁକାର୍ଯ୍ୟ ନିଜ ପୂର୍ବ ଗୌରବ ବଜାୟ ରଖିଛି ।

**କିପରି ହେଲା 'ଶାଶୂ-ବୋହୂ' ନାମକରଣ:**

ମନ୍ଦିରର ଶିଳାଲେଖରେ ଖୋଦିତ ତଥ୍ୟ ଅନୁସାରେ, ଏହାକୁ ୧୦୯୩ ଖ୍ରୀଷ୍ଟାବ୍ଦରେ କଚ୍ଛପଘଟ ରାଜବଂଶର ରାଜା ମହିପାଳ ଏହାକୁ ନିର୍ମାଣ କରିଥିଲେ । ତେବେ ମନ୍ଦିରର ନାମକରଣକୁ ନେଇ ଇତିହାସରେ ଭିନ୍ନ ଭିନ୍ନ କାହାଣୀ ରହିଛି । ଇତିହାସରେ ଥିବା ଏକ କାହାଣୀ ଅନୁସାରେ, ରାଜା ମହିପାଳଙ୍କ ରାଣୀ ଭଗବାନ ବିଷ୍ଣୁଙ୍କର ବଡ଼ ଭକ୍ତ ଥିଲେ । ତେଣୁ ରାଣୀ ବିଷ୍ଣୁଙ୍କୁ ପୂଜା କରିବା ପାଇଁ ରାଜା ଏହି ମନ୍ଦିର ନିର୍ମାଣ କରାଇଥିଲେ । ଯାହା ବିଷ୍ଣୁଙ୍କର ଅନ୍ୟ ନାମ ସଶସ୍ତ୍ର ବାହୁ ନାମରେ ନାମିତ ହୋଇଥିଲା । ଏହା ପରେ ରାଜା ମହିପାଳଙ୍କ ବୋହୂ ଭଗବାନ ଶିବଙ୍କର ଭକ୍ତ ଥିବାରୁ ସେ ଶିବଙ୍କ ଉଦ୍ଦେଶ୍ୟରେ ସଶସ୍ତ୍ର ବାହୁ ମନ୍ଦିର ନିକଟରେ ଅନ୍ୟ ଏକ ମନ୍ଦିର ନିର୍ମାଣ କରାଇଥିଲେ । ପରେ ଏହି ଦୁଇଟି ମନ୍ଦିରକୁ ସଶସ୍ତ୍ର ବାହୁ ମନ୍ଦିର ବୋଲି କୁହାଯାଉଥିଲା ।ତେବେ ଶାଶୂ ଓ ବୋହୂଙ୍କ ପ୍ରଭୁ ଆରାଧନା ପାଇଁ ଏହା ନିର୍ମିତ ହୋଇଥିବାରୁ ଧିରେ ଧିରେ ମନ୍ଦିରଟି ନିଜ ପ୍ରକୃତ ନାମ ହରାଇ ବସିଲା ଏବଂ ସ୍ଥାନୀୟ ଲୋକ ଏହାକୁ ଶାଶୂ-ବୋହୂ ନାମରେ ନାମିତ କରିଥିଲେ । ଦୁଇଟି ମନ୍ଦିରକୁ ଦେଖିଲେ 'ଶାଶୂ' ମନ୍ଦିରଟି 'ବୋହୂ' ମନ୍ଦିରଠାରୁ ଦେଖିବାକୁ ଅନେକାଂଶରେ ବଡ଼ । ମନ୍ଦିରର ସମସ୍ତ ଦିଗରେ ଚାରିଟି ପ୍ରବେଶ ଦ୍ୱାର ଅଛି । ଚତୁର୍ଥ ଦିଗରେ ଏକ ଗୃହ ରହିଛି, ଯାହା ବର୍ତ୍ତମାନ ବନ୍ଦ ଅବସ୍ଥାରେ ରହିଛି । ମନ୍ଦିରରେ କାଠର କାରୁକାର୍ଯ୍ୟ ଶୋଭା ପାଉଛି । ଏହା ସହିତ ପ୍ରବେଶ ଦ୍ୱାରରେ ବ୍ରହ୍ମା, ବିଷ୍ଣୁ ଓ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଅଛି । ମନ୍ଦିରର କାନ୍ଥରେ ହୋଇଥିବା ଚମତ୍କାର କାରୁକାର୍ଯ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ ।



## ପାଇନାପଲ୍ ଚିକେନ୍

**ଆବଶ୍ୟକ ସାମଗ୍ରୀ:**

ପାଇନାପଲ୍(ସପୁରୀ), ବୋନ୍‌ଲେସ୍ ଚିକେନ୍, ରସୁଣ, ପିଆଜ, କଞ୍ଚାଲଙ୍କା, ବ୍ରୋକୋଲି, କ୍ୟାପ୍‌ସିକମ୍, ଗୋଲମରିଚ, ଚିନି, ତେଲ, କର୍ନଫ୍ଲୋର ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ କଡ଼େଇରେ ତେଲ ଗରମ କରି ଗୋଲମରିଚ, ରସୁଣ, କଞ୍ଚାଲଙ୍କା ଓ ପିଆଜ ପକାଇ ଭାଜନ୍ତୁ । ଏଗୁଡ଼ିକ ଟିକେ ନରମ ହୋଇଯିବା ପରେ ହେବା ପରେ କ୍ୟାପ୍‌ସିକମ୍ ଓ ବ୍ରୋକୋଲି ପକାଇ ଭାଜନ୍ତୁ । ଏସବୁ ଭଲ ଭାବେ ଭାଜି ହୋଇଗଲେ ଏଥିରେ ଚିକେନ୍ ପକାଇ ଗୋଳାନ୍ତୁ । ଏବେ କଟା ଯାଇ ରଖାଯାଇଥିବା ପାଇନାପଲ୍ ଓ ଚିନି ପକାଇ ଅଳ୍ପ ପାଣି ଦେଇ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ । ଚିକେନ୍‌କୁ କିଛି ସମୟ ସିଝିବାକୁ ଛାଡ଼ି ଦିଅନ୍ତୁ । ଚିକେନ୍ ସିଝିଯିବା ପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ଆଉ ଏକ ପାତ୍ରରେ ଅଳ୍ପ ପାଣି ଓ କର୍ନଫ୍ଲୋର ଗୋଳେଇ ଚିକେନରେ ଢାଳି ଭଲଭାବେ ଗୋଳାନ୍ତୁ । ଚିକେନ୍ ଶୁଖିଲା ହୋଇଗଲେ ଚୁଲି ବନ୍ଦ କରିଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ପାଇନାପଲ୍ ଚିକେନ୍' ।

## ତ୍ୱଚାର ଘରୋଇ ଉପଚାର

ତ୍ୱଚାର ଯତ୍ନ ନେବା ଖୁବ୍ କଷ୍ଟକର କାମ ନୁହେଁ । ଏଥିପାଇଁ ସବୁବେଳେ ପାର୍ଲର ଯିବାର ମଧ୍ୟ ଆବଶ୍ୟକତା ନାହିଁ । ଆଉ ଏବେ ତ କରୋନା ସଂକ୍ରମଣର ଭୟ ରହିଛି । ତେଣୁ ଏଭଳି ସ୍ଥିତିରେ ଆପଣ ଘରେ ଅତି ସହଜ ଉପାୟରେ ଆପଣଙ୍କ ତ୍ୱଚାର ଯତ୍ନ ନେଇ ପାରିବେ । ଏଥିପାଇଁ ଆମେ ଆଜି ଆପଣମାନଙ୍କୁ କିଛି ଟିପ୍ସ ନିମ୍ନରେ ଦେଇଛୁ ।



♦ ୨ ଚାମଚ ଅଟା, ୨ ଚାମଚ କଞ୍ଚା କ୍ଷୀର ଓ ଦୁଇ ବୁନ୍ଦା ମହୁକୁ ଏକାଠି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ । ଏପରି କଲେ ତ୍ୱଚା ନରମ ଓ ଉଜ୍ଜ୍ୱଳ ଦେଖାଯିବ ।

♦ ଗାଧୋଇବା ପୂର୍ବରୁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ ମହୁ ମିଶାଇ ଦେହରେ ଲଗାନ୍ତୁ । ଏହାର କିଛି ସମୟ ପରେ ଗାଧାନ୍ତୁ । ଏହା ଶରୀର ପାଇଁ ମସ୍‌ଚୁରାଇଜର ପରି କାମ କରିଥାଏ ।

♦ ପାଣିରେ କିଛି ଗୋଲାପ ଜଳ ଓ ଲିମ୍ବ ପତ୍ର ପକାଇ ଗାଧାନ୍ତୁ । ଏହାଦ୍ୱାରା ଶରୀରରୁ ପ୍ରାକୃତିକ ଭାବେ ସୁଗନ୍ଧ ଆସିବା ସହ ଚର୍ମରୋଗ ଭଲ ହେବ ।

♦ ୧ ଚାମଚ ମହୁରେ ୨ ବୁନ୍ଦା ଲେମ୍ବୁ ରସ ମିଶାଇ ମୁହଁରେ ଲଗାନ୍ତୁ । ପରେ ଅଳ୍ପ ପାଣି ହାତ ହୋଇ ମସାଜ କରି ମୁହଁ ଧୁଅନ୍ତୁ । ଏପରି କଲେ ମୁହଁରେ ଥିବା ଅଧିକ ରୁମ ସଫା ହୋଇଯିବ ।

## ବାସ୍ତୁଦୋଷ ସୃଷ୍ଟି କରେ ଝାଡୁ

ଘରକୁ ସ୍ୱଚ୍ଛ ରଖିବା ପାଇଁ ଝାଡୁ ସାହାଯ୍ୟ କରିଥାଏ । ଠିକ୍ ସେହିପରି ଏହା ବାସ୍ତୁ ଦୋଷ ମଧ୍ୟ ଦୂର କରିଥାଏ । ତେବେ ଏହାକୁ ସଠିକ୍ ଭାବେ ବ୍ୟବହାର ନ କଲେ ବା ସଠିକ୍ ସ୍ଥାନରେ ନ ରଖିଲେ ଘରେ ବାସ୍ତୁ ଜନିତ ସମସ୍ୟା ଦେଖାଯାଏ । ଆସନ୍ତୁ ସେ ସମ୍ପର୍କରେ ଜାଣିବା ।

★ଝାଡୁର ବ୍ୟବହାର ଠିକ୍ ଭାବରେ ନକଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ । ଏଥିପାଇଁ ସନ୍ଧ୍ୟାରେ ଘର ଝାଡୁ କରିବା ପାଇଁ ମନା କରାଯାଇଥାଏ । ଏହି ସମୟରେ ଝାଡୁ କଲେ ମା' ଲକ୍ଷ୍ମୀଙ୍କର କୃପାଦୃଷ୍ଟି ଘରୁ ଚାଲିଯାଇଥାଏ । ଏପରିକି ଯେତେ ଅର୍ଥ ଉପାର୍ଜନ କଲେ ମଧ୍ୟ ଅଭାବ ହୋଇଥାଏ ।

★ଝାଡୁକୁ କେବେ ହେଲେ ଘରର ମୁଖ୍ୟଦ୍ୱାର ପାଖରେ ରଖନ୍ତୁ ନାହିଁ । ଏହାଦ୍ୱାରା ଘରୁ ସୁଖଶାନ୍ତି ହ୍ରାସ ହୋଇଥାଏ ଓ କଳହ ବୃଦ୍ଧି ହୋଇଥାଏ ।

★ ଝାଡୁରେ କେବେ ହେଲେ କୌଣସି ପଶୁପକ୍ଷୀଙ୍କୁ ମାରନ୍ତୁ ନାହିଁ । ସେହିପରି ଝାଡୁରେ ପାଦ ରଖନ୍ତୁ ନାହିଁ ।

★ଘରର କୌଣସି ସଦସ୍ୟ ବାହାରକୁ ଯିବା ସମୟରେ ଝାଡୁ କରନ୍ତୁ ନାହିଁ । ଏହାଦ୍ୱାରା ତାଙ୍କ କାମରେ ବାଧା ସୃଷ୍ଟି ହୋଇଥାଏ ।



## ଚପଲ ପିନ୍ଧିବା ମନା



ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ- ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ଧି ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ। ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରେ ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧ୍ୟରେ ଜୋତା, ଚପଲ ପିନ୍ଧିବା ବାରଣ କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।



## ଧନିଆ ପତ୍ର ଖାଇ ଦୂର କରନ୍ତୁ ଏହି ୪ଟି ଶାରୀରିକ ସମସ୍ୟା

ମନୁଷ୍ୟକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ ସବୁଜ ପନିପରିବା । ଏହା ସହ ଶରୀରକୁ କୌଣସି ରୋଗ ଯେପରି ଛୁଇଁ ନ ପାରୁ ସେଥିପାଇଁ ମଧ ଡାକ୍ତରମାନେ ସବୁଜ ପନିପରିବା ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି । ସେଥି ମଧ୍ୟରୁ ଗୋଟିଏ ହେଲା ଧନିଆ ପତ୍ର । ଯଦି ଆପଣ ଧନିଆ ପତ୍ରକୁ କଞ୍ଚାରେ ଖାଇବା ପାଇଁ ପସନ୍ଦ କରୁ ନାହାନ୍ତି, ତେବେ ଆପଣ ଏହାକୁ ଅନ୍ୟ ଉପାୟରେ ମଧ୍ୟ ସେବନ କରି ପାରିବେ । ଭିଟାମିନ ଏ ଏବଂ ଭିଟାମିନ୍ ? ସିରେ ଭରପୂର ଥିବା ଧନିଆ ପତ୍ର ଶରୀରର ଅନେକ ସମସ୍ୟାକୁ କିଛି ସମୟ ମଧ୍ୟରେ ଦୂର କରିଥାଏ । ତେବେ ଆସନ୍ତୁ ଜାଣିବା ଧନିଆ ପତ୍ରକୁ ଖାଇବା ଦ୍ୱାରା ଶରୀରର କେଉଁ ସମସ୍ତ ସମସ୍ୟା ଦୂର ହୋଇଥାଏ...

■ କିଛି ଲୋକଙ୍କର ପାଚନ ପ୍ରକ୍ରିୟାରେ ସମସ୍ୟା ଦେଖା ଯାଇଥାଏ, ଯାହା ଦ୍ୱାରା ଗ୍ୟାସ୍‌ର ସମସ୍ୟା ଦେଖା ଯାଇଥାଏ । ଯଦି ପ୍ରତିଦିନ ଏଭଳି ସମସ୍ୟା ଦେଖା ଦେଉଛି ତେବେ ଖାଇବାରେ ଧନିଆ ପତ୍ରକୁ ସାମିଲ କରନ୍ତୁ । ଧନିଆର ପତ୍ର ଖାଇବା ଦ୍ୱାରା ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ ।

■ ବେଳେ ବେଳେ କାମର ଚାପ ହେତୁ ଲୋକମାନେ ଠିକ୍ ପରିମାଣରେ ପାଣି ପିଇ ପାରନ୍ତି ନାହିଁ, ଯାହା ଫଳରେ ପରିଶ୍ରାରେ ସମସ୍ୟା ଦେଖା ଯାଇଥାଏ । ଏଭଳି ପରିସ୍ଥିତିରେ ଧନିଆ ପତ୍ରକୁ ରାଇତା, ସାଲାଡ଼ ଏବଂ ତରକାରିରେ ପକାଇ ଖାଇଲେ ଏହି ସମସ୍ୟା ଦୂର ହୋଇଥାଏ ।

■ ଏଥିରେ ଭିଟାମିନ ଏ ଏବଂ ଭିଟାମିନ୍ ସି ପ୍ରଚୁର ପରିମାଣରେ ଥିବାରୁ ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

■ ଆଣ୍ଠୁଗଣ୍ଠିର ସମସ୍ୟା ଦେଖା ଯାଉଥିଲେ ପ୍ରତିଦିନର ଖାଇବାରେ ଏହାକୁ ସାମିଲ କରନ୍ତୁ । ଧନିଆ ପତ୍ର ଉପଲବ୍ଧ ନ ଥିଲେ ଧନିଆ ପାଉଡର ମଧ୍ୟ ଆପଣ ବ୍ୟବହାର କରି ପାରିବେ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠିର ସମସ୍ୟା ଦୂର ହୋଇଥାଏ ।



## ଫିଟ୍ ରହିବା ସତ୍ତ୍ୱେ କାହିଁକି ହୁଏ ହାର୍ଟ ଆଟାକ୍ ?



ସାଧାରଣତଃ ଅଧିକାଂଶ ଲୋକ ସୁସ୍ଥ ରହିବା ପାଇଁ ପ୍ରତିଦିନ ବ୍ୟାୟମ କରନ୍ତି । କେହି କେହି ନିଜକୁ ଫିଟ ରଖିବା ପାଇଁ ଜିମ ମଧ୍ୟ ଯାଆନ୍ତି । ଏସବୁ ସତ୍ତ୍ୱେ ଅନେକ ଯୁବାବସ୍ଥାରେ ହୃଦଘାତର ଶିକାର ହୋଇଥାନ୍ତି । ତେବେ ଫିଟ ରହିବା ସତ୍ତ୍ୱେ ହୃଦଘାତ ବା ହାର୍ଟ ଆଟାକ କାହିଁକି ହୁଏ ? ଆସନ୍ତୁ ଜାଣିବା

❑ ଧୂମପାନ ତଥା ସିଗାରେଟ କିମ୍ବା ବିଡି ସେବନ କରୁଥିବା ଲୋକଙ୍କୁ ହାର୍ଟ ଆଟାକର ଅଧିକ ବିପଦ ଥାଏ । ଦୀର୍ଘ ଦିନ ଧରି ଧୂମପାନ କରିବା ଦ୍ୱାରା ହୃଦଘାତ ଆଶଙ୍କା ବଢ଼ିଥାଏ ବୋଲି ଏକ ଅଧ୍ୟୟନରେ କୁହାଯାଇଛି । ଏଥିପାଇଁ ଯେତେ ସମ୍ଭବ ବିଡି-ସିଗାରେଟ ଠାରୁ ଦୂରେଇ ରହିବା ଉଚିତ ।

❑ ଫିଟ୍ ଥିବା ସତ୍ତ୍ୱ ଯଦି ଉଚ୍ଚ ରକ୍ତଚାପ ଥାଏ ତେବେ ସେହି ବ୍ୟକ୍ତି ମଧ୍ୟ ହୃଦଘାତର ଶିକାର ହୋଇପାରନ୍ତି । ହାଇ ବ୍ଲଡପ୍ରେସର ହୃଦୟକୁ ନିୟନ୍ତ୍ରଣ କରୁଥିବା ଧମନୀକୁ କ୍ଷିତି ପହଞ୍ଚାଇଥାଏ । ମୋଟାପଣ, ହାଇ କୋଲେଷ୍ଟ୍ରୋଲ ଏବଂ ଡାଇବେଟିସ ଯୋଗୁ ହାଇ ବ୍ଲଡପ୍ରେସରର ସମସ୍ୟା ବଢ଼ିଥାଏ । ଏଥିପାଇଁ ଏସବୁକୁ ନେଇ ସାବଧାନ ରହିବା ଉଚିତ ।

❑ ରକ୍ତରେ କୋଲେଷ୍ଟ୍ରୋଲ ସ୍ତର ବଢ଼ିବା, ଉଚ୍ଚ ରକ୍ତଚାପ ଏବଂ ମଧୁମେହର ମେଦବହୁଳତା ସହ ସିଧାସଳଖ ସମ୍ପର୍କ ରହିଥାଏ । ଏକ ରିପୋର୍ଟ ମୁତାବକ ଯଦି ମୋଟାପଣକୁ ନିୟନ୍ତ୍ରଣ ରଖାଯାଏ ତେବେ ହାର୍ଟ ଆଟାକ ଭଳି ସମସ୍ୟା ଦୂର ହୋଇପାରିବ ।

❑ ଶରୀରରେ ପାନକ୍ରିୟାଜ ସଠିକ ଢ଼ଙ୍ଗରେ କାମ ନକଲେ ରକ୍ତରେ ସୁଗାର ଲେବୁଲ ବଢ଼ିବାକୁ ଲାଗେ । ଏଥିସହ ଶରୀରରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ହର୍ମୋନ୍ସ ମଧ୍ୟ ଉତ୍ପନ୍ନ ହେବା ବନ୍ଦ ହୋଇଯାଏ । ଏଭଳି ସ୍ଥିତିରେ ମଣିଷ ଡାଇବେଟିସ ଏବଂ ବ୍ଲଡ ପ୍ରେସର ଶିକାର ହୋଇଥାଏ । ହୃଦଘାତ ଆଶଙ୍କା ମଧ୍ୟ ବଢ଼ିବାକୁ ଲାଗେ ।

❑ ବିଶେଷଜ୍ଞଙ୍କ ମତାନୁସାରେ ବଂଶଗତ କାରଣ ଯୋଗୁଁ ମଧ୍ୟ ହାର୍ଟ ଆଟାକ ହୋଇପାରେ । ଯେଉଁ ବ୍ୟକ୍ତିଙ୍କ ପରିବାର ବର୍ଗ, ଭାଇ-ଭଉଣୀ ବା ବାପା-ମା'ଙ୍କ ଏଭଳି ସମସ୍ୟା ରହିଛି, ସେମାନେ ବିଶେଷ ରୂପେ ସାବଧାନ ରହିବା ଉଚିତ । ପୁରୁଷଙ୍କ ୫୫ ବର୍ଷ ଏବଂ ମହିଳାଙ୍କ ମଧ୍ୟରେ ୬୫ ବର୍ଷରେ ହାର୍ଟ ଆଟାକ ସମସ୍ୟା ବଢ଼ିଥାଏ ।

❑ ଅଧିକ ଷ୍ଟ୍ରେସ ବା ମାନସିକ ଅବସାଦ ମଧ୍ୟ ହାର୍ଟ ଆଟାକର ଅନ୍ୟତମ କାରଣ । ଅଧିକ ଅବସାଦଗ୍ରସ୍ତ ବ୍ୟକ୍ତି ହୃଦଘାତର ଶିକାର ହୋଇପାରନ୍ତି ବୋଲି ଡାକ୍ତରମାନେ କୁହନ୍ତି । ଏଥିରୁ ରକ୍ଷା ପାଇବା ପାଇଁ ନିୟମିତ ରୂପେ ବ୍ୟାୟମ ଏବଂ ନିୟନ୍ତ୍ରଣ ଡାଏଟ ଫଲୋ କରିବା ଉଚିତ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନିଶ୍ଚତତା...

ଦେଶ ଗଠନରେ ଉଭୟ ସରକାରୀ ଓ ଘରୋଇ ଉଦ୍ୟୋଗମାନଙ୍କର ଭୂମିକା ରହିଛି। ତେବେ ସରକାରୀ ଉଦ୍ୟୋଗୀମାନଙ୍କରେ ଯୋଗ୍ୟତାକୁ ଏଡ଼ାଇ ଦେଇ ରାଜନେତାମାନଙ୍କ ସ୍ତାବକମାନଙ୍କୁ ଥଇଥାନ କରିବା, ମନମୁଖୀ କାର୍ଯ୍ୟ, ସମବେଦନାହୀନତା, ସୀମିତତା, ଅପାରଗତା ଇତ୍ୟାଦି ଅନେକ ସମୟରେ ସାଧାରଣ ଲୋକଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ସାବ୍ୟସ୍ତ ହେବା କାରଣରୁ ଏହା ସମାଲୋଚନାର ଶିକାର ହୋଇ ଆସିଛି। ଅପରପକ୍ଷରେ ଦେଶର ବିକାଶ ପାଇଁ ଘରୋଇ ଉଦ୍ୟୋଗମାନେ ମଧ୍ୟ କିଛି କମ୍ ଅବଦାନ ରଖନ୍ତି ନାହିଁ। ଲୋକସଭାରେ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘରୋଇ ଉଦ୍ୟୋଗମାନଙ୍କ ଭୂମିକା ସପକ୍ଷରେ ଏକ ବଳିଷ୍ଠ ଅଭିଭାଷଣ ପ୍ରଦାନ କରିଛନ୍ତି। ବସ୍ତୁତଃ, ତାଙ୍କ ଭାଷଣକୁ ଭାରତୀୟ ପୁଞ୍ଜିବାଦର ସମ୍ପ୍ରସାରଣ ସପକ୍ଷବାଦୀ କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୯୧ରେ ବିଭିନ୍ନ କ୍ଷେତ୍ର ଉପରୁ ସରକାରୀ କଟକଣାକୁ କୋହଳ କରି ଉଦାରୀକରଣ ନୀତିକୁ ଆପଣାଇ ନିଆଗଲା ପରେ ଦେଶରେ ଘରୋଇ ଉଦ୍ୟୋଗୁଡ଼ିକ ଅନେକାଂଶରେ ସ୍ୱଚ୍ଛନ୍ଦରେ କାର୍ଯ୍ୟ କରିପାରିଲେ। ଏହାପରେ ପୁଂଜିବାଦର କ୍ରମ ବିବର୍ତ୍ତନ ଘଟିଲା ବୋଲି କୁହନ୍ତି ବୁଦ୍ଧିଜୀବୀମାନେ। କିନ୍ତୁ ଘରୋଇ ଉଦ୍ୟୋଗମାନଙ୍କ ପ୍ରତି ରହିଥିବା ସନ୍ଦେହାଛନ୍ନ ମନୋଭାବରେ ଅବସାନ ଘଟିଲା ନାହିଁ। ପୂର୍ବରୁ ଆଦର୍ଶଗତ ଭାବରେ ବଂଟନ ପ୍ରକ୍ରିୟା ସରକାରଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବରେ ତା'ର ବିପରୀତାଭିମୁଖୀ ହେଲା। ଏହା ପୂର୍ବରୁ ସମ୍ପଳ ସୃଷ୍ଟି ପ୍ରକ୍ରିୟା ଉପରେ କ୍ୱଚିତ୍ ଚିନ୍ତା କରାଯାଉଥିଲା। ପରିଣତି ସ୍ୱରୂପ, ଏକ ଆଦର୍ଶଗତ ଲଢ଼େଇର ସୂତ୍ରପାତ ହେଲା ତଥା ଦୁର୍ଭାଗ୍ୟବଶତଃ ଭାରତୀୟ ରାଜନୀତିକ ଅଭିଧାନରେ ବ୍ୟବସାୟ ଏବଂ ଲାଭ ଅତି ଖରାପ ଶବ୍ଦ ହୋଇ ରହିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣ ଛଳରେ କେତେକ ଚିନ୍ତନଯୋଗ୍ୟ ପ୍ରସଙ୍ଗର ଉପସ୍ଥାପନ କରିଛନ୍ତି। ଯଦି ସମ୍ବଳ ସୃଷ୍ଟିକାରୀମାନଙ୍କୁ ପ୍ରୋତ୍ସାହିତ କରାନଯାଏ, ତା'ହେଲେ କର୍ମନିଯୁକ୍ତି କେମିତି ସୃଷ୍ଟି ହେବ ଏବଂ ସମ୍ବଳର ଆବଣ୍ଟନ କେମିତି ଘଟିବ ? ଘରୋଇ ବ୍ୟକ୍ତିବିଶେଷମାନେ କ'ଣ ନାଗରିକ ନୁହନ୍ତି, ଯେଉଁମାନଙ୍କ ଉପରେ ଆସ୍ଥା ସ୍ଥାପନ କରାଯାଇପାରିବ ? ସମଗ୍ର ଦେଶ କ'ଣ ଭାରତୀୟ ପ୍ରଶାସନିକ ସେବାର 'ବାବୁ'ମାନଙ୍କ ମନମାନି ଏବଂ ହକୁମାତିରେ ପରିଚାଳିତ ହେବ ? ପୁଂଜିବାଦ ଏବଂ ଘରୋଇ ଉଦ୍ୟୋଗର ଏହି ରାଜନୀତିକ ମାଲିକାନା କଥା ଯଥେଷ୍ଟ ଗୁରୁତ୍ୱ ବହନ କରେ, କାରଣ ଏକ ସମୃଦ୍ଧଶାଳୀ ରାଷ୍ଟ୍ର ଭାବରେ ପରିଚିତ ହେବାପାଇଁ ଭାରତ ନିକଟରେ ଅନ୍ୟ ଉପାୟ ନାହିଁ। ପୁଞ୍ଜିବାଦ ପ୍ରତି ଏହି ସମର୍ଥନକୁ ଅଧୋଗାମୀ କରିବାକୁ ହେଲେ ଦୁଇଗୋଟି ଜିନିଷ ଘଟିବା ଆବଶ୍ୟକ। ପ୍ରଥମତଃ ବ୍ୟବସାୟ ଅନୁକୂଳ ନୀତିଗୁଡ଼ିକୁ କେତେକ ବଛାବଛା ବ୍ୟବସାୟିକ ସଂସ୍ଥାମାନଙ୍କ ପ୍ରତି ଅନୁକୂଳ ନୀତି ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ। କେତେକ ପ୍ରମୁଖ ଉଦ୍ୟୋଗରେ ଏକଚାଟିଆ କାରବାର ସଦୃଶ ଯେଉଁ କେତେକ ନୀତିର ଆବିର୍ଭାବ ଘଟିଛି, ତାହା ବଜାରରେ ଅବିଶ୍ୱାସର ମାତ୍ରାକୁ ଗଭୀର କରିଛି। ଭାରତୀୟ ପୁଂଜିବାଦ ସେତିକିବେଳେ ଅଧିକ ପ୍ରଶଂସାଭାଜନ ହେବ, ଯେତେବେଳେ ଏହା 'ରାଷ୍ଟ୍ରୀୟ ଚାମ୍ପିଅନ୍' ସହିତ ସମ୍ପୃକ୍ତ ନହେବ। ଦ୍ୱିତୀୟରେ, ପୁଂଜିବାଦ ଉଭୟ ଅଭିବୃଦ୍ଧି ଓ ନିରପେକ୍ଷତାକୁ ବାଟ କଢ଼ାଇ ନେଉଥିବା ଅନୁଭୂତ ହେଲେ ଏହା ପ୍ରତି ବିରୋଧ ଭାବ ହ୍ରାସ ପାଇବ। ନୂତନ କୃଷି ଆଇନ୍ ତ୍ରୟ ବିରୋଧରେ କୃଷକମାନଙ୍କ ପ୍ରତିବାଦ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଘରୋଇ ଉଦ୍ୟୋଗମାନଙ୍କ ସମ୍ପର୍କରେ ଯେ ଉପରୋକ୍ତ ପ୍ରସଙ୍ଗର ଅବତାରଣା କରିଛନ୍ତି, ତାହା ନିଃସଙ୍କୋଚରେ କୁହାଯାଇପାରେ। କାରଣ ଏହି ଆଇନ୍ ସେମାନଙ୍କୁ ବିତ୍ତଶାଳୀ କର୍ପୋରେଟ୍ ହାଉସମାନଙ୍କ ହାତରେ କାଠ କଣ୍ଢେଇ ସଜାଇ ଦେବବୋଲି କୃଷକମାନେ ଆଶଙ୍କା କରୁଛନ୍ତି। କହିବା ବାହୁଲ୍ୟ, ପ୍ରଧାନମନ୍ତ୍ରୀ ମୋଦୀ ପୁଂଜିବାଦ ସମ୍ପର୍କରେ ବୌଦ୍ଧିକତା ଦୃଷ୍ଟିରୁ ନିଜର ସଚ୍ଚୋଟତା ପ୍ରଦର୍ଶନ କରିଥିବାବେଳେ ରାଜନୀତିକ ସାହସିକତା ମଧ୍ୟ ପ୍ରଦର୍ଶନ କରିଛନ୍ତି। ସଂସ୍କାର ନାମରେ ଭାରତୀୟ ପୁଞ୍ଜିବାଦର ଶୁଭାରମ୍ଭ କରାଇ ଥିବା ବିରୋଧୀ ଦଳମାନେ, ବିଶେଷକରି କଂଗ୍ରେସ ଘରୋଇ ଉଦ୍ୟୋଗୁଡ଼ିକୁ ନିନ୍ଦା କରିବା ପରିବର୍ତ୍ତେ ଏହି ସତ୍ୟକୁ ସ୍ୱୀକାର କରିବା କ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରିବା ଉଚିତ୍। ଏଥିରେ ସନ୍ଦେହ ନାହିଁ ଯେ ଭାରତ ଢ଼େର ବର୍ଷ ହେବ ଲାଇସେନ୍ସ-ଅନୁମୋଦିତ-ବାବୁରାଜକୁ ପଛରେ ଫିଙ୍ଗି ଦେଇ ଆସିବା ସହିତ ଏମିତି ଏକ ଯୁଗର ଆରମ୍ଭ କରିସାରିଛି ଯେଉଁଥିରେ ଘରୋଇ ଉଦ୍ୟୋଗମାନଙ୍କୁ କର୍ମନିଯୁକ୍ତି ଓ ସମ୍ବଳର ସୃଷ୍ଟିକର୍ତ୍ତା ଭାବରେ ଦେଖାଯାଇଛି। ବିଗତ ତିନି ଦଶନ୍ଧି ଭିତରେ କୌଣସି ସରକାର ଏହି ଉଦ୍ୟୋଗୁଡ଼ିକୁ ଅଣଦେଖା କରିବାକୁ ପସନ୍ଦ କରିନାହାଁନ୍ତି। କିନ୍ତୁ କିଛି ଲୋକଙ୍କ ମନରେ ଘରୋଇ ଉଦ୍ୟୋଗମାନଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ରହିଛି, ଯାହା ଦୂର କରାଯିବା ପାଇଁ ସବୁ କ୍ଷେତ୍ରରେ ସହଯୋଗ ଓ ସ୍ୱଚ୍ଛତା ରକ୍ଷା କରାଯିବାର ଆବଶ୍ୟକତା ରହିଛି। ତେଣୁ ବର୍ତ୍ତମାନ ଯେଉଁ ସଙ୍କଟ ସୃଷ୍ଟି ହୋଇଛି, ତ'ର ସମାଧାନ କରିବା ପାଇଁ ସରକାର ମଧ୍ୟ ଯେଉଁମାନେ 'ଘରୋଇ ଉଦ୍ୟୋଗଗୁଡ଼ିକର ନିନ୍ଦାଗାନ' କରୁଛନ୍ତି ବା ପୁଂଜିବାଦକୁ ବିରୋଧ କରୁଛନ୍ତି, ସେମାନଙ୍କୁ ନିନ୍ଦା କରିବା ଅପେକ୍ଷା କୃଷକମାନଙ୍କର ଆଶଙ୍କାକୁ ଦୂର କରିବା ଉପରେ ଅଧ୍ୟକ ଧ୍ୟାନ ଦେବା ବିଧେୟ, ଅନ୍ୟଥା ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ଧାର ଘରେ କଳା ବିଲେଇକୁ ଖୋଜିବା ଭଳି କହିବା ଅସମୀଚୀନ ହେବ କି ?

# ଏକ ରାଷ୍ଟ୍ର ଏକ ନିର୍ବାଚନ ସପକ୍ଷରେ

**ଶରତ କୁମାର ଦାସ**

ନିର୍ବାଚନ ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସ୍ୱରୂପ ସମଗ୍ର ଦେଶରେ ଏକ ରାଷ୍ଟ୍ର ଏକ ନିର୍ବାଚନ ସମ୍ପର୍କରେ ଚର୍ଚ୍ଚା ଜୋର୍ ଧରିଛି । ଅନେକ ଏହାର ସପକ୍ଷରେ ମତବ୍ୟକ୍ତ କରୁଥିବା ବେଳେ କେହି କେହି ଏହାର ବିପକ୍ଷରେ ମତବ୍ୟକ୍ତ କରୁଛନ୍ତି । ଯେଉଁମାନେ ଏହି ବ୍ୟବସ୍ଥାର ସପକ୍ଷରେ ମତବ୍ୟକ୍ତ କରନ୍ତି ସେମାନେ ଏହାର ସୁଫଳ ସମ୍ପର୍କରେ ଆଲୋକପାତ କରିବାବେଳେ ଅନ୍ୟ ଯେଉଁମାନେ ଏହାର ବିପକ୍ଷରେ ଯୁକ୍ତି ଉପସ୍ଥାପନ କରନ୍ତି ସେମାନେ ଏକ ରାଷ୍ଟ୍ର ଏକ ନିର୍ବାଚନ ପରିବର୍ତ୍ତେ ପ୍ରଚଳିତ ନିର୍ବାଚନ ବ୍ୟବସ୍ଥାରେ ଆବଶ୍ୟକୀୟ ସଂସ୍କାର ଅବଶ୍ୟମ୍ଭାବୀ ବୋଲି ମତ ପୋଷଣ କରନ୍ତି ।

ଏକ ରାଷ୍ଟ୍ର ଏକ ନିର୍ବାଚନ କହିଲେ ସାଧାରଣତଃ ପାଂଚ ବର୍ଷରେ ଥରେ ଏକ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ବାଚନ ବ୍ୟବସ୍ଥାକୁ ବୁଝାଏ । ସରଳଅର୍ଥରେ , ଭିନ୍ନ ଭିନ୍ନ ସମୟରେ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ନ ହୋଇ ସମକାଳୀନ ବା ଏକକ ନିର୍ବାଚନ ଅନୁଷ୍ଠିତ ହେଲେ ଏହାକୁ ଏକ ରାଷ୍ଟ୍ର ଏକ ନିର୍ବାଚନ କୁହାଯାଏ ।

ଅବଶ୍ୟ ଭାରତ ପାଇଁ ଏହା ଆଦୌ ନୂଆ ନୁହେଁ । ୧୯୫୨ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନଠାରୁ ୧୯୬୭ ମସିହା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦେଶରେ ଗୋଟିଏ ନିର୍ବାଚନ ହେଉଥିଲା । କିନ୍ତୁ ୧୯୬୮-୬୯ରେ କୌଣସି କାରଣରୁ ତତ୍କାଳୀନ ସରକାର ରାଜ୍ୟମାନଙ୍କର ନିର୍ବାଚିତ ସରକାରମାନଙ୍କୁ ଭାଙ୍ଗିଦେଇଥିଲେ । ୧୯୭୦ ମସିହାରେ ସଂସଦ ମଧ ଭାଙ୍ଗ ହୋଇଥିଲା । ଫଳରେ ଏକ ରାଷ୍ଟ୍ର ଏକ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହେଲା ଓ ଏହା ପରଠାରୁ ଦେଶରେ ବିଧାନସଭା ଓ ଲୋକସଭା ପାଇଁ ଅଲଗା ଅଲଗା ନିର୍ବାଚନ ହେଲା । ସମ୍ବିଧାନର ଧାରା ୩୫୬କୁ ଭିନ୍ନ ଅର୍ଥ ବା ଦୁରୁପଯୋଗ କରାଯାଇ ସେତେବେଳର ସରକାର ନିର୍ବାଚନକୁ ପୃଥକ୍ କରିଦେଇଥିଲେ ।

ଏହା ପରେ ୧୯୮୩ରେ ନିର୍ବାଚନ ଆୟୋଗର ପ୍ରଥମ ରିପୋର୍ଟରେ ସାରା ଦେଶରେ ଗୋଟିଏ ନିର୍ବାଚନ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ତତ୍କାଳୀନ ସରକାର ଏ ପ୍ରସ୍ତାବକୁ ଗ୍ରହଣ କରିନଥିଲେ । ୧୯୯୯ ମସିହାରେ ଜାତୀୟ ବିଧି ଆୟୋଗର ଅଧ୍ୟକ୍ଷ ବିଚାରପତି ଜୀବନ ରେଡ୍ଡୀ ତାଙ୍କର ୧୭୦ ତମ ବିବରଣୀରେ ଏକ ରାଷ୍ଟ୍ର ଏକ ନିର୍ବାଚନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ । ୨୦୧୫ ମସିହାରେ ବିଧି ଓ ନ୍ୟାୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ତାଙ୍କ ୭୯ ତମ ବିବରଣୀରେ ଏକ ରାଷ୍ଟ୍ର ଏକ ନିର୍ବାଚନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପରେ ୨୦୧୭ରେ ନୀତି ଆୟୋଗ ଏକ ରାଷ୍ଟ୍ର ଏକ ନିର୍ବାଚନ ଉପରେ ବିଭିନ୍ନ ଯୁକ୍ତି ଉପସ୍ଥାପନା କରିଥିଲେ ଓ ୨୦୧୮ରେ ବିଧି କମିଶନ ଏକ ରାଷ୍ଟ୍ର ଏକ ନିର୍ବାଚନ ଉପରେ ଏକ ବିବରଣୀ ମଧ ପ୍ରସ୍ତୁତ କରିଥିଲେ ।

ବର୍ତ୍ତମାନ ଦେଶରେ ଏକ ରାଷ୍ଟ୍ର ଏକ ନିର୍ବାଚନ ପାଇଁ ପୁନଶ୍ଚ ଆଲୋଚନା ଆରମ୍ଭ ହୋଇଛି । କେବଳ ଆଲୋଚନା ନୁହେଁ, କିଭଳି ଏ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ସେ ସମ୍ପର୍କରେ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ୨୦୧୯ରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଯେଉଁଥିରେକି ୪୦ ଟି ରାଜନୈତିକ ଦଳକୁ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ । ମାତ୍ର ୨୧ ରାଜନୈତିକ ଦଳ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବଳେ ଅନ୍ୟ ଦଳ ସବୁ ନିଜ ନିଜର ମତାମତ ଜଣାଇଥିଲେ । ପୁନଶ୍ଚ ୨୦୨୦ ମସିହା ନଭେମ୍ବର ମାସ ୨୬ ତାରିଖ ସମ୍ବିଧାନ ଦିବସ ଅବସରରେ ଗୁଜୁରାଟର କେଭେଡ଼ିଆଠାରେ ନିର୍ବାଚନ ଅଧିକାରୀମାନଙ୍କୁ ସମ୍ବୋଧନ କରି ମାନ୍ୟବର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକ ରାଷ୍ଟ୍ର ଏକ ନିର୍ବାଚନ କେବଳ ଆଲୋଚନାର ବିଷୟ ନୁହେଁ, ଏହା ଏକ ଆବଶ୍ୟକତା ମଧ ଓ ଏ ବିଷୟରେ ବିସ୍ତୃତ ଭାବେ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଛି । ଏଥି ସହ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଏକକ ଭୋଟର ତାଲିକା ପ୍ରସ୍ତୁତି ଉପରେ ସେ ମଧ ଗୁରୁତ୍ୱ ଦେଇଥିଲେ। ଏହା ଦ୍ୱାରା ସମୟ ଓ ଅର୍ଥ ଅପଚୟ ରୋକାଯାଇପାରିବ । ଅବଶ୍ୟ ରାଜ୍ୟମାନେ ଚାହିଁଲେ ସେମାନଙ୍କ ଭୋଟର୍ ତାଲିକାରେ ସମୟୋଚିତ ଆବଶ୍ୟକ ସଂଶୋଧନ କରିପାରିବେ ।

ନିମ୍ନଲିଖିତ କାରଣ ପାଇଁ ଏକ ରାଷ୍ଟ୍ର ଏକ ନିର୍ବାଚନର ଆବଶ୍ୟକତା ଅଛି । ପ୍ରଥମତଃ- ଏକ ରାଷ୍ଟ୍ର ଏକ ନିର୍ବାଚନ ଦ୍ୱାରା ଦେଶର ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ।

ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ହେବା ଦ୍ୱାରା ଅନେକ ଗୁରୁତ୍ୱପର୍ଣ୍ଣ ସମୟ ନଷ୍ଟ ହୋଇଥାଏ । ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଭିନ୍ନ ଭିନ୍ନ ସମୟରେ ଲାଗୁ କରାଗଲେ ଦେଶର ଉନ୍ନତି ମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥାଏ ।

ଦ୍ୱିତୀୟତଃ-ଏକ ରାଷ୍ଟ୍ର ଏକ ନିର୍ବାଚନ ଦ୍ୱାରା ପର୍ଯ୍ୟାପ୍ତ ଅର୍ଥ ଅପଚୟକୁ ରୋକାଯାଇପାରିବ। ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ଯେଉଁଭଳି ଅର୍ଥ ଖର୍ଚ୍ଚ କରି ଅପରିଣାମଦର୍ଶିତାର ପରିଚୟ ଦେଉଛନ୍ତି, ତାହାକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ। ଏକ ଆକଳନରୁ ଜଣାଯାଏ ଯେ ଗତ ସାଧାରଣ ନିର୍ବାଚନ ପାଇଁ ଦେଶବ୍ୟାପୀ ୧୨ ଲକ୍ଷ ଇଭିଏମ୍‌ର ଆବଶ୍ୟକତା ଥିଲା । ଏହି ଇଭିଏମର ମୂଲ୍ୟ ଥିଲା ୪ ହଜାର ୫୦୦ କୋଟି ଟଙ୍କା । ଯଦି ଗୋଟିଏ ଥରରେ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ହେବ, ତେବେ ନିର୍ବାଚନ ବାବଦରେ ହେଉଥିବା ଅର୍ଥ ଅପଚୟକୁ ରୋକାଯାଇପାରିବ ଓ ଅନେକ ଅର୍ଥ ସଂଚୟ ହୋଇପାରିବ । ନିର୍ବାଚନରେ ହେଉଥିବା ଖର୍ଚ୍ଚ ଦେଶର ବିକାଶ ମୂଳକ କାର୍ଯ୍ୟରେ ବିନିଯୋଗ ହୋଇପାରିବ। ତୃତୀୟତଃ- ନିର୍ବାଚନ ସମୟରେ ହେଉଥିବା ମାନବ ସମ୍ବଳର ଦୁରୁପଯୋଗକୁ ରୋକାଯାଇପାରିବ । ଚତୁର୍ଥତଃ-ଅଲଗା ଅଲଗା ନିର୍ବାଚନ ହେବାଦ୍ୱାରା ନିର୍ବାଚନୀ ହିଂସା ଅନେକ ପରିମାଣରେ ବୃଦ୍ଧି ପାଇଥାଏ । ଫଳରେ ଅନେକ ଧନ ଜୀବନ ନଷ୍ଟ ହୋଇଥାଏ । ଏକ ସମୟରେ ନିର୍ବାଚନ ଦ୍ୱାରା ନିର୍ବାଚନୀ ହିଂସାକୁ ବହୁ ପରିମାଣରେ ରୋକାଯାଇପାରିବ । ପଂଚମତଃ- ନିର୍ବାଚନ ପରିଚାଳନାରେ ଅନେକ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଥାନ୍ତି । ଏତଦବ୍ୟତୀତ ଅନେକ ଶିକ୍ଷାନୁଷ୍ଠାନ ମଧ ପୋଲିଂ ବୁଥ୍ ଓ ଅନ୍ୟାନ୍ୟ ନିର୍ବାଚନ କାର୍ଯ୍ୟ ପାଇଁ ବ୍ୟବହାର ହେବା କାରଣରୁ ଶିକ୍ଷା ଦାନ କାର୍ଯ୍ୟ ବିପର୍ଯ୍ୟସ୍ତ ହୋଇଥାଏ । ଏକ ସମୟରେ ନିର୍ବାଚନ ହେବାଦ୍ୱାରା ପାଠ ପଢା କାର୍ଯ୍ୟ ବିଶେଷ ପ୍ରଭାବିତ ହେବନାହିଁ ।

ଷଷ୍ଠତଃ-ଏକ ସମୟରେ ନିର୍ବାଚନ ହେବା ଦ୍ୱାରା ସରକାରଙ୍କ ପ୍ରତିଶ୍ରୁତି ଓ କାର୍ଯ୍ୟାନ୍ୱୟନ ମଧରେ ଉତ୍ତମ ସମ୍ପର୍କ ସ୍ଥାପିତ ହୋଇଥାଏ।

ସପ୍ତମତଃ- ବାରମ୍ବାର ନିର୍ବାଚନ ହେବା ଦ୍ୱାରା ପ୍ରଶାସନିକ ଓ ନିରାପତ୍ତା କର୍ମଚାରୀମାନେ ନିର୍ବାଚନ ପରିଚାଳନା କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଏହାର ସୁଯୋଗ ନେଇ ଦେଶର ସଂହତି ଓ ସାର୍ବଭୌମତ୍ୱ ଉପରେ ବିପଦ ସୃଷ୍ଟି ହେବାର ସମ୍ଭାବନା ଥାଏ ।

ଶତ୍ରୁମାନେ ଏହି ସମୟକୁ ଏକ ସୁଯୋଗ ରୂପେ ଗ୍ରହଣ କରିଥାନ୍ତି । ଅଷ୍ଟମତଃ-ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ହେବା ଦ୍ୱାରା କ୍ଷମତାସୀନ ରାଜନୈତିକ ଦଳ ଆଇନ ପ୍ରଣୟନ ଓ ଶାସନ କାର୍ଯ୍ୟ ଆଦିକୁ ଗୁରୁତ୍ୱ ନଦେଇ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । କଳ ବଳ କୌଶଳେ ନିଜ ନିଜ ଦଳକୁ ଜିତାଇବା ପାଇଁ ଚେଷ୍ଟା କରିବା ସହିତ ଜନମତକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥାନ୍ତି । ଏହାଦ୍ୱାରା ଗଣତାନ୍ତ୍ରିକ ତଥା ସଂଘୀୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହ ରାଜନୈତିକ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ଥାଏ । ନବମତଃ-ଏକକ ନିର୍ବାଚନ ହେବା ଦ୍ୱାରା ଭାରତ ବାହାରେ ରହୁଥିବା ଭାରତୀୟମାନଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି ହେବ । ସେମାନେ ଯେବେ ନିଜର ଭୋଟ୍ ଅଧିକାର ସାବ୍ୟସ୍ତ ପାଇଁ ଭାରତ ଆସିବେ ଏକ ସଙ୍ଗରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ଭୋଟ ଦେବାର ସୁଯୋଗ ପ୍ରାପ୍ତ ହେବେ । ଦଶମତଃ- - ବାରମ୍ବାର ନିର୍ବାଚନ ହେବା ଦ୍ୱାରା ମତଦାତାଙ୍କ ନିର୍ବାଚନ ପ୍ରତି ଆଗ୍ରହ ହ୍ରାସ ପାଏ । ଯାହା ଫଳରେ ମତଦାନ ହାର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ । ଏକ ସମୟରେ ନିର୍ବାଚନ ମତଦାନ ସଂଖ୍ୟା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ -୪

॥ ବ୍ରହ୍ମାଙ୍କର ଚିନ୍ତା ॥


ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।



ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।


ମଧୁ କୈଟଭର ଶରୀରକୁ ମେଦିନୀ ଉପରେ ମେଲାଇ ଦେବାରୁ ଏହା ଜଳ ଉପରେ ଭାସି ରହିବାରୁ ଏହା ଟଳମଳ ହେଲା। ବ୍ରହ୍ମା କୋଇଲି ବୈକୁଣ୍ଠର ନିରାକାର ଶ୍ରୀ ବିଷ୍ଣୁଙ୍କ ସହ ପରାମର୍ଶକରି ଯେତେବେଳେ ମେଦିନୀଠାରୁ ପାତାଳକୁ ପୃଥକ୍ କରିବାକୁ ଚାହିଁଲେ, ସେତେବେଳେ ପାତାଳରେ ଥିବା ଦୈତ୍ୟମାନେ ବାଧା ଦେଲେ। ତେଣୁ ବ୍ରହ୍ମା ଯେଉଁ ପ୍ରଥମ ଖୁଣ୍ଟି ପୋତିଲେ, ତାହା ବଙ୍କେଇ ଯିବାରୁ ସେହି ପାଖ ତଳକୁ ଢଳିଯାଇଛି।

ଏହାପରେ ବ୍ରହ୍ମା ସମସ୍ତ ସଂସାରକୁ ତିନି ଭାଗରେ ବିଭକ୍ତ କଲେ ଯଥା- ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ।

ସ୍ୱର୍ଗରେ ଦେବତା ମାନେ ରହିଲେ, ମର୍ତ୍ତ୍ୟରେ ମାନବମାନେ ରହିଲେ ଓ ପାତାଳରେ ନାଗମାନେ ରହିଲେ। ସମସ୍ତ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳକୁ ପୁଣି ସାତ ଭାଗରେ ବିଭକ୍ତ କରାଗଲା।

୧- ମର୍ତ୍ତ୍ୟକୁ ଜମ୍ବୁଦ୍ୱୀପ-ପ୍ଲକ୍ଷଦ୍ୱୀପ-ଶାଳ୍ମଳୀ-କୁଶ-କ୍ରୌଞ୍ଚ, ଶାକ ଓ ପୁଷ୍କର।

୨- ପାତାଳକୁ ଯଥା ତଳ-ଭୂତଳ-ବିତଳ-ସୁତଳ-ରସାତଳ-ଚଳାଚଳ ଓ ପାତାଳ।

୩- ସ୍ୱର୍ଗକୁ ସାତ ଭାଗରେ ବିଭକ୍ତ କରାଯାଇ ସ୍ୱର୍ଗର ସାତଜଣ ମୁଖ୍ୟ ଦେବତା ମାନଙ୍କୁ ଦାୟିତ୍ୱ ଦିଆଗଲା। ସେହି ଦେବତା ମଧରେ ଅନ୍ୟ ଛୋଟ ଛୋଟ ଦେବତା ଓ ଋଷିମାନେ ରହିଲେ।

ମର୍ତ୍ତ୍ୟ ଭାଗଟି ଜଳ ଉପରି ଭାଗ ଥିବାରୁ ତାକୁ ସ୍ଥିର ରଖିବା ପାଇଁ ବ୍ରହ୍ମା ସାତଟି ଖୁଣ୍ଟି (ଯାହାକୁ ପର୍ବତ କୁହାଯାଉଛି) । ତେବେ ସୁଦ୍ଧା ଧରଣୀ ବା ପୃଥିବୀ ସ୍ଥିର ନ ରହିବାରୁ ବ୍ରହ୍ମା ତାର ମଧ ସ୍ଥଳରେ ଏକ ଖୁଣ୍ଟି ବା ପର୍ବତକୁ ପୋତିଲେ । (ଯାହାକୁ ଆଜିର ଦକ୍ଷିଣ ଭାରତରେ ଥିବା ବିନ୍ଧ୍ୟଗିରି ପର୍ବତ କୁହାଯାଏ।

ସେତେବେଳେ ଜଳ ଉପରେ ସ୍ଥଳ ଭାଗ ନ ଥିବାରୁ ବ୍ରହ୍ମା ଗୋଟେ ପଦ୍ମପତ୍ର ଉପରେ ବାସ କରୁଥିଲେ ଏବଂ ତାଙ୍କ ସହିତ ମନୁ ବୋଲି ଜଣେ ଋଷି ଅନ୍ୟ ଏକ ପତ୍ରରେ ବାସ କରୁଥିଲେ।

ମୀନ ଅବତାରରେ ମଧୁକୈଟଭ ଅସୁରକୁ ମାରି ତାହାରି ମେଦ ବ୍ରହ୍ମାଙ୍କୁ ଦେଲେ। ବ୍ରହ୍ମା ଏହି ମେଦକୁ ଶୁଖାଇ ତାହାକୁ ଜଳ ଉପରେ ମେଲାଇ ଦେଲେ। ତାହାର ନାମ ହେଲା ମେଦିନୀ।

(କ୍ରମଶଃ)


+ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର


# ଏତେଦିନ ପରେ ବାଲେଶ୍ୱର ଜିଲ୍ଲା ସାରା ଦେଶରେ ନିଜର ପରିଚୟ ସୃଷ୍ଟି କରିପାରିବ

**ସୁବ୍ରତ କର**



ବହୁ ପ୍ରତିକ୍ଷିତ 'ବଜ୍ରପାତ ଗବେଷଣା କେନ୍ଦ୍ର' ବାଲେଶ୍ୱରଠାରେ ସ୍ଥାପନ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। କିଛି ଗୋଟାଏ ଭଲ ଜିନିଷ କରିବାପାଇଁ ଦିଲ୍ଲୀ ସରକାରଙ୍କ ନିଷ୍ପତ୍ତିକୁ ବାଲେଶ୍ୱରବାସୀ ସ୍ୱାଗତ କରିଛନ୍ତି। ପ୍ରତି କ୍ଷେତ୍ରରେ ଏହି ଜିଲ୍ଲାକୁ ଦିଲ୍ଲୀ ସରକାର ଏବଂ ଭୁବନେଶ୍ୱର ସରକାର ଆଖିର ପଛଆଡ଼େ ରଖି ଆସିଛନ୍ତି। ଭାରତ ସରକାରଙ୍କ ପି.ଏକ୍ସଇ, ଆଇଟିଆର ଭଳି କିଛି ଅନୁଷ୍ଠାନ କାର୍ଯ୍ୟକ୍ଷମ ଏବଂ ପି.ଏକ୍ସ.ଇ ହେଉଛି ବହୁତ ପୁରୁଣା ଅନୁଷ୍ଠାନ। ଏହାକୁ ଛାଡ଼ିଦେଲେ ପ୍ରାୟ ୫ ବର୍ଷ ତଳେ ଏମସର ଏକ ସେଟେଲାଇଟ ସେଂଟରର ଜମି ପୂଜା ହୋଇ ଚାରିପଟ ଘେରା କାମ ସରିଥିଲା। ବେଶ କିଛିଦିନ ଏହାକୁ ସ୍ଥଗିତ ରଖାଗଲା। ଗତ ଇଲେକସନ ସମୟରେ ମେଡିକାଲ କ୍ରୀୟାନୁଷ୍ଠାନ କମିଟି ତରଫରୁ ଧର୍ମେନ୍ଦ୍ର ବାବୁଙ୍କୁ ୩ ଥର ଭେଟିବା ପରେ ସେ ୩୬ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ ଏବଂ ଏବେ ସେହି ଟଙ୍କାରେ ଅ.ପି.ଡି ତିଆରି ଚାଲିଛି। କେବେ ଶେଷ ହେବ ଏବଂ କାର୍ଯ୍ୟକ୍ଷମ ହେବ ଈଶ୍ୱରଙ୍କୁ ଜଣା। ଏହି ଦୁଇଟିକୁ ଛାଡ଼ିଦେଲେ ଭାରତ ସରକାରଙ୍କ ଅନ୍ୟ କୌଣସି ଅନୁଷ୍ଠାନ ନାହିଁ। ଏହି ବଜ୍ରପାତ ଗବେଷଣା କେନ୍ଦ୍ର ଯଦି କାର୍ଯ୍ୟକ୍ଷମ ହୁଏ ଏହା ହେବ ତୃତୀୟ। ଏହି ଅନୁଷ୍ଠାନଟି ବାଲେଶ୍ୱର ଏବଂ ସାରା ପୂର୍ବ ଭାରତ ପାଇ କାମ ଦେବ। ଏହି ଗବେଷଣା କେନ୍ଦ୍ର ଦ୍ୱାରା ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର ପୂର୍ବ ରାଜ୍ୟମାନେ ଲାଭବାନ ହୋଇପାରିବେ। ଏହି ଗବେଷଣା କେନ୍ଦ୍ରଟି ସହିତ ଜଡ଼ିତ ରହିବେ ଆଇ.ଏମ.ଡି, ଇସ୍ରୋ, ଭୂ ବିଜ୍ଞାନ ମନ୍ତ୍ରଣାଳୟ ଏବଂ ଡି.ଆର.ଡି.ଓ। ବାଲେଶ୍ୱରଠାରେ ଏମାନଙ୍କ ସହଯୋଗରେ ଅତ୍ୟାଧୁନିକ ପାଣିପାଗ ମାପକ ଯନ୍ତ୍ର ଲଗାଯିବ। ଏହି ଯନ୍ତ୍ର ଦ୍ୱାରା କାଳବୈଶାଖି ଏବଂ ବଜ୍ରପାତର ପୂର୍ବାଭାସ ମିଳିପାରିବ। ଏହା କାର୍ଯ୍ୟକ୍ଷମ ହେଲେ ଏହା ଭାରତବର୍ଷର ପ୍ରଥମ। ସମୟ ପ୍ରାୟ ୫ ବର୍ଷ ଲାଗିବ ଏବଂ ଶହଶହ ଧନ ଜୀବନକୁ ବଂଚାଇପାରିବ। ପ୍ରତିବର୍ଷ ବଜ୍ରପାତ ଦ୍ୱାରା ମୃତ୍ୟୁ ସଂଖ୍ୟା ଓଡ଼ିଶାର ପ୍ରାୟ ୨୦୦ଜଣ। ଏହା ତିନି ଚାରଟି ବିଭାଗର ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ପୂର୍ବ ଭାରତରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ର, ଛାତ୍ରୀମାନେ ପାଠ ପଢ଼ି ଗବେଷଣାର ମଧ୍ୟ ସୁଯୋଗ ପାଇ ପାରିବେ। ଏହା ଏକ ନୂତନ ପାଠ୍ୟକ୍ରମ ହୋଇଥିବାରୁ ଏହାର ଚାହିଦା ସାରା ଦେଶରେ ପ୍ରଚୁର ରହିବ ଏବଂ ଏହି ଅଂଚଳର ପିଲାମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ଏହାର ମୂଳ ଥିଲଶ ୨୮ ମାର୍ଚ୍ଚ ୨୦୧୭ ଏବଂ ୫ ଏପ୍ରିଲ ୨୦୧୭ କାରଣ ଏହି ଦିନ ମାନଙ୍କରେ ବାଲେଶ୍ୱରର ପୂର୍ବତନ ଲୋକସଭା ସଦସ୍ୟ ଶ୍ରୀ ରବୀନ୍ଦ୍ର କୁମାର ଜେନା ଏହା ବାଲେଶ୍ୱରରେ ହେଉବୋଲି ସଂସଦରେ ଉଠାଇଥିଲେ ଏବଂ ଏବେ ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଛି।




## ମୋ ଗାଆଁ

**ଧ୍ରୁବ ଚରଣ ବେହେରା**



ପ୍ରଭାତେ ସୂରୁଜ ଆସେ ଯେବେ ହସି
ସୁନାର ମୁରୁଜ ବୁଣି
ନବ ପଲ୍ଲବିତେ ସୁଷମା ଶେଯରେ
ଚାହାଁଇ ଧରଣୀ ରାଣୀ ।।

ସୁଶୋଭିତ ଧରା ସବୁଜିମା ଘେରେ
ଚମକେ ସମ୍ଭାର ନେଇ
ନୀଳ ଆକାଶର ନୀଳିମା ତଳରେ
ସୁନ୍ଦର ମୋ ଗାଆଁ ଭୂଇଁ ।।

ମଧୁଠାରୁ ମିଠା ସରଗଠୁ ବଡ
ତା' ପାଣି ପବନ ମାଟି
ସେନେହ ପରଶ ପାଇଁ ବନ୍ଦନୀୟା
ସଦା ସେ ପୁଣ୍ୟର ଭେଟି ।।

ଚିଲିକା ସୁନ୍ଦରୀ ପାଦ ତା' ପଖାଳେ
ଭାଲେରୀ ତା ମଥା ମଣି
ସଂଧାର ଗୋଧୂଳି ଲେଖଇ କବିତା
ଅପୂର୍ବ ସୌନ୍ଦର୍ଯ୍ୟ ଜିଣି ।।

ପ୍ରାଚୀ ସକାଳଟି କୋଟି କାନ୍ତି ମୟ
ସାୟଂ ରଙ୍ଗର ବିଧୁର
ଖେଳି କୁଦି ମୋର କଟିଛି ଜୀବନ
ଦାନ ତା' ସୁଖ ସାଗର ।।

ସେହି ଅଟେ ମୋର ଜନ୍ମର ଠିକଣା
ପିଲାଦିନ ସ୍ମୃତି ଘର
ଗାଆଁ ନୁହେଁ ସେତ ସ୍ୱର୍ଗର କୁଟୀର
ସଂପର୍କର ସେତୁ ଝର ।।


ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ସେଇ ଚଞ୍ଚଳା ଝିଅଟି

**ରତନ କୁମାର ଶିଉଳି**



ଅନେକ ଅଭାବ ଭିତରେ
ବଡ଼ ହୋଇ ଉଠିଥିବା ସେଇ ଚଞ୍ଚଳା-
ଝିଅଟି ଦିନେ ଭଲ ଖାଇ, ଭଲ ପିନ୍ଧି
ବଂଚିବାକୁ ଚାହିଁଥିଲା, ଧରାଧରି
କୋଳାକୋଳି ପସନ୍ଦ ନକରି।

ସମୟ ସାଥୀରେ ଜାଣିପାରିଲା ଦିନେ
ଆଜି ସେ ଆଉ ଝିଅ ନୁହେଁ
ଏବେ ସେ ଜଣେ ନାରୀ
ଯିବା ଆସିବା ପୁରୁଷଙ୍କ-
ଦୃଷ୍ଟି ନିଆଁରେ ଘିଅ ଛିଞ୍ଚି
ସାବଧାନରେ ତାକୁ ଚାଲିବାକୁ ପଡ଼ିବ
ସହଜାତ ଶଂକା ଦୂର କରି।

ସେ ବୁଝିପାରୁଛି ବନ୍ଧୁର ତା ଚଲାପଥ
ସଦା ଝୁଂଟି ପଡ଼ିବାର ଭୟ
ତଥାପି ଆଗେଇବାକୁ ପଡ଼ିବ
ଭୟ ଛାଡ଼ି ଦୃଢ଼ମନ ନେଇ।

ନାରୀମାନେ ସଦା ଚଂଚଳ,
ସ୍ୱପ୍ନମୟ-ମଧୁମୟ
ହୋଟେଲ କକ୍ଷର
ନିଷ୍ପ୍ରଭ ନିଅନ ଆଲୁଅରେ
ରୁଦ୍ଧଦ୍ୱାର ପ୍ରେମାଳାପ,
ଖୁବ୍ ଭଲ ଲାଗେ ସେ ଆଳାପ।

ନାରୀଜୀବନ ଯେହେତୁ
ଅନୁଗାମିନୀ ଜାତପ୍ରେମ
ସେଠାରେ ନିଜସ୍ୱ ଆଲୁଅ କାହିଁ ?

ସେ ବଂଚିଛି ମାତ୍ର,
ଅନ୍ୟ ଆଲୋକର ଛାଇ ହୋଇ
ଭଲ ଖାଇ ଭଲ ପିନ୍ଧି,
ଭଲରେ ରହିଛି
ବୟସର ଇଷତ୍ ଭାରି ଦେହ ନେଇ
ସେ ଦିନର ସେଇ ଚଂଚଳା ଝିଅଟି।


+ସଂଧ୍ୟା ନିଳୟ, ରତିକାନ୍ତ ବାଳିକା
ହାଇସ୍କୁଲ, ସହଦେବଖୁଂଟା
ବାଲେଶ୍ୱର-୭୫୬୦୦୧





## ତୁ ଟାଣୁ ତୋ ରଥ ..

**ହଂସନାଥ ମୁଦୁଲି**



ତୁ ଟାଣୁ ତୋର ରଥରେ କାଳିଆ
ତୁ ଟାଣୁ ତୋ ରଥ
ଆମେ ଖାଲି ଯାହା ମିଛରେ ବାଉଳି
ସରୁନାହିଁ ବୋଲି ପଥ।

ରଥ ଦଉଡ଼ିରେ ପଡ଼ିଗଲେ ହାତ
ଆମେ ଭାବୁ ବଳ ବଢ଼େ
ସେ ବଳ ତ ଖାଲି ତୋ ଶରଧାରେ
ଆମ ଭାବ ଟିକେ ଯୋଡ଼େ
ଭକ୍ତ ମନମୋହି ଦରଶନ ଦେଇ
ସଂସାରକୁ କରୁ ପ୍ରୀତି
ତୁ ଟାଣୁ ତୋ ରଥ।

କେତେ ଦୂରୁ କେଉଁ ଭକ୍ତ ଆସୁଅଛି
ସେ କଥା ତୁ ଏକା ଜାଣୁ
କିଏ ଜାଣୁ ତୁହି ରହୁ କାହାପାଇଁ
କାହାକୁ ଡୋରିରେ ଟାଣୁ
ଭକ୍ତ ମନବାଞ୍ଛା ପୂରି ଗଲେ ଥରେ
ସରିଯାଏ ତୋ' ଯାତ
ତୁ ଟାଣୁ ତୋ' ରଥ।


ଖଣ୍ଡଗିରି (ଡୁମୁଡୁମା -କ)
ଭୁବନେଶ୍ୱର-୭୫୧୦୩୦
ମୋ: ୯୭୭୭୯୬୮୭୧୯

**● ଧାରାବାହିକ ଆତ୍ମଜୀବନୀ ●**

ଭାଗ-୪

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

## ରମାକାନ୍ତ ବେହେରା



ସଂକଳନଟି ସଂପର୍କରେ ନିଜେ ମନ୍ତବ୍ୟ ଦେବା ଅନୁଚିତ। ଆଲୋଚକ ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ଭୂୟାଁଙ୍କ ବାକ୍ୟଟିଏ ଉଲ୍ଲେଖ କରୁଛି। 'ଜୀବନ ଓ ଜଗତର ବିବିଧ ଭାବ ବୈଚିତ୍ର୍ୟର କାନ୍ତ କୋମଳ ଲଳିତ ମଧୁର ପଦାବଳୀର ଏହି ସଂକଳନ କାବ୍ୟ ମୋଦୀଙ୍କ ପାଇଁ ଏକ ଶ୍ରେଷ୍ଠ ଉପହାର। କବିଙ୍କ ବାଲ୍ୟବୟସରୁ ଉର୍ତ୍ତୀର୍ଣ୍ଣ ବୟସ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ ଜୀବନର ଏ କାବ୍ୟିକ ଉଚ୍ଚାରଣ ମାଟି ମା'ର ବାସନାଠାରୁ ପ୍ରେମ, ପ୍ରଣୟ, ପ୍ରକୃତି, ଦେଶ, ବିଶ୍ୱ ସହ ଉତ୍ତରିତ ଐଶୀ ଚେତନାର ମର୍ମମନ୍ଥନ ଅନୋଧ ଦୁର୍ବୋଧତାର କୁହେଳି ମଧ୍ୟରେ ନୁହେଁ ସାବଲୀଳ ବୋଧଗମ୍ୟତାର ମମତାମୟୀ ମାଧୁର୍ଯ୍ୟରେ ବେଶ୍ ରସସ୍ନାତ' -ମୁଗ୍ଧ ଅନୁଭବ ପୃ-୧୭।

ଅଷ୍ଟମ ଶ୍ରେଣୀରେ ଜୀବନର ପ୍ରଥମ ଗଳ୍ପ 'ପ୍ରତିଦାନ' ଲେଖିଥିଲି, ମାତ୍ର ନବମ ଶ୍ରେଣୀ ସାହିତ୍ୟ ବହିରୁ ଫକୀରମୋହନଙ୍କ 'ଡାକମୁନସୀ' ପଢ଼ି ଜାଣିଲି ଲେଖାଟି ସମଧର୍ମୀ, ତାଙ୍କର ଗଳ୍ପକୁ ଏପଟ ସେପଟ କରି ନକଲ କରିଥିବାର ଅପବାଦ ମିଳିବା ଆଶଙ୍କାରେ ପଡ଼ିରହିଲା ଦୀର୍ଘଦୀନ। ୧୯୮୯ ଝଡ଼ ବାତ୍ୟାରେ ମୋର ଅନ୍ୟ ପାଣ୍ଡୁଲିପି ସହ ତାର ସତ୍ତା ମଧ ଲୋପ ପାଇଲା।

ପୂର୍ବରୁ ଲେଖିଛି ୧୯୬୦ରେ ନବମ ଶ୍ରେଣୀରେ ପଢୁଥିଲାବେଳେ ଲେଖିଥିଲି ଜୀବନର ପ୍ରଥମ ଉପନ୍ୟାସ 'ଜୀବନର ଘୂର୍ଣ୍ଣି', ପ୍ରକୃତରେ ପାଣ୍ଡୁଲିପିଟି ଜୀବନର ଘୂର୍ଣ୍ଣି ମଧ୍ୟରେ ନିରୁଦ୍ଦିଷ୍ଟ ହେଲା ପ୍ରାୟ ଷାଠିଏ ବର୍ଷ, ସୁଦୂର ନୟାଗଡ଼ରୁ ଆକସ୍ମିକ ଭାବେ ଜୀର୍ଣ୍ଣ ପାଣ୍ଡୁଲିପିଟି ଉଦ୍ଧାର ହେଲାପରେ ୨୦୧୮ରେ ପ୍ରକାଶ ପାଇଲା, ଏ ସମ୍ବନ୍ଧରେ ପୁସ୍ତକଟିର ପ୍ରାରମ୍ଭରେ 'କିଞ୍ଚିତ୍' ରେ ଉଲ୍ଲେଖ କରିଛି। ବିଜ୍ଞ ଆଲୋଚକଙ୍କ ମତରେ କେବଳ ଆମ ସାହିତ୍ୟରେ ନୁହେଁ ସମଗ୍ର ସାହିତ୍ୟ ଜଗତର ଏତେ କମ ବୟସ ଓ ଶିକ୍ଷାରେ ଏଭଳି ଉପନ୍ୟାସ ସୃଷ୍ଟି ହୋଇଥିବାର ନଜିର ନାହିଁ। ସେ କଷରା କାଗଜର ଜୀର୍ଣ୍ଣ ମୂଳ ପାଣ୍ଡୁଲିପିଟି ଏବେବି ସାଇତି ରଖିଛି, ବହିଟି ଫକୀରମୋହନ ସାହିତ୍ୟ ପରିଷଦରେ ଉନ୍ମୋଚନ ଅବସରରେ ଉପସ୍ଥିତ ଲେଖକ ଲେଖିକାମାନେ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେଇ ନବମ ଶ୍ରେଣୀରେ 'ପର କନ୍ୟାଷୁ ପତ୍ନୀବତ୍' ନାମରେ ଏକ ହାସ୍ୟରସାତ୍ମକ ଏକାଙ୍କିକା ଲେଖିଥିଲି ମାତ୍ର ସେଇ ୧୯୮୯ ଝଡ଼ବର୍ଷାରେ ସେ ପାଣ୍ଡୁଲିପି ନଷ୍ଟ ହୋଇ ଯାଇଛି।

ଜଳେଶ୍ୱରପୁର ହାଇସ୍କୁଲରେ ଦଶମରେ ପଢୁଥିଲାବେଳେ ସ୍କୁଲର ମୁଖପତ୍ର 'ଚିତ୍ରଖୋ' ପତ୍ରିକାର ମୁଁ ଥିଲି ନିର୍ବାଚନ ଛାତ୍ର ପ୍ରତିନିଧି। ସେଥିରେ ମୋର ତିନୋଟି ଲେଖା ପ୍ରକାଶ ପାଇଥିଲା। 'ସହିଦ ସ୍ମରଣେ' (କବିତା), ଯବନିକା (ଗଳ୍ପ) ଏବଂ ଜୀବନର ପ୍ରଥମ ଇଂରାଜୀ କବିତା () ଏ ତିନୋଟିକୁ ମୋର ପୂଜ୍ୟ ଗୁରୁଜୀମାନେ ମୋର ନିଜର ଲେଖା ମୋଲି ବିଶ୍ୱାସ କରିନଥିଲେ। ହୁଏତ ମୁଁ କେଉଁଠୁ ଉତାରିଥିବି ବା କେହି ଲେଖିବାରେ ସାହାର୍ଯ୍ୟ କରିଥିବ। ବିଶେଷତଃ ଇଂରାଜୀ କବିତାଟିକୁ ପ୍ରଧାନ ଶିକ୍ଷକ କିଛି ସଂଶୋଧନ କରିଥିଲେ ମଧ ସେ ବିସ୍ମୟ ପ୍ରକାଶ କରିଥିଲେ।

ଏଠାରେ କବିତାଟିର କେବଳ ଶେଷ ପଦଟି ଉଲ୍ଲେଖ କରୁଛି-

**'Let my country stride to see**
**a millennim dawning**
**Upon the land, thou art our lofty**
**Hon r, hope and longing.(Date - 15Agu. 1961 Class - X)**

ଚିତ୍ରଲେଖାରେ ଥିବା ଗଳ୍ପଟିର ଭାବ ଭାଷା ବିନ୍ୟାସ ମଧ ମୋର ପୂଜ୍ୟ ସାହିତ୍ୟ ସାର୍‌ମାନଙ୍କୁ ଚକିତ କରିଥିଲା, କିନ୍ତୁ ସବୁଠୁ ଅବିଶ୍ୱାସ ଥିଲା କବିତା 'ସହୀଦ ସ୍ମରଣେ' ପୂର୍ବରୁ ଉଲ୍ଲେଖ କରିଛି, ଏ କବିତାଟିକୁ ସପ୍ତମଶ୍ରେଣୀରେ ଲେଖିଥିଲି। ସ୍ୱାଧୀନତା ସଂଗ୍ରାମର ସହିଦ୍‌ମାନଙ୍କ ସ୍ମୃତି ସମ୍ମାନର ଅର୍ଘ୍ୟ ପ୍ରଦାନ କବିତାର ଅଭାବ ନାହିଁ। ଏ କବିତାଟି କ୍ଷୁଦ୍ର କିନ୍ତୁ ଭାବନା ଦୃଷ୍ଟିରୁ ବ୍ୟତିକ୍ରମ ତଥା ମୌଳିକ। ସାଧାରଣତଃ ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଫାସି ମଞ୍ଚରେ ଝୁଲିଥିଲେ, କଳାପାଣିରେ ଜୀବନ ବିତାଇଥିଲେ କିବା ଅସହ୍ୟ କଷଣ ସହ ଜେଲଦଣ୍ଡ ଭୋଗିଥିଲେ ସେମାନଙ୍କୁ ପ୍ରାୟ ସଭିଏଁ ଜାଣନ୍ତି କିନ୍ତୁ ଯେଉଁମାନେ ସଭିଙ୍କ ଦୃଷ୍ଟି ଅନ୍ତରାଳରେ ମାତୃଭୂମିର ସ୍ୱାଧୀନତା ପାଇଁ ଆତତାୟୀ ଗୁଳିରେ କେଉଁ ପାହାଡ଼, ପର୍ବତ ଅପନ୍ତରାରେ ଅକାଳରେ ପ୍ରାଣ ହାରିଥିଲେ ସେମାନଙ୍କୁ କେହି ଜାଣେନା, ସେଇ ଅଜ୍ଞାତଙ୍କ ପାଇଁ ସ୍ମୃତିତର୍ପଣ ପ୍ରାୟ ବିରଳ, ମୁଁ କିମିତି ଏଭଳି ମୌଳିକ ଭାବନାର କବିତାଟି ଲେଖିପାରିଲି କାହାରି ବିନା ସହାୟୟତାରେ ଏହା ମୋର ପୂଜ୍ୟ ଗୁରୁମାନଙ୍କୁ ଏକାନ୍ତ ଅବିଶ୍ୱାସ ଥିଲା।

ସେଇମାନଙ୍କ ଏଇ ଅବିଶ୍ୱାସହିଁ ଥିଲା ମୋର ଆତ୍ମବିଶ୍ୱାସର ମୂଳଭିତ୍ତି ଯାହା ପରବର୍ତ୍ତୀ ସାଧନାର ମୋର ମୂଳ ପ୍ରେରଣା ହୋଇଥିଲା।

ମାଟ୍ରିକ ପରେ ଉଚ୍ଚଶିକ୍ଷା ମୋ ପାଇଁ ଦୁଃସ୍ୱପ୍ନଥିଲା, ପ୍ରାଥମିକ ଶିକ୍ଷକ ଥାଇ ପରଘରେ ମୁଣ୍ଡଗୁଞ୍ଜି ମୁଠେ ଖାଇବା ବଦଳରେ ସଂଧ୍ୟା ସକାଳେ ଦଳେ ପିଲାଙ୍କୁ ପଢ଼ାଇଲି।

ତଥାପି ତାରି ଭିତରେ ଲେଖିଥିବା କେତୋଟି ଇଂରାଜୀ କବିତା ଏବଂ ଇଂରାଜୀ ଗଳ୍ପ '**The star behind the cloud**' ଗଳ୍ପଟିକୁ ପ୍ରଖ୍ୟାତ ପ୍ରଫେସର ଡ. ମନ୍ମଥନାଥ ଦାସଙ୍କୁ ଗ୍ରୀଷ୍ମଛୁଟିରେ ତାଙ୍କ ଘରକୁ ଆସିଥିବାବେଳେ ପଢ଼ାଇଥିଲି। ସେ ଏତେ ମୁଗ୍ଧ ହୋଇଥିଲେ ଯେ ମୋତେ ଇଂରାଜୀରେ ଏମ.ଏ. ପରୀକ୍ଷା ଦେଇ ଇଂରାଜୀ ପ୍ରଫେସର ହେବାକୁ ଏବଂ ଲେଖାଲେଖି କରିବାକୁ ପ୍ରେରଣା ଦେଇଥିଲେ। ତାହା ହୋଇଥିଲେ ହୁଏତ ଆନ୍ତର୍ଜାତିକ ଖ୍ୟାତି ପାଇଥାନ୍ତି କିନ୍ତୁ ଏ ଅଭାଗା ପକ୍ଷରେ ଥାଇ ବସାରେ ଦଳେ ପିଲାଙ୍କୁ ସଂଧ୍ୟା ସକାଳେ ପଢ଼ାଇ ନିଜେ ପଢ଼ି ଇଂରାଜୀରେ ଏମ.ଏ. ଦେବା ପାଇଁ ଦୁସାଧ ଥିଲା, ଘରର ଯନ୍ତ୍ରଣା ବି ଯଥେଷ୍ଟ ଥିଲା। ମା' ଥିଲେ ପୁତ୍ରଶୋକରେ ପକ୍ଷାଘାତରେ ଶଯ୍ୟାଶାୟିନୀ, ବାପ ବାତରୋଗୀ, ସେମାନଙ୍କ ଚିକିତ୍ସା ସେବା କର୍ତ୍ତବ୍ୟ ସମ୍ଭାଳି ମନୋଜୀୟ ସ୍ୱପ୍ନକୁ ଏ ଜନ୍ମ ପାଇଁ ଜଳାଞ୍ଜଳି ଦେଇ ଘରୋଇ ଭାବେ ପରୀକ୍ଷା ଦେଇ କୃତିତ୍ୱର ସହ ଆଇ.ଏ.ବି.ଏପରେ ଓଡ଼ିଆରେ ଏମ୍.ଏ, ହେଲି ଏ ସମ୍ବନ୍ଧରେ ଆଗରୁ ଲେଖିଛି। ପରବର୍ତ୍ତୀ ଶିକ୍ଷକ ଜୀବନରେ ଅବଶ୍ୟ ସେ ଇଂରାଜୀ ଗଳ୍ପଟିକୁ ଶିକ୍ଷକ ଦର୍ପଣରେ ପ୍ରକାଶ କରିଥିଲି।

ସେ ସମୟରେ ଗାଁ ଟାଇଟରମାନେ ସ୍କୁଲ ପରିବେଶକୁ କିପରି ନଷ୍ଟ କରନ୍ତି ତାରି ବାସ୍ତବ ଅଭିଜ୍ଞତା ଉପରେ ଜୀବନର ପ୍ରଥମ ନାଟକ ଲେଖିଲି 'ନାଗବଂଶ' ମାତ୍ର ତାହା କଟକର 'ଗୁରୁଜୀ ବୁକ୍‌ଷ୍ଟୋର' ପାଖରେ ଛପା ହେବା ପାଇଁ ଦୀର୍ଘଦିନ ପଡ଼ି ରହି ନିରୁଦ୍ଦିଷ୍ଟ ହୋଇଗଲା। ଏ ଆଘାତ ମୋ ସ୍ମୃତିରେ ଅଭୁଲା।

ପ୍ରାଥମିକ ସ୍କୁଲର ଶିକ୍ଷାଦାନରେ ସୁନାମର ସହ ପ୍ରତିବର୍ଷ ଏକାଧିକ ଛାତ୍ରଛାତ୍ରୀଙ୍କୁ ବୃତ୍ତିଧାରୀ କରାଇ, ସେତେବେଳର ଅବସରପ୍ରାପ୍ତ ବୃଦ୍ଧ ଶିକ୍ଷକଙ୍କ ପ୍ରତି ସରକାରଙ୍କ ହୃଦୟହୀନ ଅନ୍ୟାୟ ପଦକ୍ଷେପ ବିରୁଦ୍ଧରେ ସଂଗ୍ରାମର ନେତୃତ୍ୱ ନେଇ, ସପ୍ତାହର ଦିନଟିଏ ଘରେ ରହି ସମସ୍ତ ଦାୟିତ୍ୱ ସଂପାଦନ ସହ ବାତ ଓ ପକ୍ଷାଘାତ ଶଯ୍ୟାଶାୟୀ ବୁଢ଼ା ବାପାମା'ଙ୍କ ସେବା ଚିକିତ୍ସା ବ୍ୟବସ୍ଥାରେ ବ୍ୟସ୍ତରହି ଅଭାବୀ ସଂସାରର ଅଜସ୍ର ଯନ୍ତ୍ରଣାରେ ଘାରି ହୋଇ ମଧ ଲେଖନୀକୁ କିପରି ସଚଳ ରଖିଥିଲି ଭାବିଲେ ଏବେବି ଅବାକ ହୁଏଁ।

ମୋର ପ୍ରଥମ ପ୍ରକାଶିତ ଉପନ୍ୟାସର ସୃଷ୍ଟି ସଂବନ୍ଧରେ ଏକ ସ୍ମୃତି ମନେପଡ଼େ। ଏ ପାଇଁ ପ୍ରେରଣା ଦେଇଥିଲେ ଜଣେ ହାଇସ୍କୁଲର ଛାତ୍ର ରବୀନ୍ଦ୍ର ନାଥ ପାତ୍ର, ଅନାବନା କାଗଜରେ ଦୁଇ ତିନିପୃଷ୍ଠା ଲେଖି ଭୁଲି ଯାଇଥିଲି, ମୋ ଅଜାଣତରେ ସେତକ ପଢ଼ି ରବୀନ୍ଦ୍ର କହିଲେ - 'ରମାକାନ୍ତ ଦା, ଏ ଲେଖାଟି ଏକ ଚମତ୍କାର ଉପନ୍ୟାସ ହୋଇପାରେ' - ବାସ୍ ଏତିକି। ଶବ୍ଦ କିପରି ବ୍ରହ୍ମ ହୋଇପାରେ ଏ ଉପନ୍ୟାସ ହିଁ ତାର ଏକ ପ୍ରମାଣ।

କେଉଁଠି ଥିଲେ ସେସବୁ ଅଜଣା ଚରିତ୍ର, ଅଜସ୍ର ଘଟନା ଓ ଚରିତ୍ରବଳୀର ବିଚିତ୍ର ସମାବେଶରେ ମାତ୍ର ଦିଦଶକ ବୟସରେ ପ୍ରାଥମିକ ଶିକ୍ଷକ ଥିବାବେଳେ କିପରି ଲେଖିଲି ଆମ ସାହିତ୍ୟର ଏକ ଅତିକାୟ ଉପନ୍ୟାସ 'ଅନେକ ଉତ୍ୟାଦିପରେ' ତାହା ଏବେବି ମୋ ମନରେ ଏକ ବିସ୍ମୟ ଜିଜ୍ଞାସା ହୋଇ ରହିଛି, ଭାବେଁ ଯେମିତି ମୁଁ ଲେଖିନାହିଁ, ମୁଁ ତ ନିମିତ୍ତ ମାତ୍ର, ମୋ ହାତରେ ଅନ୍ୟକେହି ଅଦୃଶ୍ୟ ସତ୍ତା ସେପରି ଏକ ବିସ୍ମୟକର ସାରସ୍ୱତ ଅର୍ଘ୍ୟ ଓଡ଼ିଆ ସାହିତ୍ୟକୁ ଦେଇଛି, ଏହାମୋର ଗର୍ବ ନୁହେଁ, ଦୁର୍ଭାଗ୍ୟର ଅସରନ୍ତି ଅନ୍ଧାର କାଳିମା ଭିତରେ ସାହିତ୍ୟ ସର୍ଜନର ଏ ଶିଖା କିଏ କେମିତି ମୋ ଭିତରେ ଜଳାଇଲା ଏହା ଭାବି ପାରେନା

ସେତେବେଳର ଗ୍ରାମ୍ୟସମାଜ, କ୍ଷମତାସୀନ ରାଜନୀତି ଦଳର ବଡ଼ ଓ କୁଜି ନେତାଙ୍କ କଂସବତ୍ ଅହଙ୍କାରୀ ପ୍ରବୃତ୍ତି, ଦୁଷ୍କୃତ ସହ କୃଷ୍ଣବତ୍ ଏକ ଦରିଦ୍ର ଶିକ୍ଷିତ ଯୁବକର ଆଦର୍ଶଗତ ସଂଗ୍ରାମ, ସ୍ୱର ସଙ୍ଗୀତ ଜଗତର ଅଶ୍ରୁଝରା ଆଲେଖ୍ୟ, ଭାରତ ଚୀନ ଯୁଦ୍ଧ ପଟ୍ଟଭୂମିର ଦେଶାତ୍ମବୋଧର ଉଦାତ୍ତ ଆହ୍ୱାନ, ସହିଦଙ୍କ ପ୍ରାଣବଳୀର ହୃଦୟଥରା ଚିତ୍ର ଓ ଚରିତ୍ର କିପରି କେଉଁଠୁ ଆସି ମୋ ଲେଖନୀରେ ଜୀବନ୍ୟାସ ପାଇଲେ ମୁଁ ଭାବି ପାରେନା, ଦରଦୀ ପାଠକମାନେ ବି, ବିଶେଷତଃ ବୟସ, ଶିକ୍ଷା, ସୀମିତ ଗ୍ରାମ୍ୟ ପରିବେଶରେ ଥାଇ କିପରି ସେମାନଙ୍କ ସନ୍ଧାନ ପାଇଲି, ଭାଷାରେ ରୂପ ଦେବାକୁ ଶକ୍ତି ପାଇଲି ଆଜି ବି ଭାବିଲେ ବିସ୍ମୟ ଲାଗେ। ଏ ପ୍ରସଙ୍ଗରେ ପ୍ରଫେସର ମନ୍ମଥଇ ନାଥ ଦାସଙ୍କ ମନ୍ତବ୍ୟ ସ୍ମରଣ କରୁଛି।

ମୁଁ ବାରବାଟିଆରେ ପ୍ରଥମିକ ଶିକ୍ଷକ ଥିଲାବେଳେ ଥରେ ଗ୍ରୀଷ୍ମ ଛୁଟିରେ ଡ. ଦାସଙ୍କୁ ମୋର 'ଅନେକ ଇତ୍ୟାଦି ପରେ' ପାଣ୍ଡୁଲିପିଟି ପଢ଼ିବାକୁ ଦେଇଥିଲି। ପରବର୍ତ୍ତୀ ଛୁଟିରେ ସେ ଘରକୁ ଆସିଲା ପରେ ତାଙ୍କୁ ସାକ୍ଷାତ କରି ପାଣ୍ଡୁଲିପିଟି ଆଣିଲି ଏବଂ ତାଙ୍କର ମନ୍ତବ୍ୟ ଅପେକ୍ଷାରେ ରହିଲି ସେ ଯେଉଁ ମନ୍ତବ୍ୟ ଦେଲେ, ମୁଁ ଆଶ୍ଚର୍ଯ୍ୟ ହେଲି। ସେଭଳି ବିଶ୍ୱ ବିଖ୍ୟାତ ବିଦ୍ୱାନ ମୋ ଭଳି ସାମାନ୍ୟକୁ ଅସାମାନ୍ୟ କହିବେ ସ୍ୱପ୍ନରେ ଭାବି ନଥିଲି।

ମୁଁ ନମ୍ର ଭାବରେ କହିଲି- ସାର ବାମନକୁ ଚନ୍ଦ୍ର ଛୁଇଁବାର ଗୌରବ ଦିଅନ୍ତୁ ନାହିଁ।

- 'ଆପଣ ନିଜେ କଣ ତାହା ନିଜେ ଜାଣି ନାହାନ୍ତି', ମୁଁ ଯାହା କହିଲି ମୋ ପ୍ରାଣର ସ୍ୱତଃ ଅନୁଭବର ଉଚ୍ଚାରଣ। ମୋତେ ଯେତେବେଳେ ବୋର ଲାଗେ, ଏରୋପ୍ଲେନରେ ଘଣ୍ଟା ଘଣ୍ଟା ଆକାଶରେ ଉଡୁଥିବାବେଳେ ଏ ପାଣ୍ଡୁଲିପିର ବିଶାଳ ପୃଷ୍ଠା ଉପରେ ଆଖିପକାଏ। ନିଜକୁ ଭୁଲିଯାଏ କିଛିକ୍ଷଣ, କେବଳ ଓଡ଼ିଆ ଉପନ୍ୟାସ ନୁହେଁ ସମଗ୍ର ଉପନ୍ୟାସ କହିଲି, ଆଜ୍ଞା ଏହାର ଏମିତିକି ବୈଶିଷ୍ଟ୍ୟ ଅଛି ଯେ ଆପଣଙ୍କ ଭଳି-

ମୋ ବାକ୍ୟ ପୂର୍ଣ୍ଣ ହେବାକୁ ନ ଦେଇ ସେ କହିଲେ- ଶୁଣନ୍ତୁ, ମୋ କଥା ପ୍ରଥମ ହେଲା ଆପଣଙ୍କ ବୟସ ଓ ଶିକ୍ଷା, ବିଂଶ ବୟସ ପୂର୍ବରୁ ଏହାର ଆରମ୍ଭ, କିମିତି ଭାବିଲେ ଏ ପ୍ଲଟ୍, ଏ ଭାଷା, ଏ ଚରିତ୍ର ମାଳା, ପୁଣି ଶିକ୍ଷା ମାତ୍ର ମାଟ୍ରିକ, କିଏ ଏ ବୟସରେ ଶିକ୍ଷାରେ ଏଭଳି ବିଶାଳ ଉପନ୍ୟାସ ଲେଖିଛି ଯାହାର ପ୍ରଥମ ପୃଷ୍ଠା ପଢ଼ିଲା ପରେ ଶେଷ ଯାଏଁ ନପଢ଼ି ରହି ହେବ ନାହିଁ?

(କ୍ରମଶଃ)


+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬


# ଛୋଟ କାମ

## ଶିବାଶିଷ ପାଢ଼ୀ



ନୂଆ ନୂଆ ଚାକିରୀକୁ ନୂଆ ନୂଆ ଜାଗା ! ଅଫିସର କିଛି ଷ୍ଟାଫଙ୍କୁ ଛାଡିଦେଲେ ଆଉ କାହା ସହ ଏମିତି ଚିହ୍ନା ପରିଚୟ ବି ହୋଇ ନ ଥାଏ !

ପଦବୀ ବି ଏମିତି ଯେ କେତେବେଳେ କାମରେ ଅତ୍ୟନ୍ତ ବ୍ୟସ୍ତ ତ କେତେବେଳେ ବିଶେଷ କିଛି କାମ ନ ଥାଏ ! ବୋର ହୋଇଯାଏ ନୀଳିମା ! ଛୁଟି ପଡିଗଲେ ବଢିଯାଏ ବିରକ୍ତି ଏଣୁ ସ୍କୁଟି ନେଇ ବୁଲିବାକୁ ବାହାରି ଯାଏ ମାର୍କେଟକୁ !

ସେଦିନ ବି ବିଶେଷ କିଛି ଦରକାର ନ ଥିଲା କେବଳ ସମୟ କାଟିବା ପାଇଁ ବିଗ ବଜାରକୁ ଯାଇଥିଲା ସେ !

ଛୁଟିଦିନ ବୋଲି ସାମାନ୍ୟ ଭିଡ଼ ଥିଲା ବିଗ ବଜାର ! ହାଉଯାଉ ହେଉଥିବା ଲୋକଙ୍କ ଭିଡ଼ରୁ ଖସି ଅପେକ୍ଷାକୃତ ଭାବେ ଖାଲିଥିବା କପଡା ଗ୍ୟାଲେରୀ ପଟେ ଠିଆ ହୋଇଥିବା ବେଳେ କାନ୍ଧରେ କାହାର ହାତ ଚାପ ପାଇଁ ବୁଲି ପଡି ଚମକି ପଡିଲା ନୀଳିମା !

ପଛ ପଟେ ଠିଆ ହୋଇଥିଲା ଅଞ୍ଜନା !

ପ୍ରାୟ ପାଞ୍ଚ ବର୍ଷ ପରେ ଦେଖୁଥିଲେ ବି ଚିହ୍ନିବାକୁ ଗୋଟାଏ ସେକେଣ୍ଡ ବି ଲାଗି ନ ଥିଲା ତାକୁ ! କହିଥିଲା,

''ଆରେ ବାଃ ତୁ ଏଇଠି ! ଏଠି କଣ କରୁଛୁ !''

ହାତକୁ ଧରି ପକାଇ କିଛି ସମୟ ପାଇଁ ଅଞ୍ଜନାର ଉପସ୍ଥିତିର ଖୁସିକୁ ଅନୁଭବ କରୁଥିଲା ନୀଳିମା !

ଯେମିତି ଭୁଲି ଗଲା ସ୍ଥାନ, କାଳ, ପାତ୍ର !

'ଅଞ୍ଜନା...'' କହିକି କୁଣ୍ଢେଇ ପକାଇଲା ତାକୁ ! ଖୁସିରେ ଗଦ ଗଦ ହୋଇ ଯାଉଥିଲା ସେ !

ହଠାତ ସମସ୍ତଙ୍କୁ ଚାହିଁ ଟିକିଏ ଲଜ୍ଜିତ ହୋଇ ଯାଇଥିଲା ନୀଳିମା କାରଣ ସମସ୍ତଙ୍କ ନଜର ଟାଣି ଆଣିଥିଲା ଏ ବନ୍ଧୁ ମିଳନ !

ଟାଣି ନେଇଗଲା ଗୋଟିଏ କୋଣକୁ ! ପ୍ରଶ୍ନର ଯେମିତି ବୃଷ୍ଟି କରୁଥିଲା ସେ !

''ତୁ ବାହା ହୋଇଛୁ ମୁଁ ଜାଣିଥିଲି କିନ୍ତୁ ଏଇଠି ଏମିତି ଭେଟିବି ଜାଣି ନ ଥିଲି ! ତୋ ମିଷ୍ଟର କୁଆଡେ ଗଲେ !? ଏକା ଆସିଛୁ ନା ଆଉ କିଏ ଅଛି ? ମାର୍କେଟିଂ ସାରିଲୁଣି ?''

''ଆରେ ବାବା ରହ ! କହୁଛି ରହ ରହ ''କହି ଟାଣି ନେଇଥିଲା ଅଞ୍ଜନା ବିଗ ବଜାରର ଗେଟ ଆଡକୁ ! ଯେଉଁଠି ଛିଡା ହୋଇଥିଲେ ଦୁଇ ଜଣ ମଧ୍ୟବୟସୀ ମହିଳା ଓ ଜଣେ ଯୁବତୀ ! ପରିଚୟ କରାଇ ଥିଲା ଅଞ୍ଜନା 'ଏଇ ମୋ ଯା ମାନେ ଓ ଏଇଟା ଲିପି ମୋ ନଣଦ ତାଙ୍କ ବାହାଘର ଅଛି ତ ସେଥିପାଇଁ ମାର୍କେଟିଂରେ ବାହାରିଛୁ ! ଆମେ ତ ଯାଉଥିଲୁ ଠିକ ମୋ ନଜର ତୋ ଉପରେ ପଡିଲା ! ମୋତେ ଲାଗିଲା ତୁ ହୋଇଥିବୁ ! ସେଥିପାଇଁ ଧାଇଁ କି ଯାଇଥିଲି ! ହେଲେ ତୁ ଏଠି କଣ କରୁଛୁ ?

ନମସ୍କାର କରୁଥିବା ଲିପିର ଉତ୍ତର ଦେଉ ଦେଉ ହସି ହସି ସମସ୍ତଙ୍କୁ ନମସ୍କାର କରିଥିଲା ନୀଳିମା ! କିନ୍ତୁ ଲକ୍ଷ୍ୟ କରୁଥିଲା ଅତି ଆଧୁନିକ ସାଜସଜ୍ଜାରେ ସଜେଇ ହୋଇଥିବା ଯା ଗଣ କି ଲିପି ଯେମିତି ଜମା ଆଗ୍ରହ ଦେଖାଉ ନଥିଲେ ! ବରଂ ଅଯଥା ଡେରି ହେଉଥିବାରୁ ସାମାନ୍ୟ ବିରକ୍ତି ଭାବ ସେମାନଙ୍କ ଚେହେରାରୁ ଜଣା ପଡି ଯାଉଥିଲା ! ଅଳ୍ପ କୃତ୍ରିମ ହସ ହସି କେବଳ ମୁଣ୍ଡ ହଲାଇ ଥିଲେ ! କିନ୍ତୁ ତାଙ୍କ ଆଡକୁ ଧାନ ନ ଦେଇ ନୀଳିମା କହିଲା !

'ମୋର ପୋଷ୍ଟିଙ୍ଗ ଏଇଠି ହୋଇଛି !' ଏଇ ତ ମାସେ ହେଇନି ! ଯା ହେଉ ତୁ ବି ଏଇଠି ଅଛୁ ଏବେ ଆଉ କଣ ?

''ହଁ ହଁ ଠିକ କଥା, ଶୁଣ ଆମେ ତ ଆଜି ଯାଉଛୁ ! ଆମ ଲିପିର ବାହାଘର ଏକୋଇଶ ତାରିଖରେ ଅଛି ତୁ ଯେମିତି ହେଉ ଆସିବୁ ! କଥା ହେବା !''

ବ୍ୟାଗରୁ କାର୍ଡଟିଏ ଦେଇ ତରତର ହୋଇ ଚାଲିଗଲେ ସେମାନେ !

ନୀଳିମା ଦେଖୁଥିଲା ସାତବର୍ଷ ତଳେ ଗାଁ ହାଇସ୍କୁଲରେ କଥା କହୁ ନ ଥିବା ଅଞ୍ଜନାକୁ ! ଅଞ୍ଜନା ସେମିତି ହିଁ ଥିଲା କିନ୍ତୁ ଆଧୁନିକତାର ପରଶରେ ଯେମିତି କାୟକଳ୍ପ ହୋଇ ଯାଇଥିଲା ତାର ତଥାପି ବାରି ହୋଇ ପଡୁଥିଲା ତାର ସରଳତା !

ଏକୋଇଶ ତାରିଖ ରବିବାର ଥିଲେ ବି ସନ୍ଧ୍ୟାରେ ଗୋଟିଏ ଜରୁରୀ କାମରେ ଯିବାକୁ ଥିବାରୁ ଦିନବେଳା ହିଁ ଯାଇ ଅଞ୍ଜନାକୁ ଭେଟି ବାହାଘର କାମ ତୁଟାଇ ଦେବା ପାଇଁ ସ୍ଥିର କରି ନିଜ ସ୍କୁଟିରେ ପହଂଚି ଗଲା ନୀଳିମା !

କାର୍ଡ ଦେଖି ସେ କିଛି କିଛି ଅନୁମାନ କରିଥିଲା କିନ୍ତୁ ତାର ଅନୁମାନଠୁ ବି ବେଶୀ ଥିଲା ଅଞ୍ଜନାର ଶାଶୂଘରର ଆର୍ଥିକ ସ୍ଥିତି ! ବିରାଟ ଓ ଭବ୍ୟ କୋଠାଘରର ସାମ୍ନା ଲନଟି ଅତ୍ୟାଧୁନିକ ସାଜସଜ୍ଜାରେ ଇନ୍ଦ୍ରପୁରୀର ଭ୍ରମ ସୃଷ୍ଟି କରୁଥିଲା !

ଅତ୍ୟାଧୁନିକ ବେଶ ପରିପାଟୀରେ ସଜ୍ଜିତ ଝିଅ ବୋହୁଙ୍କ ଗହଣରେ ବସିଥିଲା ଅଞ୍ଜନା ! ଅପେକ୍ଷାକୃତ କମ ମେକଅପରେ ବି ସବୁଠୁ ଆକର୍ଷଣ ଲାଗୁ ଥିଲା ସେ !

ନୀଳିମାକୁ ଦେଖୁ ଦେଖୁ ପାଛୋଟି ନେଇଗଲା ଅଞ୍ଜନା ! ହାତ ଧରି ବୁଲାଇ ବୁଲାଇ ପରିଚୟ କରାଉଥିଲା ସମସ୍ତଙ୍କ ସହ ! ଶେଷକୁ ତାର ଶାଶୁଙ୍କ ପାଖରେ ବସିଥିଲା ନୀଳିମା !

ମନ୍ଦିର ଯିବା ପାଇଁ ପ୍ରସ୍ତୁତିରେ ଲାଗି ଥିଲା ଅଞ୍ଜନା !

ଏମିତି ଏକ ଘରେ ନିପଟ ମଫସଲର ସାଧାରଣ ଚାଷୀ ଘରର ଝିଅ ଅଞ୍ଜନାର ଉପସ୍ଥିତିକୁ ନେଇ ଆଶ୍ଚର୍ଯ୍ୟ ହେଉ ଥିଲା ସେ ! ମନରେ ଉଠୁଥିବା ଅନେକ ପ୍ରଶ୍ନକୁ କିନ୍ତୁ ପଦେ କଥାରେ ଦୂର କରି ଦେଇଥିଲେ ତା ଶାଶୁ !,

କହିଥିଲେ, ''ଏସବୁ ପୂଜା ପାଠ ଯୋଗାଡ଼ ଯନ୍ତ୍ର କେବଳ ଅଞ୍ଜନା ହିଁ କରିପାରିବ ! ମୋ ବାକି ବୋହୂଙ୍କ ଦ୍ୱାରା ଏସବୁ ହେବନି ! ସେଥିପାଇଁ ତ ଗାଉଁଲି ବହୁ କରିଛି ମୁଁ ! ଏକେ ତ ସୁନ୍ଦର ଆଉ ତା ସହ ସଂସ୍କାର !''

ଶାଶୁଙ୍କ କଥାରୁ ଏ ଘରେ ଅଞ୍ଜନାଙ୍କ ସ୍ଥିତି ଓ ତା ଶାଶୁଙ୍କ ଗର୍ବ ଅହମିକାର ଠିକ ଠିକ ଅନୁମାନ କରି ପାରୁଥିଲା ନୀଳିମା !

ତାଙ୍କୁ ସମୁଚିତ ଉତ୍ତର ଦେବା ପାଇଁ ଶବ୍ଦ ଚୟନ କରୁଥିବା ବେଳେ ତରତର ହୋଇ ଆସିଥିଲା ଅଞ୍ଜନା ! ପାଖ ଚେୟାରରେ ବସି ପଡି କହିଲା !

'ମମି ସବୁ ରେଡି ହେଲା କେବଳ ଗୋଟିଏ ଅସୁବିଧା ରହିଲା ! ସେ ପରା ଆସି ପାରିବନି ! ଏ ପଟେ ଯେ ଡେରି ହେଉଛି'

''ଥାଉ ନ ଆସୁ, ତୁମେ ମାନେ ଯାଉନ ଏଇ ତ ମନ୍ଦିର''

''ହଁ ଯେ.. ସେ ବାରୀକାଣୀ କାମ କିଏ କରିବ'' କହି ଅଟକି ଗଲା ଅଞ୍ଜନା

ଶାଶୁ ବୋହୁଙ୍କ କଥା ଶୁଣୁଥିବା ନୀଳିମାର ମନେ ପଡୁଥିଲା ଗାଁ କଥା ! ଏଇ ମନ୍ଦିର ଯିବା, ପାଣି ପାଲଟା, ରେ ଯିବାରେ ଗୋଟିଏ ଭାରି ମଜା ଲାଗୁଥିଲା ତାଙ୍କୁ ଏଣୁ ଗାଁରେ ଯାହାଘରେ ବି ବାହାଘର ହେଲେ ଠିକ ସମୟରେ ପହଂଚି ଯାଉଥିଲେ ସେ ଓ ଅଞ୍ଜନା ! ଉଠି ପଡିଲା ସେ, କହିଲା ଏମିତି କି କାମ କି ? ଚାଲ ଆମେ କରିଦେବା ତୋ ନଣନ୍ଦ ମୋ ଭଉଣୀ ଏଥିରେ କଣ ଅଛି !

ନା ନା ତୁ କାହିଁକି ଯିବୁ କହି ମନା କରୁଥିଲା ଅଞ୍ଜନା କିନ୍ତୁ ହଁ ହଁ ଏଇଟା କି କାମ ଯାଅ ଯାଅ 'କହି ସାଙ୍ଗେ ସାଙ୍ଗ ସମର୍ଥନ କଲେ ଶାଶୁ ।

ଅଞ୍ଜନାର ହାତ ଧରି ବେଦି ପାଖକୁ ପହଞ୍ଚିଲା ପରେ ନୀଳିମା ଜାଣିଥିଲା ଅସଲ ସମସ୍ୟା ! ସମସ୍ୟା ଥିଲା ବାରିକାଣୀ ଧରିବାକୁ ଥିବା ସେ ଡାଲା !

ବିଭିନ୍ନ ବାହାନା କରି ପଛ ଘୁଞ୍ଚା ଦେଉଥିଲେ ସମସ୍ତେ ହେଲେ ନୀଳିମା ଜାଣୁଥିଲା ଅସଲରେ ଏ କାମକୁ ଗାଉଁଲି ଓ ଲଜ୍ଜାଜନକ ବୋଲି କେହି ପାଖକୁ ଆସୁ ନ ଥିଲେ !

ନିଜେ ସେ ଡାଲାକୁ ଧରିଲା ନୀଳିମା ! ସାଙ୍ଗେ ସାଙ୍ଗ ହୁଳହୁଳି ଦେଇ ଦେଲା ଅଞ୍ଜନା ! ତାଙ୍କ ହୁଳହୁଳି ଶୁଣି ଏପଟ ସେପଟ ହେଉଥିବା ସମସ୍ତେ ପାଖକୁ ଆସିଗଲେ !

ଛୋଟ ବେଳୁ ଏ ସବୁକୁ ଦେଖିଥିଲେ ସେମାନେ ଏଣୁ କିଛି ଅସୁବିଧା ହେଲାନି ମନ୍ଦିରର ପୂଜା ପାଠ ସାରି ଫେରୁଥିଲେ ସେମାନେ !

ଶଙ୍ଖ ଘଣ୍ଟ ବଜାଉଥିଲା ଅଞ୍ଜନା ! କିଏ ଜଣେ ହୁଳହୁଳି ଦେଉଥିଲେ ! ନୀଳିମାକୁ ଲାଗୁଥିଲା ଯେମିତି ଗାଁରେ ଅଛନ୍ତି ସେମାନେ !

ଅଞ୍ଜନାକୁ ସାହାଯ୍ୟ କରିପାରିଥିବାରୁ ଭାରି ଖୁସି ବି ଲାଗୁଥିଲା !

ସେ ଖୁସି କିନ୍ତୁ ପାଣିରେ ମିଳାଇ ଗଲା। ସାଙ୍ଗେ ସାଙ୍ଗେ ଯେତେବେଳେ ଘରକୁ ଆସୁ ଆସୁ ଏକ ଶସ୍ତା ସୁତାଶାଢ଼ୀ ଆଣି ତାକୁ ଦେଇଥିଲେ ଅଞ୍ଜନାର ଶାଶୁ ! କହିଥିଲେ ଏଇ ଲୁଗାଟା ରଖିଥା ଝିଅ ! ଏଇଟା ରମା (ବାରିକାଣୀ) ପାଇଁ ମୁଣ୍ଡ ଘୋଡ଼ିହେବା ଲୁଗା ଆଣିଥିଲି। ତୁ ତ ସେଇ କାମଟା କଲୁ ! ଏଇଟା ତୋ ପାଉଣା। 'ପାଖରେ ଥିବା ଅନ୍ୟ ମାନେ ହସି ଉଠିଲେ। ଝିଅର ମାଉସୀ ହସି ହସି କହିଲା,' ଅପାଙ୍କୁ ଛାଡ଼ନା ନାନୀ। ଅଳତା ଲଗାଇବା, ହୁଳହୁଳି ପକାଇବା, ଆଣ୍ଡ୍ ଅଲ୍ ଅଦର୍ ରମା ଲାଇକ୍ କାମ ଏ ଅପାଙ୍କଠାରୁ କିଏ ଭଲ କରିବ ?' ସମସ୍ତଙ୍କର ଜୋର୍ ହସର ନୀଳିମାକୁ ଅପ୍ରସ୍ତୁତ ଲାଗୁଥିଲା ! କଣ କରିବି ଭାବି ପାରୁନଥିବା ସମୟରେ ନଜର ପଡିଲା ଅଞ୍ଜନା ଉପରେ !

ଏମାନେ ମିଳିତ ଭାବେ ପରିହାସ କରୁଛନ୍ତି ଏ କଥାକୁ ବୁଝି ପାରୁଥିଲା ସେ ! କାନ୍ଦ କାନ୍ଦ ହୋଇ କିଛି କହିବାକୁ ଯାଉଥିଲା ବେଳେ ନୀଳିମାର ଫୋନ ଆସିଥିଲା ! ଭିଡ଼ରୁ ଟିକିଏ ବାହାରକୁ ଯାଇ କଥା ହୋଇ ଫେରୁଥିବା ନୀଳିମାକୁ ପୁଣି ଶାଢ଼ୀ ଯାଚୁଥିବା ଅଞ୍ଜନାର ଶାଶୁଙ୍କୁ କହିଲା 'ମାଉସୀ ମୁଁ ତ ସୁତା ଲୁଗା ପିନ୍ଧେନି ଏଇଟା ଥାଉ ଏମିତି କେଉଁ ଚାକରାଣୀକୁ ଦେଇଦେବେ ! ମୋତେ ସାଙ୍ଗେ ସାଙ୍ଗେ ଯିବାକୁ ପଡିବ ! ଅଫିସରୁ ଫୋନ ଆସିଛି''।

ଏମିତି କି ଚାକିରୀ କରିଛୁ ଝିଅ ଯେ ରବିବାରରେ ଡିଉଟି ପଡୁଛି ! ରହି ଯା ! କାହାକୁ କହିବାକୁ ହେବ ତ ଆମ ବାବୁ କହିଦେବ ! ସେ ତ କର୍ପୋରେଟର ଅଛି ! ତୁ ଜାଣିନୁ ତାର ବହୁତ ପ୍ରଭାବ ! 'ଭାରି ଗର୍ବର ସହ କହିଥିଲେ ଶାଶୁ ! ଗର୍ବରେ ଫୁଲି ଉଠିଥିଲା ତାଙ୍କ ଛାତି ! ବାକି ମାନେ ତଥାପି ହସୁଥିଲେ କିନ୍ତୁ ସମସ୍ତଙ୍କ ହସରେ ହଠାତ ବ୍ରେକ ଲଗାଇ ଦେଇଥିଲା ନୀଳିମାର ଉତ୍ତର, କହିଥିଲା ''ମାଉସୀ ମୁଁ ଡେପୁଟି କଲେକ୍ଟର ଅଛି'' ମାଉସୀ ସେ ପ୍ରଭାବ ଏଠି କାମ ଦେବନି ! ଆଇନ ଶୃଙ୍ଖଳାର କଥା ଖୋଦ ଜିଲ୍ଲାପାଳ ଫୋନ କରିଥିଲେ।

ଶାଶୁଙ୍କ ଚେହେରା ଦେଖିବା ଭଳିଆ ହୋଇ ଯାଉଥିଲା ! ଫୁଲିଥିବା ଛାତି କମି ଗଲା ସାଙ୍ଗେ ସାଙ୍ଗ କିନ୍ତୁ ଛାତି ଫୁଲି ଉଠିଥିଲା ଅଞ୍ଜନାର ! ଆଖିରେ ଲୁହ ନେଇ କହିଲା, ଆ। ତୋର ଡେରି ହେବ। !!!!


+ହେମଗିର, ସୁନ୍ଦରଗଡ଼ ୧୩
ମୋ:୯୭୭୮୧୭୪୯୭୮

# କୋଟିଆରେ ଆନ୍ଧ୍ରର ନିର୍ବାଚନ ପାଇଁ ସରକାରଙ୍କ ନିଷ୍କ୍ରିୟତା ଦାୟୀ : ନିରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର,୧୪।୨ (ନି.ପ୍ର): କୋଟିଆ ବିବାଦ ଦୀର୍ଘ ଦିନ ଧରି ଲାଗି ରହିଥିବା ବେଳେ ରାଜ୍ୟ ସରକାରଙ୍କର ନିଷ୍କ୍ରିୟତା ତଥା ଓଡ଼ିଶାର ନିଜସ୍ୱ ଅଂଚଳକୁ ସୁରକ୍ଷା ପ୍ରଦାନ କରିବାରେ ଟାଳଟୁଳ ନୀତି ଯୋଗୁଁ ଆଜି କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ସରକାର ତାଙ୍କ ସ୍ୱତନ୍ତ୍ର ପୋଲିସ୍ ବାହିନୀ ଏବଂ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଉପସ୍ଥିତିରେ ନିର୍ବାଚନ କରିପାରିଲେ, ଏହାଠାରୁ ଅଧିକ ଦୁଃଖ ଆଉ ଦୁର୍ଭାଗ୍ୟ ଏ ରାଜ୍ୟ ପାଇଁ କ'ଣ ହୋଇପାରେ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅତି କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ୨୦୦୬ ମସିହା ସୁପ୍ରିମକୋର୍ଟର ନିଷ୍ପତି ସୁପ୍ରିମକୋର୍ଟର ରାୟ କେବଳ ଷ୍ଟାଷ୍ଟର୍ସକୋ ବଳବତର ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲା ବେଳେ ଏ ଘଟଣାକୁ ଉଭୟ ରାଜ୍ୟ ସରକାର ବୈଠକ ମାଧ୍ୟମରେ ବା ଭାରତୀୟ ସମ୍ବିଧାନର ଧାରା ୩ଓ ୪ ଅନୁସାରେ ପାର୍ଲ୍ୟାମେଂଟରେ ଏ ବିବାଦର ସମାଧାନ କରିପାରିବ। ଆଜକୁ ୨୧ ବର୍ଷ ନିରନ୍ତର ଭାବରେ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଏବଂ ତନ୍ମଧ୍ୟରୁ ଭାରତୀୟ ଜନତା ପାର୍ଟିର ସରକାର ଏଭଳି ଏକ ସ୍ୱର୍ଷକାତର ଘଟଣାକୁ ନେଇ ଦୁଇ ରାଜ୍ୟର ସହମତି ଭିର୍ତିରେ ହେଉ ବା ପାର୍ଲ୍ୟାମେଂଟର ଉପସ୍ଥାପିତ କରି ଓଡ଼ିଶାର ସୀମାକୁ ରକ୍ଷା କରିବାର ଅସମର୍ଥ ହେଲେ କାହିଁକି। ଏଥିରୁ ସ୍ୱଷ୍ଟ ପ୍ରତ୍ୟୟମାନ ଏ ଉଭୟ ଦଳର ନେତୃବୃନ୍ଦ ଉତ୍କଳ ମାତାର ଯୋଗ୍ୟ ସନ୍ତାନକି ? ଦୀର୍ଘ ୨ ମାସରୁ ଅଧିକ ସମୟ ଧରି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ କିଭଳି ରାଜ୍ୟ ସରକାରଙ୍କ କାଣିଚାଏବି ଖବର ମିଳିଲା ନାହିଁ। କାହିଁକି ରାଜ୍ୟର ମନ୍ତ୍ରୀମାନେ ତଥାକଥିତ ବାବୁ ମାନେ କାହିଁକି ସେ ଅଂଚଳ ଗ୍ରସ୍ତ କରି ଏ ଦିଗରେ ବିହୀତ ପଦକ୍ଷେପ ନେଲେ ନାହିଁ। ଏ ନିର୍ବାଚନକୁ ବନ୍ଦ କରିବାପାଇଁ କାହିଁକି ରାଜ୍ୟ ସରକାର ସେଠାରେ ପୋଲିସ୍ ଫୋର୍ସ ଏବଂ ଅଧିକାରୀ ବୃନ୍ଦଙ୍କୁ ନିୟୋଜିତ କଲେ ନାହିଁ ? ଏଣୁ ନବୀନ ବାବୁ ସବୁବେଳେ ଯେଉଁ କଥା କୁହନ୍ତି ସାରା ଓଡ଼ିଶା ତାଙ୍କର ପରିବାର ଏହାର ଯଥାର୍ଥତା କେତେ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# ଲୁଟ ପାଇଁ ଯୋଜନା ପ୍ରସ୍ତୁତ ଅଭିଯୋଗରେ ୭ ଗିରଫ: ଖଣ୍ଡା, ବୋମା ଜବତ

ପୁରୀ,୧୪।୨ (ନି.ପ୍ର): ଷ୍ଟର୍ଲିଂ ମଙ୍ଗଳାଘାଟ ରାସ୍ତାରେ ଲୁଟ ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସମୟରେ ବଳିଆପଣ୍ଡା ଥାନା ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଦାମୋଦରପୁର ମହାରଣା ସାହିର ରବି ମଲ୍ଲିକ (୩୫), ବାସେଳିସାହି ଥାନା ଅନ୍ତର୍ଗତ ପାର୍ବତୀପୁରର କାଳୁ ଚରଣ ବେହେରା (୩୫), ଶଙ୍କରପୁରର ଅଜୟ ଦାସ (୨୩), କୁମ୍ଭାରପଡା ଥାନା ଅନ୍ତର୍ଗତ ରାମଚଣ୍ଡି ବସ୍ତିର ଲୋକା ନାୟକ (୩୦), ବାଲି ରାମଚଣ୍ଡି ସାହିର ହରମୋହନ ଜେନା (୩୨), ଷ୍ଟେସନ ଘୋଡାବଜାରର ଅମି ନାୟକ (୨୯) ଓ ସଦରଥାନା ଅନ୍ତର୍ଗତ କୋରୁଅର ସୋମନାଥ ସାହୁ (୨୯) । ଅଭିଯୁକ୍ତଙ୍କ ଠାରୁ ପୁଲିସ ଗୋଟିଏ ହାତ ବୋମା, ଗୋଟିଏ ଖଣ୍ଡା, ୨ଟି ଛୁରୀ, ୨ଟି ଲୁହାରଡ ଓ ୨ଟି ଲାଠି ଜବତ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ କେତେକ ଯୁବକ ଲୁଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସଂପର୍କରେ ବିଶେଷ ସୂତ୍ରରୁ ଖବର ପାଇଁ ବଳିଆପଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ଅତିର୍କିତ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା । ବଳିଆପଣ୍ଡା ଥାନା ଏଏସଆଇ ରବିନ୍ଦ୍ର କୁମାର ପ୍ରଧାନଙ୍କ ଅଭିଯୋଗ କ୍ରମେ ପୁଲିସ ୨୫/୨୦୨୧ରେ ମାମଲା ରୁଜୁ କରାଯାଇ ଭାରତୀୟ ପିଙ୍ଗଳକୋଡର ଦଫା ୩୯୯, ୪୦୨, ୩୫୩, ୩୦୭ ଓ ୨୫ ଆର୍ମଆକ୍ଟରେ ଗିରଫ କରି ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ସରକାରୀ ଶିକ୍ଷକଙ୍କ ବିଜେଡି ପ୍ରୀତି : ଦଳୀୟ ସଭାରେ ଯୋଗଦାନକୁ ବିଜେପିର ବିରୋଧ

ପୁରୀ,୧୪।୨ (ନି.ପ୍ର): ଜଣେ ସରକାରୀ ଶିକ୍ଷକ ବିଜେଡିର ଦଳୀୟ ସଭାରେ ବିଧାୟକଙ୍କ ସହ ବସି ଅନ୍ୟ ଦଳକୁ ସମାଲୋଚନା କରିବା ଯୋଗୁଁ ବିଜେପି ଏହାକୁ ପ୍ରବଳ ବିରୋଧ କରିଛି । ବିଜେପିର ରାଜ୍ୟକାରୀ କମିଟି ସଦସ୍ୟ ତଥା ସତ୍ୟବାଦୀର ଯବନେତା ଓମପ୍ରକାଶ ମିଶ୍ର ଆଜି ଅପରାହ୍ନରେ ଦଳୀୟ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିନଳୀରେ ଏ ସଂପର୍କରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ କହିଛନ୍ତି କଣାସ ବ୍ଲକ ଦିବ୍ୟସିଂହପୁରଠାରେ ବାଦଲପୁର କମଳେଶ୍ୱର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକ ନବକିଶୋର ଜେନା ସଭାରେ କହିଲେ ବିଧାୟକ ଉମାକାନ୍ତ ସାମନ୍ତରାଙ୍କ ଯଦି କୁହନ୍ତି ତାହେଲେ ମୁଁ ମର୍ଡର କରିବାକୁ ପଛେଇବି ନାହିଁ । ଏ ସଂପର୍କରେ ଏକ ଭିଡିଓ ଭାଇରାଲ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଶ୍ରୀ ମିଶ୍ର ଗଣମାଧ୍ୟମଙ୍କ ପାଖରେ ଏ ସଂପର୍କରେ ଅଭିଯୋଗ କରିଛନ୍ତି। ସେ କହିଲେ ନବୀନଙ୍କ ଶାସନ କାଳରେ ଆଇନ ତା ବାଟରେ ଯିବ ବୋଲି କହୁଥିବା ବେଳେ ଏଠି ଆଇନ କେଉଁ ବାଟରେ ଯାଉଛି ତାକୁ ନେଇ ପ୍ରଶ୍ନ କରିଛନ୍ତି । ଏ ସଂପର୍କରେ ଶ୍ରୀ ମିଶ୍ର କହିଲେ ଏସପି, ଜିଲ୍ଲାପାଳ ଓ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗଣଶିକ୍ଷା ବିଭାଗର ଏହି ଶିକ୍ଷକଙ୍କ ବିରୁଦ୍ଧରେ ସଂପୃକ୍ତ ମନ୍ତ୍ରୀ ପୁରୀଜିଲ୍ଲାର ହୋଇଥିଲେ ମଧ ଏଥିପ୍ରତି ଦୃଷ୍ଟି ଦେଇନାହାଁନ୍ତି । ତେଣୁ ଆଗାମୀ ଦିନରେ ପ ।ୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶା ପୁ ଳିକା ଦାହ କରାଯାଇ ପ୍ରତିବାଦ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ତଥା ପୂର୍ବତନ ଜିଲ୍ଲାସଭାପତି ପ୍ରଭଞ୍ଜନ ମହାପାତ୍ର, ସତ୍ୟବାଦୀ ବ୍ଲକ ସଭାପତି ତ୍ରିଲୋଚନ ରଥ, ଅଲୁଗୁମ୍ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଉମେଶ ପ୍ରଧାନ, ରାଜକିଶୋର ସେନାପତି, ରଞ୍ଜନ ବିଶ୍ୱାଳ, ଉମାକାନ୍ତ ନାୟକ ଓ ଯୁବନେତା ଜୟନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସତ୍ୟବାଦୀ ବ୍ଲକ ଅଧକ୍ଷା ଓ ତାଙ୍କ ସ୍ୱାମୀଙ୍କୁ ଗିରଫ ଦାବି : ଏହି ସାମ୍ବାଦିକ ସମ୍ମିଳନୀରେ ଓମପ୍ରକାଶ ମିଶ୍ର କହିଲେ ସତ୍ୟବାଦୀ ବ୍ଲକ ପରିସରରେ ଏକ ପୁରୁଣା ଶାଗୁଆନ ଗଛ ରହିଥିଲା । ଏହାକୁ ଅଧକ୍ଷା ଓ ତାଙ୍କ ସ୍ୱାମୀ ଗତ ନଭେମ୍ବର ୧୧ ତାରିଖ ରାତି ୯ଟାରେ ଗଛକୁ କାଟି ନେଇଯାଇଥିବା ଅଭିଯୋଗ କରିଥିଲେ । ତଦୁଇଜଣଙ୍କୁ ଗିରଫ କରିବା ପାଇଁ ଶ୍ରୀ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ।

# ମହାଭୋଇ ଛକରେ ଖରାବର୍ଷାରେ ଠିଆ ହୋଇଛି ଭାରତରତ୍ନ କଲାମଙ୍କ ପ୍ରତିମୂର୍ତ୍ତି

କେନ୍ଦ୍ରାପଡ଼ା,୧୪।୨ (ନି.ପ୍ର): ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଓ ଭାରତରତ୍ନ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୁର୍ତୀ କେନ୍ଦ୍ରାପଡା ପୌରାଂଚଳ ର ମହାଭୋଇ ପୋଖରୀ ତଥା ଷ୍ଟେଟ୍ ବ୍ୟାଙ୍କ ଛକରେ ସ୍ଥାପନା କରାଯାଇଛି । ଭାରତରତ୍ନ ଡ଼ଃ ଏପିଜେ ଅବଦୁଲ କଲାମ ସ୍ମୃତି କମିଟି ଓ ଅବସର ପ୍ରାପ୍ତ ସରକାରୀ ସଂଘ ଆନୁକୂଲ୍ୟରେ ଏହି ପ୍ରତିମୂର୍ତି ସ୍ଥାପନା କରାଯାଇ ଥିଲା । ୨୦୧୯ ଜାନୁଆରୀ ୧୬ ତାରିଖରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପ୍ରତିମୂର୍ତି କୁ ଉନ୍ମୋଚନ କରିବା ସହ ଏହି ପ୍ରତିମୂର୍ତି ର ଉଚ୍ଚତା ଓ ପରିବେଶ ତଥା ପ୍ରତିମୂର୍ତି ଉପରେ ଆବରଣ(ଛାତ) ନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଉପସ୍ଥିତ ଥିବା ତତ୍ କାଳୀନ ଜିଲ୍ଲାପାଳ ଓ ସ୍ଥାପନା କମିଟିର କର୍ମକର୍ତା ମାନଙ୍କୁ ତୁରନ୍ତ ଏହାକୁ ପରିବର୍ତନ କରିବାକୁ ପରାମର୍ଶ ଦେଇଥିଲେ । ମାତ୍ର ଦୀର୍ଘ ୩ବର୍ଷ ହେଲା ପ୍ରତିମୂର୍ତି ସ୍ଥାପନ କରାଯାଇ ଥିଲେ ମଧ ମାନ୍ୟବର ରାଜ୍ୟପାଳଙ୍କ ପରାମର୍ଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ତେବେ ଭାରତରତ୍ନ ଡ଼ଃ କଲାମଙ୍କ ବିକୃତ ତଥା ହାସ୍ୟାସ୍ପଦ ପ୍ରତିମୂର୍ତି ସ୍ଥାପନା କୁ ନେଇ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ସ୍ଥାପନା କମିଟିର ସଦସ୍ୟ ମାନେ ରାଜ୍ୟପାଳଙ୍କ ପରାମର୍ଶକୁ ଗ୍ରହଣ କରି ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚର ୯ମ ବାର୍ଷିକ ଅଧିବେଶନ ଓ କୃଷିବିଲ୍ ସମ୍ବନ୍ଧରେ ଆଲୋଚନାଚକ୍ର'

ଭୁବନେଶ୍ୱର,୧୪।୨ (ନି.ପ୍ର): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚର ୯ମ ବାର୍ଷିକ ଅଧିବେଶନ ଭୁବନେଶ୍ୱରସ୍ଥିତ ରେଡ଼କ୍ରସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ 'କୃଷିବିଲ୍-୨୦୨୦' ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା ଓ ଅତିଥିମାନଙ୍କ ଦ୍ୱାରା ମଞ୍ଚର ବାର୍ଷିକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସଭା ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରାଯାଇ ଆଇଆରସି ଭିଲେଜସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡ଼ଙ୍ଗୀ 'କୃଷିବିଲ୍-୨୦୨୦' ବିଷୟରେ ଅବତାରଣା କରି ଲୋକମାନଙ୍କୁ ସଚେତନ କରିଥିଲେ। 'କୃଷିବିଲ୍-୨୦୨୦' ସମ୍ବନ୍ଧରେ ଖାରବେଳ ସ୍ୱାଇଁ କହିଲେ ଯେ, କୃଷି ବିଲ୍ ଲୋକସଭାରେ ଓ ରାଜ୍ୟସଭାରେ ପାସ୍ କରାଯାଇଛି। ଏଣୁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକଲା କରିନାହାଁନ୍ତି। ବର୍ତମାନ ବିଶ୍ୱବଜାର ସହ ତାଳ ଦେଇ ଚାଲିବାକୁ ହେଲେ ବଡ଼ବଡ଼ ଚାଷୀ ନିଜ ଉତ୍ପାଦ ଫସଲ ଯେ କୌଣସି ବଜାରରେ ବିକ୍ରି କରିପାରିବ। କଂଟ୍ରାକ୍ଟ ଫାର୍ମିଂ ବ୍ୟବସ୍ଥା ଯଦି ଜଣେ ଚାଷୀ ଚାହିଁବ କୌଣସି ବ୍ୟବସାୟୀ ସଂସ୍ଥା ସହ ଚୁକ୍ତବଦ୍ଧ ହୋଇ ତାଙ୍କଠାରୁ ଆର୍ଥିକ ସହାୟତା ନେଇପାରିବ ଓ ଫସଲର ପ୍ରାକୃତିକ ବିପତି ଯୋଗୁଁ କ୍ଷତି ହେଲେ ମଧ ଉକ୍ତ ସଂସ୍ଥାମାନେ କ୍ଷତିର ଭରଣା କରିବେ। ଏମ୍.ଏସ୍.ପି.( ସର୍ବନିମ୍ନ ସହାୟକ ମୂଲ୍ୟ) ଯେପରି ଅଛି ତାହା ଜାରି ରହିବ। ମୁଖ୍ୟ ଅତିଥି ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କୃଷିବିଲ୍‌କୁ ପୂର୍ଣ୍ଣମାତ୍ରାରେ ବିରୋଧ କରିନଥିଲେ ମଧ ଉକ୍ତ ବିଲ୍‌ରେ ଥିବା କେତେକ ବ୍ୟବସ୍ଥାକୁ ବିରୋଧ କରିଥିଲେ। କୃଷିକାର୍ଯ୍ୟ ସମ୍ବିଧାନ ଅନୁସାରେ ରାଜ୍ୟର ଅଧିକାର ଅନ୍ତର୍ଭୁକ୍ତ। ଏଣୁ ରାଜ୍ୟମାନଙ୍କର ବର୍ତମାନ ବ୍ୟବସ୍ଥାକୁ ପରିବର୍ତନ ପାଇଁ ସହମତି ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ମଂଚ ତରଫରୁ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କୁ ତାଙ୍କର ଅଭିଜ୍ଞତା, ନିର୍ଭୀକତା ଓ ଦୁର୍ନୀତିମୁକ୍ତ ସମ୍ବାଦ ସରବରାହ ଜାରି ରଖଥିବାରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ଦିଲ୍ଲୀପ ଦତଙ୍କୁ ସିନେମଟୋଗ୍ରାଫି ଓ ଡ଼ାଇରେକ୍ଟର ଅଫ ଫଟୋଗ୍ରାଫିରେ ରାଜ୍ୟ ଓ ଦେଶ ପାଇଁ ବିଶେଷ ଅବଦାନ ହେତୁ ତାଙ୍କୁ ମଂଚ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ଟ୍ରଲର୍ ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର

କୋରେଇ,୧୪।୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ନିକଟରେ ଏକ ଦ୍ରୁତଗାମୀ ଟ୍ରଲର ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଯେ ମାଳଆନ୍ଦପୁର ପଂଚାୟତର ଅନ୍ତର୍ଗତ ନୁରୁଗାଁ ଗ୍ରାମର କୁଶ ଜେନାଙ୍କ ପୁଅ ଭରତ ଓ ଘୁରୁଡ ଜେନାଙ୍କ ପୁଅ ହାଡ଼ିବନ୍ଧୁ ଏକ ୟାମାହା ବାଇକ (ଓଡ଼ି୩୪ଏମ୬୫୩୨) ଯୋଗେ ପାଣିକୋଇଲି ବଜାରକୁ ଆସୁଥିବା ବେଳେ ଷଠିପୁର ପଟୁ ଏକ ଦ୍ରୁତଗାମୀ ଟ୍ରଲର (ଏନଏଲ୦୧ଏମଇ୩୧୫୭) ଦ୍ରୁତବେଗରେ ଆସି ବାଇକର ପଛପଟୁ ଧକ୍କା ଦେଇଥିଲା। ଫଳରେ ଦୁଇ ବାଇକ ଆରୋହୀ ରାସ୍ତା କଡ଼କୁ ଛିଟିକି ପଡ଼ିବା ଫଳରେ ଗୁରୁତର ଭାବେ ଆହତ ହୋଇଥିଲେ। ପାଣିକୋଇଲି ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ମଧ୍ୟ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ପୁଲିସ ବାଇକ ଓ ଟ୍ରଲରକୁ ଜବତ କରି ତଦନ୍ତ ଚଳାଇଛି।

# ସଂକୁଚିତ ହେଉଛି ବଡଦାଣ୍ଡ : ଭକ୍ତଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ବୌଦ୍ଧ,୧୪।୨ (ନି.ପ୍ର): ବୌଦ୍ଧ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ରଥଯାତ୍ରା କାହିଁ କେଉଁ କାଳରୁ ଚାଲି ଆସୁଛି । ବୌଦ୍ଧରେ ଗଡଜାତ ଶାସନ ସମୟରୁ ଶାସକ ରାଜାମାନେ ଏହି ରଥଯାତ୍ରା ଧୁମଧାମରେ ପାଳନ କରିଆସୁଥିଲେ । ତେଣୁ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପରେ ବୌଦ୍ଧର ରଥଯାତ୍ରାର ସାରା ରାଜ୍ୟରେ ବିଶେଷ ଆକର୍ଷଣ ରହିଥିଲା। ବୌଦ୍ଧରେ ତିନି ଠାକୁରଙ୍କୁ ଗୋଟିଏ ରଥରେ ନିଆଯିବାର ପରମ୍ପରା ରହିଥିବାବେଳେ ଏହି ରଥର ଉଚ୍ଚତା ପୁରୀର ରଥଠାରୁ ମଧ୍ୟ ଅଧିକ ଥିଲା ବୋଲି ବୟୋଜ୍ୟେଷ୍ଠ ଲୋକମାନେ ପ୍ରକାଶ କରିଥାନ୍ତି। ବୌଦ୍ଧ ରାଜା କଲିକତାରୁ କାରୀଗର ଡକାଇ ଏହି ରଥ ନିର୍ମାଣ କରିଥିବାର କୁହାଯାଏ। ତେବେ ବର୍ଷ ତମାମ ଏହି ଅଭଙ୍ଗ ରଥ ମନ୍ଦିର ସମ୍ମୁଖ ରଥଖଳାରେ ରହିଥାଏ ଏବଂ ଗୁଣ୍ଡିଚା ଯାତ୍ରା ପୂର୍ବରୁ କାରୀଗରମାନଙ୍କୁ ଡକାଇ ରଥରେ ଆବଶ୍ୟକୀୟ ମରାମତି କରାଯାଇଥାଏ। ସ୍ୱାଧୀନତା ପରେ ବୌଦ୍ଧ ରଥଯାତ୍ରାର ଦାୟିତ୍ୱ ଶାସକ ରାଜାଙ୍କ ପାଖରୁ ରାଜ୍ୟ ସରକାରଙ୍କ ହାତକୁ ଆସିଥିଲା। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହେଉଥିବା ଏହି ଯାତ୍ରା ଅନେକ କାରଣରୁ ଦିନକୁ ଦିନ ଆକର୍ଷଣ ହରାଇବାରେ ଲାଗିଛି। ସବୁଠାରୁ ମୁଖ୍ୟ ସମସ୍ୟା ହୋଇଛି ବଡଦାଣ୍ଡର ଜବରଦଖଲ। ବଡଦାଣ୍ଡରେ ଉଭୟ ପାର୍ଶ୍ୱରେ ଜବରଦଖଲ ଯୋଗୁଁ ପ୍ରତିବର୍ଷ ରଥଯାତ୍ରା ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ବର୍ତମାନ ରହିଥିବା ଅଭଙ୍ଗ ରଥରେ ପୂର୍ବରୁ ରହିଥିବା ୧୬ ଚକର ସଂଖ୍ୟା କମି ୧୦ ରେ ପହଂଚି ସାରିଥିବାବେଳେ ସେହି ଅନୁପାତରେ ଉଚ୍ଚତା ମଧ୍ୟ ପ୍ରାୟ ୧୦ଫୁଟ କମିସାରିଲାଣି। ନୂତନ ରଥ ନିର୍ମାଣ ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଥିବା ବେଳେ ପ୍ରଶାସନିକ ଅଧିକାରୀମାନଙ୍କ ଅନାଗ୍ରହ ଯୋଗୁଁ ଆଜି ପର୍ଯ୍ୟନ୍ତ ଏହା ସମ୍ଭବ ହୋଇପାରିନାହିଁ। ପୁରୀରେ ଠାକୁରଙ୍କ ରଥ ନିର୍ମାଣ ପାଇଁ ବୌଦ୍ଧଜିଲ୍ଲାରେ ଶହ ଶହ ଏକର ଶ୍ରୀଜଗନ୍ନାଥ ବନପ୍ରକଳ୍ପ ସୃଷ୍ଟି କରାଯାଇଛି। କିନ୍ତୁ ବୌଦ୍ଧରେ ନୂତନ ରଥ ନିର୍ମାଣ ହୋଇପାରୁନଥିବାରୁ ରଥଯାତ୍ରାର ମହତ୍ୱ ଧିରେ ଧିରେ ଧୁମିଳ ହେବା ସହିତ ଯାତ୍ରାର ଆକର୍ଷଣ ମଧ୍ୟ କମିବାରେ ଲାଗିଛି। ସେତେବେଳେ ରାଜା ରଥାଯାତ୍ରା ପାଇଁ ବୌଦ୍ଧ ଜଗନ୍ନାଥ ମନ୍ଦିର ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତିକରଣ କରିଥିଲେ। ଯାହାଫଳରେ ହଜାର ହଜାର ଭକ୍ତ ଏହି ବଡଦାଣ୍ଡରେ ରୁଣ୍ଡ ହୋଇ ଠାକୁରଙ୍କ ଦର୍ଶନ କରିପାରୁଥିଲେ। ଏପରିକି ବହୁ ଦୂରରୁ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିପାରୁଥିଲେ। ବର୍ତମାନ ଏହି ବଡଦାଣ୍ଡର ଅନେକାଂଶ ଜବରଦଖଲ ମଧ୍ୟରେ ରହିଥିବା ଅଭିଯୋଗ ହେଉଅଛି। ରଥଖଳା ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲ ଯୋଗୁଁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଗତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିରର ଉନ୍ନତି ପାଇଁ ୧କୋଟିଟଙ୍କା ଅର୍ଥ ଅନୁମୋଦନ ହେବାପରେ ବୌଦ୍ଧ ବିଧାୟକ ଓ ଜିଲ୍ଲା ପ୍ରଶାସନ ମିଳିତ ଉଦ୍ୟମରେ ଜଗନ୍ନାଥ ମନ୍ଦିରର ବିକାଶ ପାଇଁ ପ୍ରସ୍ତାବ ନିଆଯାଇ ମନ୍ଦିର ଚାରିପଟରୁ ଜବରଦଖଲ ହଟାଯାଇ ମନ୍ଦିର ଭିତରେ ସ୍ନାନମଣ୍ଡପ ଓ ଅନ୍ୟ ଦେବାଦେବୀଙ୍କ ମନ୍ଦିରଗୁଡିକ ବ୍ୟବସ୍ଥିତ ଭାବରେ ନିର୍ମାଣ କାର୍ଯ୍ୟ ସହ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଆସନ୍ତା ରଥଯାତ୍ରା ପୂର୍ବରୁ ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲ୍ଲାପାଳ ଲଳାଟେନ୍ଦୁ ମିଶ୍ର ଗୁରୁତ୍ୱ ପ୍ରଦାନ କରିବାସହ ପ୍ରତ୍ୟକ୍ଷ ଓ ନିୟମିତ ଭାବରେ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା ଜାରି ରଖିଛନ୍ତି । କିନ୍ତୁ ରଥଯାତ୍ରା ପୂର୍ବରୁ ବଡଦାଣ୍ଡର ପୁନରୁଦ୍ଧାର କରାଯାଇପାରିଲେ ବୌଦ୍ଧ ରଥଯାତ୍ରାର ଆକର୍ଷଣ ପୁଣିଥରେ ଫେରିଆସିବ ବୋଲି ସାଧାରଣରେ ମତପ୍ରକାଶ ପାଉଅଛି।

# ଦ୍ୱାଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ

କନ୍ଧମାଳ,୧୪।୨ (ନି.ପ୍ର): ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ଆଗାମୀ ମାର୍ଚ୍ଚ ୨୩ ରୁ ଅପ୍ରେଲ ୩ ତାରିଖ ପର୍ଯ୍ୟନ୍ତ ଫୁଲବାଣୀ ସହରରେ ଅନୁଷ୍ଠିତ ହେବାକୁଥିବା ଦ୍ୱାଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ନିମନ୍ତେ,ପ୍ରାକ୍ ପ୍ରସ୍ତୁତି ବୈଠକ ପରିଚାଳନା କମିଟି ର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ବେହେରା ଓ ପ୍ର. ତୀର୍ଥ ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ବହୁ ସାହିତ୍ୟିକ ଓ ସଂସ୍କୃତି ପ୍ରେମୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ଅନୁଷ୍ଠାନର ସମ୍ପାଦକ ଡ.କାହ୍ନୁଚରଣ ଶତପଥି ଆୟୋଜନ ହେବାକୁ ଥିବା ଏହି ଉତ୍ସବକୁ ସମ୍ପୂର୍ଣ୍ଣ କୋଭିଡ୍ ନିୟମ ପ୍ରକାରେ ପାଳନ କରାଯିବ ଏଥିରେ ଶତାଧିକ ଷ୍ଟଲ କରାଯିବା ସହ ପ୍ରତ୍ୟେକ ଦିନ ସଂଧ୍ୟାରେ ଜିଲ୍ଲା ତଥା ଜିଲ୍ଲା ବାହାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ବୋଲି କହିବା ସହିତ ବିଭିନ୍ନ ମଂଚ ପ୍ରତିଯୋଗିତା ଓ କୁଇଜ୍ କରାଯିବା ନେଇ ଆଲୋଚନା କରିଥିଲେ । ବିଭିନ୍ନ ଦିବସରେ ଓଡିଆ ଭାଷା ପ୍ରତିଷ୍ଠାନ,ସାହିତ୍ୟ ଏକାଡେମୀ,ଓଡିଆ ସ୍ୱାଭିମାନ ମଂଚ, ଉତ୍କଳ ସମ୍ମିଳନୀ, କୁଇ ଭାଷା ପ୍ରତିଷ୍ଠାନର ଆଲୋଚନା ବୈଠକ ସହ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ,କଳାକାର ସମାବେଶ ଅନୁଷ୍ଠିତ ହେବ । ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତି ମାନଙ୍କୁ ପୁରସ୍କୃତ କରାଯିବ । ଏଥିପାଇଁ ଆବେଦନ କରିବା ପାଇଁ ସମ୍ପାଦକ ଅନୁରୋଧ କରିଛନ୍ତି । ପୁସ୍ତକ ଉତ୍ସବ ପାଇଁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସର୍ବ ସାଧାରଣ ସ୍ତରରେ ଲିଖିତ ଓ ମଂଚ ପ୍ରତି ଯୋଗିତା କରାଯିବ । ମଂଚରେ ଶିଶୁ କିଶୋର ମାନଙ୍କ ପାଇଁ ଲିଟିଲ କୁଇନ୍ ଓ ଲିଟିଲ୍ ମାଷ୍ଟର, ଝୋଟି -ଚିତା, ପଦ୍ୟାନ୍ତ ଓ ଚିତ୍ର କଳା ଆଦି ପ୍ରତିଯୋଗିତା ମାନ ରହିଛି । ଆଗ୍ରହି ପୁସ୍ତକ ଓ ବାଣିଜ୍ୟିକ ବିପଣୀ ବିକ୍ରେତା ଷ୍ଟଲ ସଂରକ୍ଷଣ ପାଇଁ ସମ୍ପାଦକଙ୍କ ସହ ଯୋଗାଯୋଗ କରିବାକୁ ପୁସ୍ତକ ଉତ୍ସବ କମିଟି ତରଫରୁ ଅନୁରୋଧ କରାଯାଇଛି । ବୈଠକରେ ଅନୁଷ୍ଠାନର କର୍ମକର୍ତା ପ୍ରଣୟ କୁମାର ସାମନ୍ତରାୟ, ଶରତଚନ୍ଦ୍ର ମହାନ୍ତି,ଗୋପାଳକୃଷ୍ଣ ପଟ୍ଟନାୟକ,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସୋମନାଥ ସାହୁ, ଗୀତାଞ୍ଜଳୀ ପଟ୍ଟନାୟକ, ସରସ୍ୱତୀ ସାହୁ,ପ୍ରଣତି ତ୍ରିପାଠୀ ,ଶିବାନୀ ସୁଆର,ଯାଜ୍ଞସେନୀ ଜାନୀ ,ରୁପମ୍ବିକା ତ୍ରିପାଠୀ ଓ ବନାନୀରାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ । ପୁସ୍ତକ ଉତ୍ସବ ଅବସରରେ କନ୍ଧମାଳ ଜିଲ୍ଲାର ବହୁ ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବା ସହ ଅନୁଷ୍ଠାନ ତରଫରୁ ବନଜ୍ୟୋତ୍ସ୍ନା ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ପୁସ୍ତକ ପ୍ରକାଶ ପାଇବ ବୋଲି କୁହାଯାଇଛି । ଶେଷରେ କର୍ମକର୍ତା ପ୍ରଣୟ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜୁଗୁଡାରେ ଔଷଧୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୧୪।୨ (ନି.ପ୍ର): ଖରାଦିନ ଆଗକୁ ଆସୁଛି ଏହାକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ସ୍ୱସ୍ଥ୍ୟ ବିଭାଗ ତତଫରୁ ଲୋକଙ୍କୁ ମଶାରୀ ବଣ୍ଟନ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗଞ୍ଜୁଗୁଡା ପଂଚାୟତରେ ପ୍ରଥମେ କୀଟନାଶକ ଉପଚାରିତ ମଶାରୀ ଲୋକଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଉପାଧ୍ୟକ୍ଷ ମାନସରଞ୍ଜନ ବିଶ୍ୱାଳ,ଡାକ୍ତର କଳ୍ପନା ଦଳେଇ,ଜୀତେନ ଜେନା, ଡା.ପ୍ରତ୍ୟୁଷ ସାମଲ, ଗଞ୍ଜୁଗୁଡା ସରପଂଚ ଶ୍ରୀମତୀ ସୌଦାମିନି କହଁର,ପିଏଚଇଓ ଶ୍ରୀମତୀ ଜ୍ୟୋସ୍ନାରାଣୀ ମହାନ୍ତି,ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର ଶ୍ରୀମତୀ କ୍ରିଷ୍ଣା କୁମାରୀ ବେହେରା,ବିଏଏମ ପ୍ରକାଶ ଚନ୍ଦ୍ର ମହାନ୍ତି, କୁମୁଦଚନ୍ଦ୍ର ସାହୁ, ପ୍ରତ୍ୟୁଷ କୁମାର ସାବତ,ସୁରଥ ସାହୁ, ସିମାଂଚଳ ଦିଗାଲ, ଶ୍ରୀମତୀ ମଧୁସ୍ମିତା ପ୍ରୀୟଦର୍ଶନୀ, ହରପ୍ରିୟା ମିଶ୍ର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜୁଗୁଡାର ୫୭୭ ପରିବାର ଏବଂ ପକନାଗାଁର ୨୪୬ ପରିବାରକୁ ଏହି ମଶାରୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସରୋଜ କୁମାର ସାହୁ ଏବଂ ସୁବ୍ରତ କୁମାର ଶତପଥି ପରିଚାଳନା କରିଥିଲେ ।

# ଶ୍ରୀ କୃପାଳୁଜୀ ମହାରାଜଙ୍କ ଆଗମନ ଦିବସ ପାଳିତ

କୋରେଇ,୧୪।୨ (ନି.ପ୍ର): ପରମପୂଜ୍ୟ ଗୁରୁଦେବ, ଭକ୍ତି ଯୋଗ, ରସାବତାର, ଜଗତଗୁରୁତମ ଶ୍ରୀ କୃପାଳୁଜୀ ମହାରାଜଙ୍କ ପାଣିକୋଇଲି ଆଗମନୀ ଦିବସ ପାଳିତ ହୋଇଛି । ଫେବୃଆରୀ ୧୩ ତାରିଖ ଶ୍ରୀ କୃପାଳୁଜୀ ମହାରାଜ ପରମଭକ୍ତ ଦାଶ ଅନିରୁଦ୍ଧଙ୍କ ବାସଭବନରେ ସ୍ୱଂୟ ପଦାର୍ପଣ କରିଥିଲେ । ପ୍ରତିବର୍ଷ ଏହି ଦିବସକୁ ଆଗମନୀ ଉତ୍ସବ ଦିବସ ଭାବେ ପାଳନ କରାଯାଏ । ଚଳିତ ବର୍ଷ ପାଣିକୋଇଲି କଲ୍ୟାଣ ମଣ୍ଡପ ଠାରେ ଏହା ପାଳନ କରାଯାଇଛି । ଶ୍ରୀ ମହାରାଜଙ୍କ ଫଟୋଚିତ୍ରରେ ମାଲ୍ୟାପାର୍ଣ ସହ ସମସ୍ତ ଯଥାରିତୀ ବିଧି ପାଳନ ସହ ମହୋତ୍ସବ ପାଳନ କରାଯାଇଥିଲା । ପରେ ମଧ୍ୟାନ୍ନରେ ସମୂହ ପ୍ରସାଦ ସେବନ କରାଯାଇଥିଲା ।

# ମୋତେ ମିଳିଥିବା ସମସ୍ତ ସମ୍ମାନ ଓ ପୁରସ୍କାର କେନ୍ଦ୍ରାପଡା ମାଟିକୁ ଅର୍ପଣ କରୁଛି -ଡ଼ଃ ରାମଚନ୍ଦ୍ର ବେହେରା

କେନ୍ଦ୍ରାପଡ଼ା,୧୪।୨ (ନି.ପ୍ର) : ଓଡିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଶାରଳା ପୁରସ୍କାର, ମହାକବି ସଚ୍ଚୀରାଉତରାୟ ପୁରସ୍କାର ସହ ମର୍ଯ୍ୟାଦା ଜନକ ଅତିବଡି ଜଗନ୍ନାଥ ଦାସ ପୁରସ୍କାର ବିଜେତା ପ୍ରଖ୍ୟାତ କଥାକାର, ନାଟ୍ୟକାର ଓ ଔପନ୍ୟାସିକ ଡ଼ଃ ରାମଚନ୍ଦ୍ର ବେହେରାଙ୍କୁ ସାରସ୍ୱତ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି । ପ୍ରାଚୀତାରା ଓ ମୁକ୍ତ ଫାଉଣ୍ଡେସନ ର ମିଳିତ ସଂଯୋଜନାରେ ଶନିବାର ଦିନ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଧପୁର ସ୍ଥିତ ଅମର ଉଦ୍ୟାନ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀତାରା ର ପରିଚାଳନା ସଂପାଦିକା ଗାଳ୍ପିକା ଅବନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀରାମ ଦାସ, କବି ପ୍ରାବନ୍ଧିକ ଡ଼ଃ ସେନାପତି ପଦ୍ମ୍ୟୁମ୍ନ କେଶରୀ, କଥାକାର ଓ ଔପନ୍ୟାସିକ ଡ଼ଃ ବିରଜା ରାଉତରାୟ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ ମହାନ୍ତି, ଚିତ୍ରଶିଳ୍ପୀ ଅଧାପକ ଡ଼ଃ ଅତୁଲ ବଳ, କବି ପ୍ରାବନ୍ଧିକ ଡ଼ଃ ଶତୃଘନ ପାଣ୍ଡବ ଓ ପ୍ରାବନ୍ଧିକ ସାହିତ୍ୟିକ ଡ଼ଃ ବାସୁଦେବ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଡ଼ଃ ବେହେରାଙ୍କ ବ୍ୟବହାରିକ ଜୀବନ , ସାହିତ୍ୟକୃତି, ଅଧାପକ ଜୀବନ ଓ ବ୍ୟକ୍ତିଗତ ଅନୁଭୂତି ସମ୍ବଳିତ ବକ୍ତବ୍ୟ ପ୍ରଦାନ କରି ଡ଼ଃ ବେହେରାଙ୍କ ସରଳ ନିଷ୍କପଟ ବ୍ୟବହାର ଉପରେ ଆଲୋକପାତ କରିଥିଲେ । ଏହାର ଉତର ରେ ଡ଼ଃ ବେହେରା କହିଥିଲେ ଯେ, ମୋ ଲେଖାଲେଖି କାର୍ଯ୍ୟ ମୋର ଆଧାତ୍ମିକ ସାଧନା ପ୍ରକ୍ରିୟା । କୌଣସି ଲେଖା ଲେଖିଲେ ସେଥିରେ ମୋର ଅନୁଭବ, ଆଧାତ୍ମିକତା, ବିଶ୍ୱାସମତ ଓ ଦୃଷ୍ଟିକୋଣକୁ ସଂପୂର୍ଣ୍ଣ ଭାବେ ଶବ୍ଦାୟିତ କରି ଦେଇଥାଏ । କୌଣସି ପୁରସ୍କାର ର ଆନନ୍ଦ ତା ଆଗରେ ଫିକା ପଡିଯାଏ । ମୋତେ ମିଳିଥିବା ସମସ୍ତ ପୁରସ୍କାର ଅଚାନକ ଓ ବିସ୍ମିତ କରିଥାଏ । ମୋର ଯାହା କିଛି ସାରସ୍ୱତ ସାଧନା ଓ ସିଦ୍ଧି ଅଛି ତାକୁ ମୁଁ କେନ୍ଦ୍ରାପଡା ମାଟିକୁ ସମର୍ପଣ କରୁଛି । କେନ୍ଦ୍ରାପଡା ମାଟି ନିକଟରେ ମୁଁ ଚିରକାଳ କୃତଜ୍ଞ ବୋଲି ପ୍ରତିଉତର ଦେଇଥିଲେ । କବି ମାତୃଦତ ମହାନ୍ତିଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରଣଧରର ଜେନା ଅତିଥି ପରିଚୟ ଓ ପୂର୍ବତଟ ରେଳପଥର ଜନ ସଂପର୍କ ଅଧିକାରୀ କବି ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ନବରଙ୍ଗପୁରରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର ,୧୪।୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଂଜୟ କୁମାର ଦାସବର୍ମା ଆଜି ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀଙ୍କୁ ନେଇ ନବରଙ୍ଗପୁର ଜିଲ୍ଲାପଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଯୋଗ୍ୟ ଚାଷୀଙ୍କ ପଡ଼ି ରହିଥିବା ସମସ୍ତ ଧାନ ଆସନ୍ତା ସପ୍ତାହ ମଧ୍ୟରେ ତୁରନ୍ତ କ୍ରୟ କରାଯାଇ ମଣ୍ଡିରୁ ଉଠାଇବାର ସୁବ୍ୟବସ୍ଥା କରାଇବା ପାଇଁ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅସଂପୂର୍ଣ୍ଣ ଅବସ୍ଥାରେ ଥିବା କୋଷାଗୁମୁଡ଼ା ବ୍ଲକ୍ ର କୋଡ଼ିଗାଁ ଓ ଚିର୍ମା ରାସ୍ତାକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ନଦୀ ଉପରେ ନିର୍ମିତ ବିଜୁ ସେତୁ ଏବଂ ନବରଙ୍ଗପୁର ବ୍ଲକ୍ ର ଭତ୍ରା ଶିଉନି ଏବଂ ସିରିସୀ ରୋଡ଼ ସଂଯୋଗ କରୁଥବବାରୁ ଟୁରି ନଦୀ ଉପରେ ନିର୍ମାଣାଧୀନ ବିଜୁ ସେତୁ କାମ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରୁ ଜିଲ୍ଲା ପୂର୍ତ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟାରେ ଥିବା ୧୪ଟି ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ସଂପୂର୍ଣ୍ଣ କରି ଏହି ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ସମୟରେ ଲୋକଙ୍କ ସୁବିଧା ପାଇଁ ଜିଲ୍ଲାର ବନ୍ୟା ପ୍ରଭାବିତ ଅଂଚଳ। କୋଷାଗୁମୁଡ଼ା ବ୍ଲକ୍ ଅଧୀନସ୍ଥ ଉକିଆପାଲି ଗ୍ରାମ୍ୟ ପଂଚାୟତ ଅନ୍ତର୍ଗତ ଘାଟବାସୁଲିଠାରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ରାଜ୍ୟ ରିଲିଫ ଆୟୁକ୍ତଙ୍କୁ ଲିଖିତ ପ୍ରସ୍ତାବ ଦେବାପାଇଁ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ କାର୍ଯ୍ୟର ଅବହେଳା ପାଇଁ ଝରିଗାଁ ଲ୍ୟାମ୍ପର ଡାଟା ଏଂଟ୍ରି ଅପରେଟର ଲମ୍ବୋଧର ପଟ୍ଟନାୟକ ଏବଂ କୋଷାଗୁମୁଡ଼ା ଲ୍ୟାମ୍ପର ଡାଟା ଏଂଟ୍ରି ଅପରେଟର ପଦମ ପୂଜାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ସହକାରୀ ନିବନ୍ଧକ ସମବାୟ ସମିତି ସମୂହ (ଏଆରସିଏସ୍) ବୈଠକରେ ସୂଚନା ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଭଗବତୀ ଭତ୍ରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ ନିମାଇ ଚରଣ ସୁତାର, ଉପଜିଲ୍ଲାପାଳ ଭାସ୍କର ରୋଇତଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ ।

# ଏକ ରାଷ୍ଟ୍ର ଏକ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏକ ରାଷ୍ଟ୍ର ଏକ ନିର୍ବାଚନ ର ଉପରୋକ୍ତ ସକାରାତ୍ମକ ଦିଗଗୁଡ଼ିକ ପ୍ରତି ସଚେତନ ହେବା ସହିତ ଏହି ବ୍ୟବସ୍ଥାରେ ଥିବା କିଛି ନକରାତ୍ମକ ଦିଗଗୁଡ଼ିକ ପ୍ରତି ମଧ୍ୟ ଯତ୍ନବାନ ହେବା ଉଚିତ୍ । ଯଦି ସମକାଳୀନ ବା ଏକକ ନିର୍ବାଚନ ହୁଏ ଉଭୟ ଲୋକସଭା ଓ ବିଧାନସଭା ପାଇଁ ମତଦାତାମାନେ ସମାନ ଦଳର ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାର ସମ୍ଭାବନା ରହିଛି । ଅର୍ଥାତ୍ ଉଭୟ କେନ୍ଦ୍ର ଓ ରାଜ୍ୟରେ ସମାନ ଦଳ ସରକାର ଗଠନ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏହିଭଳି ଘଟଣା ଘଟିଥିଲା ୧୯୫୨,୧୯୫୭ ଓ ୧୯୬୩ ମସିହା ସାଧାରଣ ନିର୍ବାଚନରେ ।ମାତ୍ର ଭିନ୍ନ ଭିନ୍ନ ନିର୍ବାଚନ କ୍ଷେତ୍ରରେ ମତଦାତାମାନେ ଲୋକସଭା ଓ ବିଧାନସଭା ପାଇଁ ଭିନ୍ନ ଭିନ୍ନ ଦଳ ବାଛିବାର ନଜିର ରହିଛି। ସୁତରାଂ ମତଦାତାମାନଙ୍କର ସନ୍ତୁଳିତ ନିଷ୍ପତ୍ତି ନିର୍ଣ୍ଣୟ କ୍ଷେତ୍ରରେ ବ୍ୟାହତ ସୃଷ୍ଟି ହେବ । ପୁନଶ୍ଚ ଏକକ ନିର୍ବାଚନ କ୍ଷେତ୍ରରେ ରାଜନୈତିକ ଦଳଗୁଡିକର ଉତ୍ତରଦାୟିତ୍ୱ ଭାବ ହ୍ରାସ ଘଟିବାର ସମ୍ଭାବନା ମଧ୍ୟ ରହିଛି । ଏତଦବ୍ୟତୀତ ଏକ ସମୟରେ ନିର୍ବାଚନ କରାଗଲେ ସଂସଦ ବା ବିଧାନସଭାର କାର୍ଯ୍ୟକାଳକୁ ଅନାବଶ୍ୟକ ଭାବେ ହ୍ରାସ ବା ବୃଦ୍ଧି କରାଯାଇପାରେ । ଏହାଦ୍ୱାରା ନିମ୍ନ ସଦନର ପ୍ରତିନିଧିମୂଳକ ମୂଲ୍ୟବୋଧ ସହିତ ସଂଘୀୟ ଢାଂଚାର ମର୍ଯ୍ୟଦା ହାନି ହେବାର ସମ୍ଭାବନା ମଧ୍ୟ ସୃଷ୍ଟି ହୋଇପାରେ। ଫଳରେ ସରକାରଙ୍କର ଲୋକଙ୍କ ପ୍ରତି ଥିବା ଦାୟିତ୍ୱଶୀଳତା କ୍ଷୁର୍ଣ୍ଣ ହୋଇଥାଏ ।

ଏହି ସବୁ ନକରାତ୍ମକ ଦିଗଗୁଡ଼ିକ ପ୍ରତି ସଚେତନ ହୋଇ ଏକ ରାଷ୍ଟ୍ର ଏକ ନିର୍ବାଚନ ପ୍ରତି ଥିବା ପ୍ରତିବଦ୍ଧତା ବୃଦ୍ଧି କରିବାକୁ ପଡିବ । ଏଥି ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି ମଧ୍ୟ। ଏକ ରାଷ୍ଟ୍ର ଏକ ନିର୍ବାଚନ ବ୍ୟବସ୍ଥାର ସୁଫଳ ଓ କୁଫଳ ପୁଂଖାନୁପୁଂଖ ଭାବେ ଆଲୋଚନା କରାଯାଇ ଏ ସମ୍ପର୍କରେ ଏକ ସହମତି ସୃଷ୍ଟି କରିବାର ଆବଶ୍ୟକତା ରହିଛି । ବିରୋଧୀଦଳମାନେ ମଧ୍ୟ ସହୃଦୟତାର ସହ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ଆବଶ୍ୟକ । ବିରୋଧ ନାଁ ରେ କେବଳ ବିରୋଧ କରିବା ଗଣତନ୍ତ୍ର ପ୍ରତି ଅସମ୍ମାନ ଅଟେ । ସଭା ସମିତି ତଥା ଖୋଲା ମଂଚ ମାଧ୍ୟମରେ ଖୋଲା ଆଲୋଚନା ଓ ପର୍ଯ୍ୟାଲୋଚନା କରାଯିବାର ଆବଶ୍ୟକତା ଅଛି । ଏହା ହୋଇ ପାରିଲେ ହିଁ ଏକ ରାଷ୍ଟ୍ର ଏକ ନିର୍ବାଚନ ବ୍ୟବସ୍ଥା ଏକ ଫଳପ୍ରଦ ଓ ସର୍ବଜନ ଗ୍ରହଣୀୟ ବ୍ୟବସ୍ଥା ହୋଇପାରିବ। ଫଳରେ ଦେଶର ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବା ସହ ସମୟ ଓ ଅର୍ଥ ଅପଚୟ ଆଦିକୁ ସହଜରେ ରୋକାଯାଇପାରିବ । ସୁତରାଂ ଏକ ରାଷ୍ଟ୍ର ଏକ ନିର୍ବାଚନ ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଅଟେ ।

ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଓୟୁଜେ ପକ୍ଷରୁ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୪।୦୨ (ନି.ପ୍ର):ପୁଲୱାମା ଆତଙ୍କବାଦୀ ଆକ୍ରମଣର ଦ୍ୱିତୀୟ ବାର୍ଷିକ ପୂର୍ତ୍ତି ଅବସରରେ ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ) ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଓୟୁଜେର ଜିଲା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ସିନେମା ଛକଠାରେ କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହିତ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାରତ ଭଳି ଶାନ୍ତିପ୍ରିୟ ରାଷ୍ଟ୍ରର ସୁରକ୍ଷା ପାଇଁ ସୀମାନ୍ତରେ ମୁତୟନ ହୋଇଥିବା ସୈନିକଙ୍କ ମନୋବଳକୁ ବୃଦ୍ଧି ପାଇଁ ଦେଶବାସୀ ସର୍ବଦା କାମନା କରିଆସିଛନ୍ତି। ପଡ଼ୋଶୀ ରାଷ୍ଟ୍ର ସହ ସର୍ବଦା ଉତ୍ତମ ସମ୍ପର୍କ ରକ୍ଷା ପାଇଁ ଭାରତ ଉଦ୍ୟମ ଜାରି ରଖିଥିବା ବେଳେ ଆତଙ୍କବାଦୀ ସଂଗଠନ ଏହାକ ନଷ୍ଟ କରିବାକୁ ଚେଷ୍ଟା କରିବା ଅତ୍ୟନ୍ତ ବର୍ବରୋଚିତ କାର୍ଯ୍ୟ। ଏଭଳି ଶକ୍ତିର ବିନାଶ ପାଇଁ ପ୍ରତ୍ୟେକ ମହଲରୁ ଉଦ୍ୟମ ରହିବା ଉଚିତ ବୋଲି ଓୟୁଜେର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ କୁମାର ଦାସଙ୍କ ସମେତ ସଦସ୍ୟ ମାନସ କୁମାର ବିଶ୍ୱାଳ, ମନୋଜ କୁମାର ରାଉଳ, ଅଜିତ କୁମାର ମହାନ୍ତି, ଅଧୀପ କୁମାର ଜେନା, ଶେଖ ନଜିମ, ଆଜିମ ବାଲେଶ୍ୱରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେରଳରେ ରାଷ୍ଟ୍ର ଉଦ୍ଦେଶ୍ୟରେ ....

ପ୍ରଧାନମନ୍ତ୍ରୀ ମୋଦିଙ୍କ କରକମଳରେ ବିପିସିଏଲ୍ କୋଚି ରିଫାଇନାରୀର ପିଡ଼ିପିପି ପ୍ଲାଂଟ୍ ଏବଂ କୋଚି ସ୍ଥିତ ୱିଲିଙ୍ଗଡ଼ନ ଦ୍ୱୀପପୁଞ୍ଜରେ ରୋ-ରୋ ଜାହାଜକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ସେହିପରି କୋଚି ବନ୍ଦରରେ ଅନ୍ତର୍ଜାତୀୟ କ୍ରୁଜ ଟର୍ମିନାଲ 'ସାଗରିକା' ଓ ସାମୁଦ୍ରିକ ଇଞ୍ଜିନିୟରିଂ ପ୍ରଶିକ୍ଷଣ କେନ୍ଦ୍ର(ବିଜୟ ସାଗର)ର ଉଦଘାଟନ ହୋଇଥିବା ବେଳେ କୋଚି ଠାରେ ସାଉଥ୍ କୋଲ ବର୍ଥର ପୁନଃନିର୍ମାଣର ଶିଳାନ୍ୟାସ କରାଯାଇଛି । ଲୋକାର୍ପଣ ଓ ଶିଳାନ୍ୟାସ ହୋଇଯାଇଥିବା ଏହି ଉଚ୍ଚାଭିଳାଷୀ ପ୍ରକଳ୍ପ ଗୁଡ଼ିକ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ମଜବୁତ୍ କରିବ, କେରଳର ସାମଗ୍ରିକ ବିକାଶ କରିବା ସଙ୍ଗେସଙ୍ଗେ ପର୍ଯ୍ୟଟନକୁ ଗତି ଦେବ। ଏହାସହ ରାଜସ୍ୱ ବୃଦ୍ଧି କରିବା ସହ କେରଳରେ ନିଯୁକ୍ତି ସୁଯୋଗ ତିଆରି କରିବ। ଦେଶର ଭବିଷ୍ୟତର ଭିତିଭୂମି ନିର୍ମାଣ କରିବା ଦିଗରେ ବିପିସିଏଲର ପିଡିପିପି ପ୍ଲାଂଟ ଅନ୍ୟତମ ପଦକ୍ଷେପ। ଏହି ପ୍ଲାଂଟ୍ ସ୍ଥାନୀୟ ଅଂଚଳର ଡାଉନଷ୍ଟ୍ରିମ ପେଟ୍ରୋକେମିକାଲ ଶିଳ୍ପକୁ ପ୍ରୋତ୍ସାହନ ଦେବା ସଙ୍ଗେସଙ୍ଗେ ଅର୍ଥନୀତି ଏବଂ ରୋଜଗାର ବୃଦ୍ଧି କରିବ। ଫଳରେ ବାର୍ଷିକ ୪ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ସଂଚୟ କରାଯାଇପାରିବ। ଅପରପକ୍ଷରେ କୋଚି ବନ୍ଦରରେ ଅନ୍ତର୍ଜାତୀୟ କ୍ରୁଜ ଟର୍ମିନାଲ 'ସାଗରିକା' ସମେତ ଅନ୍ୟାନ୍ୟ ଉଦଘାଟିତ ଜଳପଥ ପ୍ରକଳ୍ପ ଗୁଡ଼ିକ କମ୍ ଖର୍ଚ୍ଚ ସହିତ ବାଣିଜ୍ୟ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ ଏବଂ କେରଳ ଉପକୂଳ ଅଂଚଳକୁ ପରିବର୍ତ୍ତନ କରିବା ସହ ନୂଆ ସୁଯୋଗ ତିଆରି କରିବ। ବିଗତ ୬ ବର୍ଷରେ କେରଳରେ ତୈଳ ଏବଂ ଗ୍ୟାସ ଶିଳ୍ପ ବିଶୋଧନାଗାର, ପାଇପଲାଇନ, ମାର୍କେଟିଂ, ସିଜିଡ଼ି ନେଟୱାର୍କ ସମେତ ପେଟ୍ରୋଲିୟମ ପ୍ରକଳ୍ପରେ ପ୍ରାୟ ୨୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିଛି ।ଏହାସହ ତୈଳଶିଳ୍ପ ବାର୍ଷିକ ଆନୁମାନିକ ୭ ହଜାର ୫୦୦ କୋଟି କେରଳର ରାଜକୋଷକୁ ପ୍ରଦାନ କରୁଛି। ଗତ ମାସ ତଳେ ପ୍ରଧାନମନ୍ତ୍ରୀ ମୋଦି ୪୫୦ କିମି ଲମ୍ବ କୋଚି-ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ ପାଇପଲାଇନ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ଆକାଂକ୍ଷା ପୂରଣ କରିବା ସହ ସେମାନଙ୍କ ଜୀବନଯାପନକୁ ସୁଗମ କରିବା ଏବଂ ଭବିଷ୍ୟତ ପାଇଁ ନୂଆ ଭାରତ ଗଠନ କରିବାକୁ ପ୍ରାଥମିକତା ଦେଉଥିବା ଆଜିର କାର୍ଯ୍ୟକ୍ରମରେ ପ୍ରତିଫଳିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ କେରଳର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ, ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, କେନ୍ଦ୍ରମନ୍ତ୍ରୀ ଭି. ମୁରଲି ଧରନ ଓ ମନସୁଖ ଏଲ. ମାଣ୍ଡଭିୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଧ୍ର ଓ ପଡ଼ୋଶୀ ରାଜ୍ୟ ....

ଜିଲ୍ଲା ହେଉ ଅଥବା ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଓଡ଼ିଶାର ଲୋକମାନଙ୍କୁ ସେ ରାଜ୍ୟର ପଂଚାୟତ ନିର୍ବାଚନରେ ସାମିଲ କରିବା ପାଇଁ ଉଦ୍ୟମ କରିବା ଖବର ଅତ୍ୟନ୍ତ ଚିନ୍ତାର ବିଷୟ। ସରକାର ଆଇନଗତ ପଦକ୍ଷେପ ନେଇଛନ୍ତି। ଏହାକୁ ସଠିକ୍ ଭାବରେ ନିର୍ଣ୍ଣାୟକ ସ୍ଥିତି ପର୍ଯ୍ୟନ୍ତ ନେବେ ବୋଲି ଆଶା। ଏହାସହ ସ୍ଥାନୀୟ ପ୍ରଶାସନ ସୀମାନ୍ତ ଗ୍ରାମ ଗୁଡ଼ିକର ବିକାଶ ଓ ବିଭିନ୍ନ ସରକାରୀ ସେବାକୁ ଗୁରୁତ୍ୱର ସହ ମଜବୁତ୍ କରିବା ମଧ୍ୟ ଜରୁରୀ। ସବୁ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କର ଆମର ମାତୃଭୂମିର ସୀମା ଓ ସୀମାନ୍ତ ଜନତାଙ୍କୁ ବାନ୍ଧି ରଖିବା ପାଇଁ ସମ୍ମିଳିତ ପ୍ରୟାସ ନିଶ୍ଚିତ ଭାବରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

## ବନ୍ଦ ପାଇଁ ସକାଳ ସାଢେ ....

ଭବନର ସାମ୍ନା ଗେଟ୍ କୁ ବନ୍ଦ କରି ଦିଆଯିବ। ପଛ ଗେଟ୍ ଦେଇ ସମସ୍ତ ଯାତାୟତ ହେବ। ରେଡ୍ ବିଲ୍ଡିଂ ଓ ଲୋକସେବା ଭବନର ମୁଖ୍ୟ ବିଲ୍ଡିଂକୁ ସଂଯୋଗ କରୁଥିବା ଗେଟ୍ ଖୋଲା ରହିବ। ପ୍ରବେଶ ବେଳେ କର୍ମଚାରୀ ଓ ଭିଜିଟରମାନଙ୍କ ପାଇଁ ପରିଚୟ ପତ୍ର ଓ ପାସ୍ ଯାଂଚ କରାଯିବ। ପାସ୍ ନଥିଲେ ଗାଡି ଗୁଡିକୁ ଭିତରକୁ ଛଡାଯିବ ନାହିଁ। ପରିଦର୍ଶକମାନଙ୍କ ପାଇଁ ପ୍ରବେଶ ସମ୍ପୂର୍ଣ୍ଣ ବନ୍ଦ ରହିବ। ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ସଚିବଙ୍କ ଅନୁମତି ନେଇ ଯାଇ ହେବ ବୋଲି ଚିଠିରେ ଦର୍ଶାଯାଇଛି।

## ଦୁଇଦିନିଆ ଜିଲ୍ଲାସ୍ତରୀୟ କୃଷିମେଳାରେ....

ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ ଦ୍ୱାରା କିଭଳି ସୁସ୍ଥକର ଏବଂ ଅଧିକ ଶସ୍ୟ ଉତ୍ପାଦନ ହେବ ସେନେଇ ଚାଷୀ ଭାଇମାନଙ୍କ ସହିତ ଆଲୋଚନା କଲି କ୍ଷ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସହାୟତାରେ କିପରି ବୈଷୟିକ ଚାଷ ପ୍ରଣାଳୀରେ ପାରଦର୍ଶିତା ଅର୍ଜନ କରିବେ ସେନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ନୀଳଗିରିର ବିଧାୟକ ଶ୍ରୀ ସୁକାନ୍ତ କୁମାର ନାୟକଙ୍କ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଆସାମରେ ରାହୁଲ ....

ବନ୍ଦ କରିବାକୁ ଇଚ୍ଛା ରଖିଛନ୍ତି । ଏହାକୁ କଂଗ୍ରେସ ସବୁବେଳେ ବିରୋଧ କରୁଛି ଓ କରିବ ବୋଲି ରାହୁଲ କହିଥିଲେ । ସୂଚନାଯୋଗ୍ୟ ଯେ, ଆଉ କିଛି ମାସ ପରେ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଅଛି । ଯାହାକୁ ନେଇ ବିଜେପି ଓ କଂଗ୍ରେସ ଭିତରେ ଜୋରଦାର ଟକ୍କର ଚାଲିଛି । ବିଜେପି ଏଠାରେ ନିଜର ସରକାର ପୁଣି ବଜାୟ ରଖିବାକୁ ଲକ୍ଷ୍ୟ ରଖିଥିବାବେଳେ କଂଗ୍ରେସ ଶାସନକୁ ଫେରିବାକୁ ଇଚ୍ଛା ରଖିଛି ।

## କଂଗ୍ରେସର ଓଡ଼ିଶା ବନ୍ଦ....

ନିଦ୍ୱନ୍ଦ୍ୱରେ ଯିବା ଆସିବା କରିପାରିବ । ଅନ୍ୟପଟେ ଆସନ୍ତାକାଲି ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟ ବନ୍ଦ ରହିବ । ପିଲାମାନଙ୍କୁ ସ୍କୁଲ ଓ କଲେଜ ଯିବାକୁ ମନା କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରିଙ୍କୁ ଶର୍ମା ହତ୍ୟା ମାମଲାରେ ହିନ୍ଦୁ ଜାଗରଣ ମଂଚର ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର ,୧୪।୦୨ (ନି.ପ୍ର): ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ଠାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ କରୁଥିବା ରିଙ୍କୁ ଶର୍ମାଙ୍କୁ ଅତ୍ୟନ୍ତ ନୃଶଂସତାର ସହ ହତ୍ୟା କରା ଯିବା ମାମଲାରେ ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି । ହିନ୍ଦୁ ଜାଗରଣ ମଂଚର ଭୁବନେଶ୍ୱରର ସହ ସଂଯୋଜକ ପ୍ରତୀକ ମହାପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକର୍ତା ମାନେ ମାଷ୍ଟର କାଂଟିନ ଛକ ଠାରେ ବିରୋଧ ପ୍ରଦର୍ଶନକରିବା ସହ ଅପରାଧୀ ମାନଙ୍କୁ ଶୀଘ୍ର ଗିରଫ କରି ଫାସି ଦେବାକୁ ଦାବି କରିଥିଲେ ।

# ମା ବାସୁଳୀ ମାତା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ନନ୍ଦିନୀ ଇଲେଭେନ୍ ଷ୍ଟାର୍ ବାଇପାଟଣା ଚମ୍ପିୟାନ



ବାଲିଆପାଳ,୧୪।୦୨ (ନି.ପ୍ର): ବାଲିଆପାଳ ବ୍ଲକ ର ମଧୁପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତଚୌଧୁରୀ କୁଦ ଚରବସ୍ତ କାଳରୁଇ ଖେଳ ପଡିଆ ରେ ଅନୁଷ୍ଠିତ ହୋଇ ଆସୁଥିବା ମା ବାସୁଳି ମାତା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଅଛି। ଫାଇନାଲ ଖେଳ ନନ୍ଦିନୀ ଇଲେଭେନ୍ ଷ୍ଟାର୍ ବାଇପାଟଣା ସହିତ ବ୍ଲକ ପାଟୁର ରାଜଘାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନନ୍ଦିନୀ ଇଲେଭେନ୍ ଷ୍ଟାର୍ ବାଇପାଟଣା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୮ ଉଇକେଟ ହରାଇ ୨୦୪ ରନ କରିଥିଲେ। ଜବାବରେ ବ୍ଲକ ପାଟୁର ରାଜଘାଟ ଟିମ ନିର୍ଦ୍ଧାରିତ ୨୦ ଓଭର ରେ ସମସ୍ତ ଉଇକେଟ୍ ହରାଇ ୧୩୪ ରନ୍ କରି ରନରସପ୍ ହୋଇଥିଲା.ନନ୍ଦିନୀ ଇଲେଭେନ୍ ଷ୍ଟାର୍ ବାଇପାଟଣା, ବ୍ଲକ ପାଟୁର ରାଜଘାଟ ଟିମ କୁ ୭୦ ରନ ରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟ ରେ ଚମ୍ପିୟାନ ହେଇଥିଲା। ଉଦଯାପନୀ ଉତ୍ସବରେ ଯୁବନେତା ଲମ୍ବୋଦର ମାହାନା ସଭାପତିତ୍ୱ କରିଥିଲେ, ମୁଖ୍ୟ ଅତିଥି ଭାବରେ ୨୧ ନମ୍ବର ଜୋନ ର ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ , ମୁଖ୍ୟ ବକ୍ତା ଭାବେ ୨୩ ନମ୍ବର ଜୋନ ର ଜିଲ୍ଲା ପରିଷଦ ସଦସ୍ୟା କସ୍ତୁରୀ ବାଳା ପାତ୍ର, ସମ୍ମାନିତ ଅତିଥି ଭାବରେ ସମିତିସଦସ୍ୟ ପ୍ରତିନିଧି ମନ୍ମଥ ବାରିକ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ, ପଞ୍ଚାନନ ସାହୁ, ବରିଷ୍ଠ ସାମ୍ବାଦିକ ଅଜିତ୍ ଦାସ, ବରିଷ୍ଠ ସାମ୍ବାଦିକ ପ୍ରତାପ ପାତ୍ର ମୃତ୍ୟୁଞ୍ଜୟ ନାୟକ ସଞ୍ଜୟ ପ୍ରଧାନ,ପ୍ରମୁଖ ଯୋଗ ଦେଇଏହି ଟୁର୍ଣ୍ଣାମେଣ୍ଟ ଦ୍ୱାରା ଆଞ୍ଚଳିକ କ୍ରିକେଟ ଟିମ ମାନେ ଅଂଶ ଗ୍ରହଣ କରି ଖେଳ ପ୍ରଦର୍ଶନ କରି ଗାଁ ଗାଁ ମଧ୍ୟରେ ବନ୍ଧୁତା ସ୍ଥାପନ କରିବାରେ ସହାୟକ ସାଜିଛନ୍ତି। ଯାହା ଦ୍ୱାରା ଯୁବ ପିଢ଼ି ମଧ୍ୟରେ ଉତ୍ତମ ବନ୍ଧୁତା ସ୍ଥାପନ ହେବ ସହିତ ନିଜ ଅଞ୍ଚଳର ଯୁବ ପ୍ରତିଭା ମାନଙ୍କର ବିକାଶ ହୋଇପାରୁଛି ବୋଲି ମତ ବ୍ୟକ୍ତ କରିବା ସହ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ଅଣ୍ଡିଆ ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ ।

# ଖଦୀବୋର୍ଡର ସଦସ୍ୟ ମନୋନୀତ



ବାରିପଦା: ୧୪/୦୨/୨୦୨୧ ଆଜି ଓଡିଶା ଖୋଦି ଓ ଗ୍ରାମ୍ୟ ଉଦ୍ୟୋଗ ବୋର୍ଡର ନୂତନ ସଭ୍ୟ ମନୋନିତ କରାଯାଇଅଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ଟାଣୁଆ ନେତା ତଥା ସମାଜ ସେବୀ ଏବଂ ବାରିପଦା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସରୋଜ କୁମାର ଗୋପ୍ (ବୁଲେଟ୍)ଙ୍କୁ ୧୦ ଜଣିଆ ସଦସ୍ୟ କମିଟିରେ ସ୍ଥାନ ମିଳିଅଛି। ଏହାର ସଭାପତି ଶ୍ରୀ ସଂଗ୍ରାମ କେଶୋରୀ ପାଇକରାୟ ଅଛନ୍ତି ଏହି କମିଟିରେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜସେବୀ ମାନେ ସ୍ଥାନ ପାଇଅଛନ୍ତି। ଏହି ଚୟନରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଯୁବ ଛାତ୍ର ଓ ବୁଦ୍ଧିଜିବୀ ଏବଂ ବ୍ୟସାୟୀଙ୍କ ମଧ୍ୟ ଖୁସିର ଲହରୀ ଖେଳିଯାଇଅଛି। ଏହି ଦାୟୀତ୍ୱ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବିଭାଇ) ଉତ୍ତର ଭୁବନେଶ୍ୱର ବିଧାୟକ ଶୁସାନ୍ତ ରାଉତ (ବାବୁ ଭାଇ) ଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି ।

## ଅଖିଳ ଭାରତୀୟ ଭାଇଚାରା ସଂଘ ପକ୍ଷରୁ ସହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଭଦ୍ରକ,୧୪।୦୨ (ନି.ପ୍ର): ଗତ ୨୦୧୯ ମସିହା ଫେବୃୟାରୀ ୧୪ ତାରିଖରେ ପୁଲୱାମାରେ ଆମ ସେନାବାହିନୀର ଯେଉଁ ଯବାନମାନେ ଆମକୁ ସୁରକ୍ଷା ଦେବାକୁ ଯାଇ ଦେଶପାଇଁ ପ୍ରାଣବଳି ଦେଇ ସହୀଦ ହୋଇଥିଲେ, ସେମାନଙ୍କୁ ସମ୍ମାନ ଜଣାଇ ଆଜିର ଦିନକୁ ସହୀଦ ଦିବସ ରୂପେ ପାଳନ କରିଛନ୍ତି ଭଦ୍ରକ ବନ୍ତଛକସ୍ଥିତ ଅଖିଳ ଭାରତୀୟ ଭାଇଚାରା ସଂଘର କର୍ମକର୍ତ୍ତାମାନେ। ଏଥିଉପଲକ୍ଷେ ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ବନ୍ତଛକରୁ ଏକ ମହମବତୀ ଶୋଭାଯାତ୍ରା ବନ୍ତଛକରୁ ବାହାରି ସହର ପରିକ୍ରମା କରିବା ପରେ ଅପର୍ତ୍ତିବିନ୍ଧା ଛକସ୍ଥିତ ସହୀଦ ବେଦୀରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ଉପଦେଷ୍ଟା ସାମ୍ବାଦିକ ପ୍ରମୋଦ ରାୟ, ଇଂ ହବିବୁଲ୍ଲା ଖାଁ , ଦିବ୍ୟସିଂହ ନାୟକ, ଅନ୍ତର୍ଯ୍ୟାମୀ ଓଝା, ଅଶୋକ ଦାସ, ମିର୍ ବୁଦ୍ଧୁଙ୍କ ସମେତ ସେକ୍ ବାବୁଜାନ, ସେକ୍ ସାଗର, ଆଲୋକ ବେହେରା, ସେକ୍ ମୁସ୍ତାକ, ସେକ୍ ମଣ୍ଟୁ, ସେକ୍ ସାରୋ, ସେକ୍ ରାଜୁଦ୍ଦିନ୍, ସତ୍ୟବ୍ରତ ସାହୁ, ମନ୍ମଥ କୁମାର ପାଢୀ, ସେକ୍ ଅବଦୁଲ ଗୋଲାମ ଓ ସେକ୍ ରାଜୁ ପ୍ରମୁଖ ଅଂଶଗ୍ରହଣ କରି ସହୀଦ ମାନଙ୍କ ଉଦ୍ଦେଶ୍ୟରେ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# 'ବୈରାଗୀ' ପୁସ୍ତକର ଉନ୍ମୋଚନ କଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ବାଲେଶ୍ୱର,୧୪।୦୨ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ରବିବାର ଦିନ ବିଶିଷ୍ଟ କବି ଯଚିନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ରଚିତ ''ବୈରାଗୀ'' ପୁସ୍ତକର ଉନ୍ମୋଚନ କରିଛନ୍ତି । ନୀଳଗିରି ଠାରେ ରାଜ୍ୟସ୍ତରୀୟ ସାରସ୍ୱତ ବନ୍ଧୁମିଳନ, କବିତା ଆସର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସେ ଏହି ପୁସ୍ତକର ଉନ୍ମୋଚନ କରିଛନ୍ତି । ସଂପ୍ରତି ପରିସ୍ଥିତିରେ ଯୁବପିଢ଼ିଙ୍କ ସାହିତ୍ୟ ଏବଂ ଭାଷା ପ୍ରତି ସେତେଟା ଆଗ୍ରହ ରହୁନଥିବା ବହୁବାର ପରିଲକ୍ଷିତ ହୋଇଛି କିନ୍ତୁ ମୋର ବିଶ୍ୱାସ ''ବୈରାଗୀ'' ପୁସ୍ତକଟି ଯୁବ ସମାଜ ସମେତ ସମାଜର ସବୁ ବର୍ଗର ପାଠକୀୟଙ୍କ ମଧ୍ୟରେ ବିଶେଷ ଆଦୃତି ଲାଭ କରିବ ବୋଲି ସେ କହିଥିଲେ। ଏହି ଅବସରରେ ନୀଳଗିରିର ବିଧାୟକ ଶ୍ରୀ ସୁକାନ୍ତ କୁମାର ନାୟକ ମଧ୍ୟ ଉପସ୍ଥିତ ଥିଲେ ।

## ଆନ୍ଧ୍ର ସରକାର ଭୋଟ କରାଇ ନେବା ଲଜ୍ଜାର ବିଷୟ : ପ୍ରଦୀପ୍ତ ନାୟକ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ଆନ୍ଧ୍ର ସରକାର ସୀମାବର୍ତ୍ତୀ ଅଂଚଳରେ ଭୋଟ କରାଇ ନେବା ଲଜ୍ଜାର ବିଷୟ ବୋଲି କହିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ । ପ୍ରଶାସନର ନିଷ୍କ୍ରିୟତା କାରଣରୁ ଏପରି ହୋଇଛି ବୋଲି ସେ କହିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଗତକାଲି ଓଡ଼ିଶାର ସୀମାବର୍ତୀ ଅଚଂଳରେ ଯେଉଁଭାବରେ ଆନ୍ଧ୍ରପ୍ରଦେଶ ସରକାର ଭୋଟ କରିଲେ ଆମ ରାଜ୍ୟ ପାଇଁ ଏହା ଠାରୁ ବଡ଼ ଲଜ୍ଜାର କଥା ଆଉ କିଛି ନହୋଇପାରେ । ୧୩ ଫେବୃଆରୀ ଓଡ଼ିଶାର ଇତିହାସରେ ଏକ କଳା ଦିନ ହୋଇ ରହିଗଲା । ଆମ ସରକାରୀ ପ୍ରଶାସନ କାହିଁକି ଆମ ଲୋକମାନଙ୍କୁ ବୁଝାଇବାରେ ବିଫଳ ହେଲେ, ଯାହା ଫଳରେ ଆନ୍ଧ୍ରପ୍ରଦେଶ ସରକାର ଭୋଟ କରାଇବାରେ ସଫଳ ହେଲେ । ଏହା ଉପରେ ତଦନ୍ତ ହେବା ଦରକାର । ଭୋଟ ଦିନ କାହିଁକି ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ମୁଖ୍ୟମନ୍ତ୍ରୀ ପଠାଇଲେ ନାହିଁ ଏହା ବଡ଼ ଆଶ୍ଚର୍ଯ୍ୟ ଜନକ । ଜିଲ୍ଲାପାଳଙ୍କ ନିଷ୍କ୍ରିୟତା ପାଇଁ ଏପରି ଘଟଣା ଘଟିଲା । କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ମୁଁ ଆନ୍ଧ୍ରପ୍ରଦେଶ ସରକାରଙ୍କ ଏହି ଅସମ୍ବିଧାନିକ କାର୍ଯ୍ୟକଳାପକୁ ଯେତିକି ନିନ୍ଦା କରୁଛି, ଓଡିଶା ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା, ଅପାରଗତା, ଆଦିବାସୀ ବିରୋଧୀ ମାନସିକତାକୁ ସେତିକି ନିନ୍ଦା କରୁଛି ।

# ପ୍ରେମୀ ଯୁଗଳଙ୍କ ବିବାହ



ଭଦ୍ରକ,୧୪।୦୨ (ନି.ପ୍ର): ମହିଳା ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରାୟୋଜିତ ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ଆସିଆନା ସୁଧାର ଗୃହରେ ଅନ୍ତେବାସୀ ବୈଶାଖୀ ମହାନ୍ତିଙ୍କ ବିବାହ ନିଜ ପ୍ରେମିକ ପ୍ରକାଶ ବେହେରାଙ୍କ ସାଙ୍ଗରେ କୁଆଁସ ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିରରେ ବୈଦିକ ରୀତିରେ ସମ୍ପୂର୍ଣ୍ଣ ହୋଇଯାଇଛି। ପ୍ରକାଶ ଥାଉକି ବୈଶାଖି ଓ ପ୍ରକାଶଙ୍କ ମଧ୍ୟରେ ଦୁଇବର୍ଷ ହେବ ପ୍ରେମସମ୍ପର୍କ ଗଢିଉଠିଥିଲା। ବୈଶାଖିଙ୍କ ପରିବାର ଉଭୟଙ୍କ ସମ୍ପର୍କକୁ ବିରୋଧ କରିବାରୁ ଉଭୟ ଗତ ଅକ୍ଟୋବର ୨୦୧୯ରେ ଘରଛାଡ଼ି ବାଙ୍ଗାଲୋର ପଳାଇଯାଇଥିଲେ। ସେଠି କିଛି ଦିନ ରହିବା ପରେ ପ୍ରକାଶ ନିଜ ଗ୍ରାମ ଚାନ୍ଦବାଲି ଥାନାସ୍ଥିତ କୃଷ୍ଣପୁରକୁ ଫେରିଯାଇଥିଲା। ଏପଟେ ବୈଶାଖିର ପରିବାର ପୁରୁଣାବଜାର ଥାନାରେ ନିଜ ଝିଅର ନିଖୋଜ ବିଷୟରେ ଏକ ଏତାଲା ଦେଇଥିଲେ। ପ୍ରକାଶ ଓ ବୈଶାଖି ଉଭୟ ପ୍ରକାଶର ଘରେ ଥିବା ସମୟରେ ପୋଲିସ ବୈଶାଖିକୁ ଉଦ୍ଧାର କରିଥିଲା। ବୈଶାଖି ନିଜ ବାପାମାଆ ପାଖକୁ ଫେରିଯିବାକୁ ଚାହୁଁନଥିଲା। କାରଣ ସେ ପ୍ରକାଶକୁ ନିଜର ଜୀବନସାଥୀ କରିବାକୁ ଦୃଢ ସଂକଳ୍ପ ନେଇଥିଲା। ପରେ ଜିଲ୍ଲାଶିଶୁମଙ୍ଗଳ କମିଟିରେ ହାଜର ହୋଇ ଆସିଆନା ଓପନ ସେଲଟର ହୋମ୍‌ରେ ଆଶ୍ରୟ ଦିଆଯାଇଥିଲା। ବୈଶାଖିର ପ୍ରାପ୍ତ ବୟସ ହେବାପରେ ତାକୁ ଆସିଆନା ସୁଧାର ଗୃହକୁ ସ୍ଥାନାନ୍ତରିତ କରାଯାଇଥିଲା। ଆସିଆନାର ସମ୍ପାଦିକାଙ୍କ ନିର୍ଦ୍ଦେଶ କ୍ରମେ ସୁଧାର ଗୃହର ପରାମର୍ଶଦାତ୍ରୀ ଉଭୟ ପକ୍ଷଙ୍କୁ କାଉନ୍‌ସିଲିଂ କରିଥିଲେ। କିନ୍ତୁ ବୈଶାଖି ନିଜ ଜିଦ୍‌ରେ ଅଟଳ ରହିଥିଲା। ଏଥିରେ ବୈଶାଖିର ମାଆ ଲିଖିତ ବୟାନ ଦେଇଥିଲେ ଯେ ତାଙ୍କ ଝିଅ ବୈଶାଖି ନିଜ ପସନ୍ଦ ବା ଇଚ୍ଛାରେ ବିବାହ କଲେ ମୋର କୌଣସି ଆପତ୍ତି ଅଭିଯୋଗ ନାହିଁ ।

## କଂଗ୍ରେସର ବନ୍ଦ ଡାକରା ପାଇଁ ଦିନ ୧ଟା ଯାଏଁ ଘରୋଇ ବସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ କଂଗ୍ରେସର ବନ୍ଦ ଡାକରାକୁ ଦୃଷ୍ଟି ରଖି ରାଜ୍ୟବ୍ୟାପୀ ଆସନ୍ତାକାଲି ଦିନ ୧ଟା ଯାଏଁ ଘରୋଇ ବସ ଚଳାଚଳ ବନ୍ଦ ରହିବ। ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ସଂଘ ପକ୍ଷରୁ କୁହା ଯାଇଛି ଯେ ସକାଳ ୬ଟାରୁ ଦିନ ଗୋଟିଏ ପର୍ଯ୍ୟନ୍ତ ୭ ଘଂଟା ଯାଏଁ ବସ ଚଳାଚଳ ବନ୍ଦ ରହିବ ଏହା ପରେ ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ ସ୍ୱାଭାବିକ ହେବ।

# ପୁଲୱାମା ସହୀଦଙ୍କ ଦ୍ୱିତୀୟ ସ୍ମୃତି ଦିବସ ପାଳିତ



ଉଦଳା,୧୪।୦୨ (ନି.ପ୍ର): ଆଜକୁ ୨ ବର୍ଷ ତଳେ ଗତ ୨୦୧୯ ମସିହା ଫେବୃଆରୀ ୧୪ ତାରିଖ ଦିନ ଜାମୁ କାଶ୍ମିର ରାଜ୍ୟର ପୁଲୱାମା ଠାରେ ପାକିସ୍ଥାନର ଷଡ଼ଯନ୍ତ୍ରରେ ୪୦ ଜଣ ଭାରତୀୟ ଜବାନ ସହିଦ ହୋଇଥିଲେ । ଉକ୍ତ ଘଟଣା ସମଗ୍ର ଦେଶରେ ଦୁଃଖର ବାତାବରଣ ଖେଳାଇ ଦେଇଥିଲା । ଏହାକୁ ମନେ ପକାଇବା ଓ ପରବର୍ତ୍ତୀ ସମୟରେ ଦେଶର ସୁରକ୍ଷାରେ ନିୟୋଜିତ ଥିବା ସୈନିକ ମାନଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ଉଦ୍ଦେଶ୍ୟରେ ଗୋପବନ୍ଧୁ ମେମୋରିଆଲ ସେବା ଯଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମାଉସୀ ମା ମନ୍ଦିର ପରିସରରେ ଆଜି ଫେବୃଆରୀ ୧୪ ତାରିଖ ରବିବାର ଦିନ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଆଲୋଚନାରେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାହୁ, ପୂର୍ବତନ କାଉନ୍‌ସିଲର ମମତା ସାହୁ, ମହିଳା ପତଞ୍ଜଳୀ ଯୋଗ ସମିତିର ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଅନୀତା ବିଶ୍ୱାଳ, ଏକଲ ଅଭିଯାନର ରାଜ୍ୟ ସ୍ତରୀୟ କର୍ମୀ ଇତି ମିଶ୍ର, ଅବସରପ୍ରାପ୍ତ ଆକାଶ ବାହିନୀର ସୈନିକ ତାରାକାନ୍ତ ରାୟ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ଦୀକ୍ଷିତ, କ୍ରୀଷ୍ଣା କାବେରୀ ସାହୁ, ସରୋଜ କୁମାର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ସେଦିନର ଦୁଃଖଦ ଘଟଣାରେ ସମବେଦନା ଜଣାଇବା ସହିତ ପରବର୍ତ୍ତୀ ସମୟରେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେଇଥିବା ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ସମସ୍ତେ ନିଜ ନିଜର ରୋଜଗାରର କିଛି ଅଂଶ ଦେଶର ସୁରକ୍ଷାରେ ନିୟୋଜିତ ଥିବା ସୈନିକ ମାନଙ୍କ ପାଇଁ ଖର୍ଚ୍ଚ କରିବେ ବୋଲି ସମ୍ମତି ପ୍ରଦାନ କରିଥିଲେ । ପରେ ସେଦିନ ସହିଦ ହୋଇଥିବା ୪୦ ଜଣ ଯବାନଙ୍କ ଉଦ୍ଦେଶ୍ରରେ ୪୦ଟି କ୍ୟାଣ୍ଡେଲ ଜାଳିବା ସହିତ ସମସ୍ତେ 'ବନ୍ଦେ ମା ତରଂ' ଓ 'ଭାରତ ମାତାକି ଜୟ' ଧ୍ୱନି ଦେଇଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

ସୋମବାର, ୧୫ ଫେବୃୟାରୀ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଓଡ଼ିଶା ବନ୍ଦକୁ ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର କାର୍ଯ୍ୟକାରିଣୀ ବୈଠକ ସଂଗଠନର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜ୍ୟ ସଭାପତି, ଜାତୀୟ ଉପସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ସଭାପତିତ୍ୱ କରିବା ଅବସରରେ କେନ୍ଦ୍ରର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ୪ ଟି ଲେବର କୋର୍ଡ଼ର କାର୍ଯ୍ୟକାରୀ ପ୍ରସ୍ତାବକୁ ସଂପୂର୍ଣ୍ଣ ବିରୋଧ କରିଥିଲେ। ଉକ୍ତ ଲେବର କୋର୍ଡ଼ରେ ପ୍ରବାସୀ ଶ୍ରମିକମାନଙ୍କର ମୂଳ ଦରମାକୁ ମଧ୍ୟ କମ୍ କରାଯାଇଛି। ଟ୍ରେଡ଼୍ ୟୁନିଅନର ଅଧିକାରକୁ ସଂପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଟ୍ରେଡ଼୍ ୟୁନିଅନମାନଙ୍କ ସ୍ୱିକୃତି କରଣକୁ ମଧ ଭିନ୍ନ ରୂପ ଦେଇଛନ୍ତି। ଯାହାଦ୍ୱାରା ନୂତନ ପ୍ରସ୍ତାବରେ ଅନ୍ୟୁନ୍ୟ ୫୧% କୁ କମ୍ ଭୋଟ୍ ପାଇଲେ କୌଣସି ସଂଗଠନକୁ ସ୍ୱିକୃତି ପ୍ରଦାନ କରାଯିବ ନାହିଁ। ୩୦୦ ରୁ କମ୍ ଶ୍ରମିକ ଥିବା ଅନୁଷ୍ଠାନକୁ ମାଲିକ ସରକାରଙ୍କ ବିନା ଅନୁମତିରେ ବନ୍ଦ କରିପାରିବେ। କୃଷି ଶ୍ରମିକ ଓ କୃଷକ ମାନଙ୍କ ଧର୍ମଘଟକୁ ମଧ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଆନ୍ଦୋଳନକୁ ଦୃଢ଼ ଭାବେ ସମର୍ଥନ କରାଗଲା। ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ପଞ୍ଜିକରଣ, ନବିକରଣ, ସହାୟତା ପ୍ରଦାନ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲେବର କମିଶନର ଓ ଶ୍ରମ କାର୍ଯ୍ୟାଳୟରେ ପଡ଼ି ରହିଥିବା ବକେୟା ପାଉଣା ଓ ବିଭିନ୍ନ ସରକାରୀ ପ୍ରକ୍ରିୟାକୁ ତୁରନ୍ତ ଶେଷ କରିବା ଉଦ୍ଦେଶ୍ୟରେ ଆସନ୍ତା ତା. ୦୨.୦୩.୨୦୨୨୧ ରିଖ ସମଗ୍ର ରାଜ୍ୟର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରିବା ପାଇଁ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହିତ ହେଲା। ସମଗ୍ର ଦେଶରେ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସର ଆକାଶ ଛୁଆଁ ଦରବୃଦ୍ଧିକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଆଜିର କାର୍ଯ୍ୟକାରିଣୀରେ ଦୃଢ଼ ବିରୋଧ କରାଯିବା ସହିତ ଆସନ୍ତାକାଲି ପେଟ୍ରୋଲ ଓ ଡ଼ିଜେଲ ଦର ବୃଦ୍ଧି ବିରୋଧିରେ କଂଗ୍ରେସ ଦଳ ତରଫରୁ ଦେଇଥିବା ଓଡ଼ିଶା ବନ୍ଦ ଡାକରାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ତରଫରୁ ସମର୍ଥନ ସହିତ ଆନ୍ଦୋଳନରେ ସାମିଲ ହେବାକୁ ଘୋଷଣା କରିଛି।

## ଜିଲ୍ଲା ଯୋଜନା କମିଟି ବୈଠକ : ଯୋଜନା କାର୍ଯ୍ୟକାରୀ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ




ବାଲେଶ୍ୱର,୧୪।୦୨ (ନି.ପ୍ର): ଜିଲା ଯୋଜନା କମିଟିର ବୈଠକ ଜିଲା ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିବା ସହିତ ଜିଲା ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲା ଯୋଜନା କମିଟିକୁ ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲା ପରିଷଦ ସଦସ୍ୟ/ସଦସ୍ୟାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଜିଲାର ବିଭିନ୍ନ ଅଞ୍ଚଳରେ ଖର୍ଚ୍ଚ ପାଇଁ ୨୫ଟି ବିଭାଗ ପକ୍ଷରୁ ପ୍ରାୟ ୨୦୦୧କୋଟି ଟଙ୍କାର ଯୋଜନା ଅଟକଳ ପ୍ରସ୍ତୁତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯିବା ସହିତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଜିଲ୍ଲା ପରିଷଦ ସଭାପତି ନିବେଦିତା ମହାନ୍ତି, ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜଳେଶ୍ୱର ବିଧାୟକ ପ୍ରତିନିଧି ମାନସ ଜେନା, ରେମୁଣା ବିଧାୟକ ପ୍ରତିନିଧି ଶ୍ରୀ ପ୍ରଭାତ କୁମାର ବିଶ୍ୱାଳ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଜିଲ୍ଲା ଯୋଜନା କମିଟିର ସଦସ୍ୟ-ସଦସ୍ୟା, ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇ ବିଭିନ୍ନ କ୍ଷେତ୍ର ଲାଗି ପ୍ରସ୍ତୁତ ହୋଇଥିବା ଯୋଜନାର ଅଟକଳ ଏବଂ ବିଗତ ବର୍ଷମାନଙ୍କରେ ହୋଇଥିବା ଅନୁଦାନ ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରିଥିଲେ।

## ରୂପ-ରଂଗ-ରସ ପ୍ରବାହର ଅନ୍ୟନାମ ତାରୁଣ୍ୟ, ତାର ମୃତ୍ୟୁ ନାହିଁ

### ବି.ବି.ବିଶ୍ୱାଳ ଅଭିନନ୍ଦନ କମିଟିର ୭୭ତମ ଜନ୍ମ ଜୟନ୍ତୀ ପାଳିତ



ଜଳେଶ୍ୱର, ୧୪/୨ (ନିପ୍ର) : ସମାଜରେ ରୂପ-ରଂଗ-ରସର ଶେଷ ନାହିଁ । ତାର ଅନ୍ୟନାମତାରୁଣ୍ୟ, ଯାହାର ମୃତ୍ୟୁ ନାହିଁ ବରଂ ଅଧିକ ଶକ୍ତି ନେଇ ଭବିଷ୍ୟତ ଲାଗି କାମ କରିବାକୁ ମାର୍ଗ ଦେଖାଏ ବୋଲି ଆଜି ବିପିନ ବିହାରୀ ବିଶ୍ୱାଳ ଅଭିନନ୍ଦନ କମିଟି ପକ୍ଷରୁ ତାଙ୍କର ୭୭ତମ ଜନ୍ମମଜୟନ୍ତୀ ପାଳନ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଦୀର୍ଘ ୧୭ବର୍ଷ ଧରି ପ୍ରଫେସର ବିଶ୍ୱାଳଙ୍କ ନାମରେ ଅଭିନନ୍ଦନ କମିଟିଜୟନ୍ତୀ ପାଳନ କରି ଆସୁଛି । ଆଜି ଅନୁଷ୍ଠିତ ଏହି ଉତ୍ସବରେ ଓଡିଶା-ବଂଗ ମୈତ୍ରୀ ଅନୁଷ୍ଠାନର ପ୍ରତିଷ୍ଠାତା ଅଲୋକ ନନ୍ଦି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରଫେସର ବିପିନ ବିହାରୀ ବିଶ୍ୱାଳଙ୍କ କର୍ମମୟ ଜୀବନରେ ସାହିତ୍ୟ ଓ ସଂସ୍କୃତିର ବିକାଶ ଘଟିଥିବା ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ସାହିତ୍ୟ ଏକାଡେମୀର ସଦସ୍ୟ ଭରତ ଚନ୍ଦ୍ର ଦାସ ଓ ମୁଖ୍ୟ ଅତିଥିଭାବେ ପଶ୍ଚିମବଂଗର ବିଶିଷ୍ଟ ସାହିତ୍ୟକାର ଗୋପାଳ ବୋସୁ ଯୋଗ ଦେଇ ଯୁଗେ ଯୁଗେ ତାରୁଣ୍ୟର ପ୍ରଗତି ହୋଇଛି । ସୃଜନର ଅନ୍ୟନାମ ତାରୁଣ୍ୟ ତାହା ପ୍ରତ୍ୟେକ ଜୀବନର ଓଁକାର ଧ୍ୱନୀବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ବିଜୟ କୁମାର ମିଶ୍ର, ସୂର୍ଯ୍ୟକାନ୍ତ ପାତ୍ର, ସୁକାନ୍ତ ଗିରି, ମାନସ କୁମାର ଦେଓ, ସନ୍ତୋଷ କୁମାର ନାୟକ, ଡ. ଅଜିତ୍ କୁମାର ମହାନ୍ତି, ତାନଶ୍ରୀପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଘୋଷ, ଶାନ୍ତି ଲତା ପ୍ରଧାନ, ମହେନ୍ଦ୍ର ବାରିକ, ସୁଜାତା ସାମଲ, ହରିପଦ ପ୍ରମାଣିକଅନିରୁଦ୍ଧ ମଣ୍ଡଳ, ସୁବଳ ମୈକାଲ, ଡଃ ଉତ୍ତମ ନାୟକ, ମାୟାଧର ନାୟକ ପ୍ରମୁଖ ଓଡିଶା ଓ ପଶ୍ଚିମବଂଗର ବହୁ କବି, ଲେଖକ, ସାହିତ୍ୱିକ ବକ୍ତବ୍ୟ ରଖିଥିଲେ । ପ୍ରଥମ ଅଧିବେଶନରେ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଡଃ ରମାକାନ୍ତ ଭଂଜ ଅଧ୍ୟକ୍ଷତା କରିଥିଲେ ।

## ଜାଲ୍ ସାର୍ଟିଫିକେଟରେ ଚାକିରୀ ଦେଇ ଯୋଗାଣ ସହାୟକ ଗିରଫ

ଭବାନୀପାଟଣା,୧୪।୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ପଥର୍ଲା ପଚାଂୟତରେ ୯ ବର୍ଷ ହେଲା ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରୀ କରୁଥିବା ଯୋଗାଣ ସହାୟକ ଧରାପଡିଛନ୍ତି । ଘଟଣାରେ କେସିଙ୍ଗା ପୋଲିସ ତାଙ୍କୁ ଗିରଫ କରିଛି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।

## 'ପାପଗର୍ଭ' ଚଳଚ୍ଚିତ୍ରର ମହୁରତ ଅନୁଷ୍ଠିତ



ଭୁବନେଶ୍ୱର,୧୪।୦୨ (ନି.ପ୍ର): ଭି ଟିୟୁନ୍ସ ପ୍ରୋ ଏବଂ ଭାଇବସ୍ ମିଉଜିକ୍ ପ୍ରଡକ୍‌ସନ୍ ଦ୍ୱାରା ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ପାପଗର୍ଭ'ର ଶୁଭ ମହୁରତ ବରମୁଣ୍ଡାସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଚଳଚ୍ଚିତ୍ରରେ ଓଲିଉଡ୍‌ର ଜଣାଶୁଣା ନାୟକ ଚନ୍ଦନ କରଙ୍କ ସହ ନବାଗତା ନାୟିକା ନିବେଦିତା ରାଉତ ଅଭିନୟ କରୁଛନ୍ତି। ପ୍ରସାଦ ପଣ୍ଡା ଓ ରାକେଶ ସାମଲ ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ କାହାଣୀ ଓ ସଂଳାପ ଲେଖିଛନ୍ତି ଶକ୍ତି ମହାନ୍ତି। ଚିତ୍ରନାଟ୍ୟ ଦାୟିତ୍ୱରେ ରାକେଶ ସାମଲ ଅଛନ୍ତି। ଏହି ଚଳଚ୍ଚିତ୍ରଟିର ସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହୋଇ ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ ଚଳଚ୍ଚିତ୍ର ଉତ୍ସବରେ ସାମିଲ କରିବାର ସମ୍ପୂର୍ଣ୍ଣ ଟିମ୍ ତରଫରୁ ଯୋଜନା ରଖାଯାଇଅଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୩,୦୧,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।



ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କ ୯ମ ଗଳ୍ପ ପୁସ୍ତକ 'ସ୍ତନ୍ୟପାୟୀ ଓ ଅନ୍ୟାନ୍ୟ କାହାଣୀ' ଉନ୍ମୋଚନ ଅବସରରେ ।

## କଂଗ୍ରେସ ପକ୍ଷରୁ ଗଣ ଦସ୍ତଖତ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧୪।୦୨ (ନି.ପ୍ର): ଜାତୀୟ କୀର୍ତିରାଜୀ ପ୍ରାଧିକରଣ ଅଧିନୀୟମକୁ ନେଇ ଯେଉଁ ପ୍ରସଙ୍ଗ ଉପୁଜିଛି ସେଥିରେ ଉଭୟ ବିଜେଡ଼ି ଓ ବିଜେପି ନାଟକବାଜି କରୁଛନ୍ତି। ଉଭୟ ଦଳ ପ୍ରତ୍ୟେକ ନୀତି ନିଷ୍ପତିରେ ଏକ ରହିଥିବା ସ୍ଥଳେ ଲିଙ୍ଗରାଜ ମହାପ୍ରଭୁଙ୍କ କ୍ଷେତ୍ରରେ ନିଜକୁ ଭିନ୍ନ ଭିନ୍ନ ଦର୍ଶାଉଛନ୍ତି। ଏହା ଏକ ପ୍ରତାରଣା ବୋଲି କଂଗ୍ରେସ ପକ୍ଷରୁ କୁହା ଯାଇଛି। ଶ୍ରୀମନ୍ଦିରରୁ ଯେପରି ଏନ୍.ଏମ୍.ଏ ବାଇ-ଲ ପ୍ରତ୍ୟାହାର ହେଲା ସେହିପରି ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିରକୁ ଏହି ବାଇ-ଲ କଟକଣାରୁ ମୁକ୍ତ କରାଯିବା ଦାବିରେ କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଇଛି। ଏକାମ୍ର କ୍ଷେତ୍ରର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ କଂଗ୍ରେସର ଲଢ଼େଇରେ ଆପଣ ସାମିଲ ହୋଇ ଏଥିରେ ନିଜର ସ୍ୱାକ୍ଷର କରିବାକୁ ଅନୁରୋଧକରା ଯାଇଛି। କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଆପଣମାନଙ୍କ ସ୍ୱାକ୍ଷର ସମ୍ବଳିତ ଦାବି ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ। ଶ୍ରୀକ୍ଷେତ୍ରର ଜଗନ୍ନାଥ ଏବଂ ଏକାମ୍ର କ୍ଷେତ୍ରର ଲିଙ୍ଗରାଜ ମହାପ୍ରଭୁଙ୍କ ମଧ୍ୟରେ ଉଭୟ ଦଳ ପ୍ରଭେଦ ସୃଷ୍ଟି କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହା ଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟସରକାଙ୍କ କଳି ଭିତରେ ଏକାମ୍ର କ୍ଷେତ୍ରର ସ୍ୱାର୍ଥ ବଳି ନପଡ଼ିଯାଉ। ଏଠିକାର ବିକାଶରେ ଏନ୍.ଏମ୍.ଏ ବାଇ-ଲ ପ୍ରତିବନ୍ଧକ ସାଜିବ ବୋଲି ସ୍ପଷ୍ଟ ହୋଇପଡ଼ିଛି। ବାଇ-ଲ ବଳବତର ରହିଲେ ସଂପୃକ୍ତ ମନ୍ଦିର ଏବଂ ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ, ପୁନରୁଦ୍ଧାର କାର୍ଯ୍ୟ ଏବଂ ବିକାଶମୂଳକ ଯୋଜନା ଏବଂ ପାରିପାର୍ଶ୍ୱିକ ଭିତିଭୂମିର ଉନ୍ନତି କରଣ ବାଧାପ୍ରାପ୍ତ ହେବ ବୋଲି କୁହା ଯାଇଛି।

## ସହୀଦ ଭଗତ ସେନା ଓ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୧୪।୦୨ (ନି.ପ୍ର): ଭଦ୍ରକର ସହୀଦ ଭଗତ ସେନା ଓ ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ଆନୁକୂଲ୍ୟରେ ଆଜି ପୁଲୱାମାର ସହୀଦମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନୂଆବଜାରସ୍ଥିତ ଶିବମନ୍ଦିର ପରିସରରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭଗତ ସେନାର ଆବାହକ ସୀତାଂଶୁ ମହାପାତ୍ର ଓ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରୋହିତ ରାୟ ସହୀଦ ଭଗତ ସିଂଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଏହି ସଭାର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ଶ୍ରୀ ମହାପାତ୍ର ପୁଲୱାମାର ସହୀଦମାନଙ୍କ ଉଦ୍ଦେଶ୍ୟର ନିଜ ବକ୍ତବ୍ୟ ରଖି ଆମ୍ଭମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଶତ୍ରୁ ସୈନ୍ୟଙ୍କୁ ନିପାତ କରି ଭାରତମାତାର ଯେଉଁ ବୀର ସୈନିକ ମାନେ ପ୍ରାଣବଳି ଦେଇଛନ୍ତି, ସେମାନଙ୍କ ତ୍ୟାଗ ଓ ଆଦର୍ଶକୁ ଆଜିର ଯୁବପିଢ଼ି ପାଥେୟ କରିବା ଉଚିତ୍ ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭଗତ ସେନାର ବହୁ ଯୁବକ ଓ ଅବସରପ୍ରାପ୍ତ ସୈନିକ ସଂଘର କର୍ମକର୍ତ୍ତାମାନେ ମହମବତୀ ଜାଳି ସହୀଦମାନଙ୍କ ଉଦ୍ଦେଶ୍ୟରେ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବିଭିନ୍ନ ସଂଗଠନ ପକ୍ଷରୁ ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୪।୦୨ (ନି.ପ୍ର): ଜମ୍ମୁ ଓ କାଶ୍ମୀରର ପୁଲୱାମାଠାରେ ସନ୍ତ୍ରାସବାଦୀ ଆକ୍ରମଣକୁ ଦୁଇ ବର୍ଷ ପୂରିଥିବା ବେଳେ ଶହୀଦ୍ ୪୦ ଜଣ ସିଆରପିଏଫ ଯବାନ୍‌ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ରବିବାର ସଂଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ପାର୍କ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀରାମ ସେନାର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବାଲେଶ୍ୱର ସହରର ବହୁ ଯୁବ-ଛାତ୍ର ଯୋଗଦେଇ କ୍ୟାଣ୍ଡେଲ ଜାଳିବା ସହ ଶହୀଦ ଯବାନ୍‌ଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୁବନେତା ମାନସ କୁମାର ଦତ ଏଥିରେ ଯୋଗଦେଇ ଶହୀଦ ଯବାନଙ୍କ ବଳିଦାନକୁ ସ୍ମରଣ କରିବା ସହ ସମଗ୍ର ଦେଶ ବୀର ଯବାନମାନଙ୍କ ସାଥିରେ ଛିଡା ହୋଇଚନ୍ତି ବୋଲି କହିଥିଲେ । ବୀର ଶହୀଦମାନଙ୍କ ଅମର ବଳିଦାନକୁ ମନେ ପକାଇ ଦେଶ ରକ୍ଷାରେ ବ୍ରତୀ ହୋଇପାରିଲେ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ଶ୍ରୀରାମ ସେନାର କର୍ମକର୍ତାମାନେ କହିଥିଲେ । ସହରର ବିଭିନ୍ନ ବର୍ଗର ଲୋକେ ଏଥିରେ ଯୋଗଦେଇ ପାକିସ୍ତାନର ବର୍ବୋରଚିତ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହିତ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ବାଲେଶ୍ୱରର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସ୍ଥାନୀୟ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶହୀଦ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏବିଭିପିର ସଦସ୍ୟଙ୍କ ସହ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସଦସ୍ୟମାନେ ମହତବତୀ ଜାଳି ଅମର ଯବାନଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରହୋିତ କୁମାର ପାଢୀ, ମହେନ୍ଦ୍ର ପ୍ରତାପ ଜେନା, ଶ୍ରୀକାନ୍ତ ନାୟକ, ନେତାଜୀ ତାପସ କୁମାର ସାହୁ, ସତ୍ୟପ୍ରକାଶ ମାଝୀ, ବିଶ୍ୱଜିତ ଡିଙ୍ଗାଲ, ଜ୍ଞାନରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏଥରେ ଯୋଗ ଦେଇ ବୀର ଶହୀଦଙ୍କ ଅମର ବଳିବାନର ସୃତିଚାରଣ ସହ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

## ଓଡିଆ ବାଣୀଭଣ୍ଡାରକୁ କବି ସନ୍ତୋଷ ଚୌଧୁରୀଙ୍କ ଅବଦାନ ଅତୁଳନୀୟ

### 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ପାଳିତ



ବାରିପଦା,୧୪।୦୨ (ନି.ପ୍ର): ମୟୂରଭଞ୍ଜର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତଃ ସନ୍ତୋଷ କୁମାର ଚୌଧୁରୀ ଥିଲେ ଏକନିଷ୍ଠ ସାରସ୍ୱତ ସାଧକ ତଥା ଅଦ୍ୱିତୀୟ ପ୍ରତିଭାଧାରୀ ବ୍ୟକ୍ତିତ୍ୱ । ଓଡିଆ କାବ୍ୟ ଜଗତକୁ କବି ସନ୍ତୋଷ ଚୌଧୁରୀଙ୍କ ଅବଦାନ ଅତୁଳନୀୟ । ସେ ଥିଲେ ଏକ ଅମ୍ଳାନ ପ୍ରତିଭା । ସେଭଳି ମୌଳିକ କାବ୍ୟପ୍ରତିଭାର କେବେ ଅନ୍ତ ହୁଏ ନାହିଁ । ଜଣେ ନିରଳସ ସାହିତ୍ୟ ସାଧକ ଭାବେ ଖ୍ୟାତି ଅର୍ଜନ କରିଥିବା ଏହି ଦିବଙ୍ଗତ ପ୍ରତିଭା ସବୁବେଳେ ବୃଥା ଆତ୍ମ ପ୍ରଶଂସା ଠାରୁ ଦୂରେଇ ରହି କେବଳ ଆତ୍ମିକ ଓ ଆଧ୍ୟାତ୍ମିକ ଉତ୍ତୋରଣ ପାଇଁ ସାହିତ୍ୟସେବା ବ୍ରତରେ ବ୍ରତୀ ହୋଇ ସମାଜ କଲ୍ୟାଣ ପାଇଁ ମନୋନିବେଶ କରିଥିଲେ। ଆଧ୍ୟାତ୍ମ ସାହିତ୍ୟଠୁ ଆରମ୍ଭ କରି ଗୀତି କବିତା, ଭକ୍ତିଗୀତ, ଆଧୁନିକ କବିତା, ଗଳ୍ପ ପ୍ରବନ୍ଧ ଏମିତି ସାହିତ୍ୟର ସବୁ ବିଭାଗରେ ତାଙ୍କର ଲେଖନୀ ଚଳଚଞ୍ଚଳ ଥିଲା । ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ଗଢି ୧୯୯୪ରୁ ତା'ର ମୁଖପତ୍ର ଭାବେ ଓଡିଆ ସାହିତ୍ୟ ସଂସ୍କୃତିର ବାର୍ତ୍ତାବହ ତ୍ରୈମାସିକ ଶଙ୍ଖ ପତ୍ରିକା ପ୍ରକାଶନ କରି ମୟୂରଭଞ୍ଜ ଜିଲ୍ଲାରେ ସେ ଯେଉଁ ସାରସ୍ୱତ ଆନ୍ଦୋଳନର ଶଙ୍ଖ ଧ୍ୱନି ଫୁଙ୍କିଥିଲେ ତାହାର ପ୍ରତିଧ୍ୱନି ରାଜ୍ୟର ଉପାନ୍ତ ଜିଲ୍ଲା ମାଲକାନଗିରି ପର୍ଯ୍ୟନ୍ତ ପହଞ୍ଚି ଥିଲା । ନବପ୍ରତିଭାଧରଙ୍କୁ ସୁଯୋଗ ଦେଇ ଓଡିଆ ସାହିତ୍ୟର ସଂରକ୍ଷଣ ଓ ପରିବର୍ଦ୍ଧନ କ୍ଷେତ୍ରରେ ତାଙ୍କର ଭୂମିକା ଅବର୍ଣ୍ଣନୀୟ ବୋଲି କବି ସନ୍ତୋଷ କୁମାର ଚୌଧୁରୀଙ୍କର ପଞ୍ଚମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସମାରୋହରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି । ଆମେ ମୟୂରଭଞ୍ଜିଆ ପକ୍ଷରୁ ବାଘୋଡାରୋଡ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରବଚକ ମାନସଶେଖର ଶିକ୍ଷାବିତ୍ ଭାଗବତ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବୟିତ୍ରୀ ସୁଧାମୟୀ ଦାସ, ଗାଳ୍ପିକା ବାସନ୍ତୀଲତା ମହାପାତ୍ର, ବାରିପଦା ଆକାଶବାଣୀର ସଂଯୋଜକ ସତ୍ୟାନନ୍ଦ ସେଜପଡା, ସମାଜସେବୀ ବିବେକାନନ୍ଦ ପାତ୍ର, ଅବସରପ୍ରାପ୍ତ କ୍ରୀଡା ପ୍ରଶାସକ କୁମାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ଚୌଧୁରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଦିବଙ୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ ।

## ବହୁ ଚର୍ଚ୍ଚିତ ପାକଟିଆ ଛାତ୍ରୀ ନିବାସ ବନ୍ଦ ଘଟଣା

# ଆଦିବାସୀ ଛାତ୍ରୀନିବାସ ପୁନଃ ଖୋଲିବାକୁ ଦାବି



ବାରିପଦା,୧୪।୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଶୁଳିପଦା ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ୍ ଅଟେ। ଏହି ବ୍ଲକ୍ ଅନ୍ତର୍ଗତ ପାକଟିଆ ବାଳିକା ଉଚ୍ଚ ବିଦ୍ୟାଳୟ ହେଉଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଶୁଳିଆପଦା ବ୍ଲକ୍‌ର ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ। ଏଣୁ ଏହି ଆଦିବାସୀ ବହୂଳ ଶୁଳିଆପଦା ବ୍ଲକ୍‌ର ଅନେକ ଛାତ୍ରୀଙ୍କ ମାଧମିକ ଶିକ୍ଷା ନିମନ୍ତେ ଉପଯୁକ୍ତ ସୁଯୋଗ ସୃଷ୍ଟି କରିଥିଲା ଏହି ଛାତ୍ରୀ ନିବାସ। ଏଠାରେ ଅଧୟନ କରି ବହୁ ଛାତ୍ରୀ ଉପକୃତ ହୋଇଛନ୍ତି ଏବଂ ଏବେ ମଧ ଏଠାରେ ଅଧୟନ କରିବାକୁ ବହୁ ଛାତ୍ରୀ ଆଗ୍ରହ ପ୍ରକାଶ କରନ୍ତି। ଆଦିବାସୀ ଛାତ୍ରୀମାନଙ୍କ ଶିକ୍ଷାପ୍ରାପ୍ତିକୁ ସହଜ କରିବା ପାଇଁ ୨୦୦୭ ମସିହାରୁ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଏକ ଆଦିବାସୀ ଛାତ୍ରୀନିବାସ ଏଠାରେ ପ୍ରତିଷ୍ଠା କରାଯାଇଥିଲା। ବର୍ଷପରେ ବର୍ଷ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟରେ ବିଭିନ୍ନ ବିଦ୍ୟାଳୟରେ ଆଦିବାସୀ ଛାତ୍ରୀନିବାସ ପ୍ରତିଷ୍ଠା କରାଯାଇଥିଲେ ମଧ, ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକାରୀ ମାନେ ପ୍ରଥମ ପର୍ଯ୍ୟାୟରେ ହିଁ ଏଠାରେ ଏହି ଛାତ୍ରୀନିବାସ ପ୍ରତିଷ୍ଠା କରିବାର ସିଦ୍ଧାନ୍ତ ନେଇଥିଲେ। ଛାତ୍ରୀନିବାସ ପ୍ରାରମ୍ଭରୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିଧାସଳଖ ଏହାର ପରିଚାଳନା ଦାୟିତ୍ୱ ବହନ କରିଥିଲେ। ଏହାର ଲୋକପ୍ରିୟତା ଯୋଗୁଁ ପ୍ରତିଷ୍ଠା ଠାରୁ ଏହାର ସିଟ୍ ସବୁବେଳେ ପୂର୍ଣ୍ଣ ହେଉଥିଲା ଏବଂ ବହୁ ଗରିବ ଆଦିବାସୀ ଛାତ୍ରୀ ଉପକୃତ ହୋଇ ଆସୁଥିଲେ। ରେଜଲ୍ଟ ମଧ ଭଲ ହେଉଥିଲା। ମାତ୍ର ୨୦୧୬ ମସିହା ଠାରୁ ଜିଲ୍ଲା ମଙ୍ଗଳ ଅଧିକାରୀ, ମୟୂରଭଞ୍ଜ ଏହି ଛାତ୍ରୀନିବାସର ପରିଚାଳନାରେ ଅବାଂଛିତ ହସ୍ତକ୍ଷେପ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏ ଛାତ୍ରୀନିବାସ ସମସ୍ତ ଦାୟୀତ୍ୱରୁ ବହିଷ୍କାର କରି ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ସାଥୁଆ ଙ୍କୁ ଏହି ଦାୟୀତ୍ୱ ଦେଲେ। ଆଦିବାସୀ ଛାତ୍ରାବାସ ଗୁଡିକର ପରିଚାଳନା ଦାୟୀତ୍ୱ ସିଧାସଳଖ ପ୍ରଧାନ ଶିକ୍ଷୟିତ୍ରୀ ବହନ କରିବାର ସ୍ପଷ୍ଟ ସରକାରୀ ନିର୍ଦ୍ଦେଶନାମା ଥିଲେ ମଧ ଜିଲ୍ଲା ମଙ୍ଗଳ ଅଧିକାରୀ ଏହାକୁ କାହିଁକି ଉଲ୍ଲଙ୍ଘନ କଲେ ତାହା ତଦନ୍ତ ସାପେକ୍ଷ। ଅଧିକନ୍ତୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ଭାବରେ ଛାତ୍ରୀନିବାସର ସମସ୍ତ ଦାୟୀତ୍ୱ ଯଥା ବ୍ୟାଙ୍କ ଆକାଉଣ୍ଟକାରବାର ଯାହାକି ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଅଛି, ପି.ଡି.ଏସ୍. ଚାଉଳ ଉଠାଣ ଆଦି, ଯାହାକି ପ୍ରଧାନ ଶିକ୍ଷୟିତ୍ରୀ ସିଧାସଳଖ ନିର୍ବାହ କରିବାର ନିୟମ ରହିଛି ତାଙ୍କୁ ଏଥିରୁ ସଂପୂର୍ଣ୍ଣ ଅଲଗା କରି ଉକ୍ତ ସହକାରୀ ଶିକ୍ଷୟିତ୍ରୀ ସିଧାସଳଖ ସେସବୁ ନିର୍ବାହ କରିବାକୁ କ୍ଷମତା ପ୍ରଦାନ କରାଗଲା। ଶ୍ରୀମତୀ ସାଥୁଆ ଦାୟୀତ୍ୱ ନେବାର ତୁରନ୍ତ ପରେ ପରେ ଏଠାରେ ଛାତ୍ରୀ ଅଶାନ୍ତି ଏତେ ତୀବ୍ର ରୂପ ଧାରଣ କରିଥିଲା ଯେ ତାଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ପ୍ରାୟ ସମସ୍ତ ଅନ୍ତେବାସିନୀ ଘୋର ବିପଦ ମୁଣ୍ଡାଇ ଛାତ୍ରୀନିବାସ ଛାଡି ତାଙ୍କ ଅଭିଯୋଗ ଜଣାଇବାକୁ ଦୀର୍ଘ ୨୫ କି.ମି. ବାଟ ଅନ୍ଧକାର ରାତିରେ ପାଦରେ ଚାଲି ଚାଲି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲେ, ଯାହାକି ଗଣମାଧମ ର ହେଡଲାଇନ ସାଜିଥିଲା । ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସାଥୁଆ ଦାୟୀତ୍ୱ ନେବାର ପରେ ଅର୍ଥାତ୍ ୨୦୧୬-୧୭ ଶିକ୍ଷାବର୍ଷ ଠାରୁ ଛାତ୍ରୀ ନିବାସର ଲୋକପ୍ରୟତା ସତ୍ତ୍ୱେ ଏଠାରେ ନୂତନ ଏଡ୍‌ମିଶନ୍ ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo